ଆଜି - ମଙ୍ଗଳବାର
ତାରିଖ - ୦୩ ମାର୍ଚ୍ଚ ୨୦୨୬
ମାସ - କୁମ୍ଭ, ଦିନ - ୧୯
ତିଥି - ପୂର୍ଣ୍ଣିମା, ପକ୍ଷ - ଶୁକ୍ଳ
ନକ୍ଷତ୍ର - ମଘା, ସିଂହ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୬ : ୦୯ : ୦୦
ସୂର୍ଯ୍ୟାସ୍ତ - ୫ : ୪୯ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition   AJIKALI   ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.theajikali.com

Vol.- 40 ISSUE- 320 R.N.I. REGD. No. 44026/86 ବାଲେଶ୍ୱର ୦୩ ମାର୍ଚ୍ଚ ୨୦୨୬ ମଙ୍ଗଳବାର BALASORE 03 MARCH 2026 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦





## ଲଖପତି ବେଟିଆ ଯୋଜନାର ଶୁଭାରମ୍ଭ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଦିଲ୍ଲୀ ସରକାରଙ୍କ ଲଖପତି ବେଟିଆ ଯୋଜନା, ହୋଲି ଏବଂ ଦୀପାବଳି ପାଇଁ ମାଗଣା ଗ୍ୟାସ ସିଲିଣ୍ଡର, ସହେଲି ପିଙ୍କ ସ୍ମାର୍ଟ କାର୍ଡ ଏବଂ ୪୦,୬୪୨ ଝିଅଙ୍କ ଆକାଉଂଟକୁ ୧୦୦ କୋଟିର ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର (ଡିବିଟି) ସ୍ଥାନାନ୍ତର ଆରମ୍ଭ କରିଛନ୍ତି ।ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି କହିଥିଲେ ଯେ ଆଜି ମହିଳାମାନେ ପ୍ରତ୍ୟେକ କ୍ଷେତ୍ରରେ କାନ୍ଧକୁ କାନ୍ଧ ମିଶାଇ ଆଗକୁ ବଢ଼ୁଛନ୍ତି । ସୈନିକ ଭାବରେ, ସେମାନେ ଦେଶର ସୀମାକୁ ସୁରକ୍ଷା ଦେଉଛନ୍ତି । ବୈଜ୍ଞାନିକ ଭାବରେ, ସେମାନେ ପ୍ରୟୋଗଶାଳାରେ ଗବେଷଣା କରୁଛନ୍ତି । କ୍ରୀଡା ପ୍ରତିଯୋଗିତାରେ, ସେମାନେ ଅନ୍ତର୍ଜାତୀୟ ମଂଚରେ ଭାରତୀୟ ପତାକା ଉତୋଳନ କରୁଛନ୍ତି । ମହିଳାମାନେ ରାଜନୀତି, ସମାଜସେବା, ପ୍ରଶାସନ ଏବଂ ବ୍ୟବସାୟ - ସମସ୍ତ କ୍ଷେତ୍ରରେ ନୂତନ ଉଚ୍ଚତାରେ ପହଂଚିଛନ୍ତି । ଦିଲ୍ଲୀର ଲେଫ୍ଟନାଂଟ ରାଜ୍ୟପାଳ ବିନୟ କୁମାର ସକ୍ସେନା, ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, କେନ୍ଦ୍ର ରାଜ୍ୟମନ୍ତ୍ରୀ ହର୍ଷ ମାଲହୋତ୍ରା, ଦିଲ୍ଲୀ କ୍ୟାବିନେଟ ମନ୍ତ୍ରୀ ମଞ୍ଜୀନ୍ଦର ସିଂହ ସିରସା ଏବଂ ଡକ୍ଟର ପଙ୍କଜ କୁମାର ସିଂହ ଏହି ଅବସରରେ ଉପସ୍ଥିତ ଥିଲେ ।ସେ କହିଥିଲେ ଯେ ମହିଳାମାନଙ୍କୁ ଶିକ୍ଷିତ କରିବା, ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିବା ଏବଂ ସେମାନଙ୍କୁ ଉତ୍ସାହ ଏବଂ ସମର୍ଥନ ଯୋଗାଇବା ଆମର କର୍ତବ୍ୟ । ଆମକୁ ଆମର ଝିଅମାନଙ୍କୁ ନିଶ୍ଚିତ କରିବାକୁ ପଡିବ ଯେ ସେମାନଙ୍କ ପାଖରେ ସ୍ୱପ୍ନ ଦେଖିବା ଏବଂ ସେମାନଙ୍କ ସ୍ୱପ୍ନ ପୂରଣ କରିବାର କ୍ଷମତା ଅଛି, ଏବଂ ଆମେ ସେମାନଙ୍କୁ ସାକାର କରିବାରେ ସେମାନଙ୍କ ସହିତ ଠିଆ ହେବା । ରାଷ୍ଟ୍ରପତି କହିଥିଲେ ଯେ ନୂଆଦିଲ୍ଲୀ ହେଉଛି ଦେଶର ରାଜଧାନୀ । ଦେଶର ପ୍ରତ୍ୟେକ ରାଜ୍ୟ ଏବଂ ଅଂଚଳର ଲୋକମାନେ ଏଠାରେ ବାସ କରନ୍ତି । ଯଦି ଦିଲ୍ଲୀର ମହିଳାମାନେ ସୁରକ୍ଷିତ, ଶିକ୍ଷିତ ଏବଂ ଆତ୍ମନିର୍ଭରଶୀଳ ହୁଅନ୍ତି ଏବଂ ସମାଜର ପ୍ରତ୍ୟେକ କ୍ଷେତ୍ରରେ ଆତ୍ମବିଶ୍ୱାସୀ ନେତୃତ୍ୱ ପ୍ରଦାନ କରନ୍ତି, ତେବେ ସାରା ଦେଶରେ ଏକ ସକାରାତ୍ମକ ବାର୍ତା ପଠାଯିବ ।

## ମଦୁରାଇରେ ବହୁବିଧ ବିକାଶ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ତାମିଲନାଡୁର ମଦୁରାଇରେ ୪,୪୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବହୁବିଧ ବିକାଶ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି । ପବିତ୍ର ନଗରୀ ମଦୁରାଇରେ ଏକ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି ତାମିଲନାଡୁର ବିକାଶ ଯାତ୍ରାରେ ଏକ ଗର୍ବର ଅଧ୍ୟାୟ । ଏହି ପ୍ରକଳ୍ପଗୁଡ଼ିକ ସଂଯୋଗୀକରଣକୁ ପରିବର୍ତନ କରିବା, ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ଏବଂ ଯୁବକମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ରାଜ୍ୟର ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ପରିବର୍ତନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଉଚ୍ଚମାନର ଭିତିଭୂମି ନିର୍ମାଣ ମୌଳିକ ଭାବରେ ଲୋକଙ୍କୁ ସଶକ୍ତ କରିବ ।' ଏହି ବିକାଶର ଅର୍ଥ ହେଉଛି କୃଷକମାନଙ୍କ ପାଇଁ ବଜାରରେ ପହଂଚିବା ପାଇଁ ଉତମ ରାସ୍ତା, ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ପାଇଁ ସହଜ ଯାତ୍ରା ଏବଂ ବ୍ୟବସାୟ ପାଇଁ ଦ୍ରୁତ ପରିବହନ', ଶ୍ରୀ ମୋଦୀ ଆଲୋକପାତ କରିଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି, 'ଗତ ବାର ବର୍ଷ ମଧ୍ୟରେ, ଭାରତ ସରକାର ତାମିଲନାଡୁର ରାଜପଥ ନେଟୱାର୍କରେ ଗୁରୁତ୍ୱପୂର୍ଣ୍ଣ ନିବେଶ କରିଛନ୍ତି, ୨୦୧୪ ପରଠାରୁ ଚାରି ହଜାର କିଲୋମିଟରରୁ ଅଧିକ ରାଜପଥ ନିର୍ମାଣ କରାଯାଇଛି ।' ସେ ଦୁଇଟି ପ୍ରମୁଖ ଜାତୀୟ ରାଜପଥ ପ୍ରକଳ୍ପ, ମାରକକନମ-ପୁଡୁଚେରୀ ସେକ୍ସନର ଚାରି ଲେନ ପାଇଁ ଶିଳାନ୍ୟାସ ବିଷୟରେ ଉଲ୍ଲେଖ କରିଥିଲେ, ଯେଉଁଥିରେ କୋଟି କୋଟି ଟଙ୍କାରୁ ଅଧିକ ନିବେଶ ଅନ୍ତର୍ଭୁକ୍ତ । ଉପକୂଳ ପର୍ଯ୍ୟଟନ ଏବଂ ବାଣିଜ୍ୟକୁ ସୁଦୃଢ଼ କରିବା ପାଇଁ ୨,୧୦୦ କୋଟି ଟଙ୍କା ଏବଂ ପରମାକୁଡି-ରାମନାଥପୁରମ ରାସ୍ତାକୁ ଚାରି ଲେନ କରିବା ପାଇଁ ୧,୮୦୦ କୋଟି ଟଙ୍କାରୁ ଅଧିକ ନିବେଶ ସହିତ, ପରବର୍ତୀ ପ୍ରକଳ୍ପ ରାମେଶ୍ୱରମ ଏବଂ ଧନୁଷକୋଡି ଭଳି ସ୍ଥାନଗୁଡ଼ିକୁ ପହଂଚାଇବାରେ ଯଥେଷ୍ଟ ଉନ୍ନତି ଆଣିବ, ତୀର୍ଥଯାତ୍ରୀଙ୍କ ପାଇଁ ଯାତ୍ରାର ସହଜତା ଏବଂ କୃଷି ତଥା ସାମୁଦ୍ରିକ ଉତ୍ପାଦ ପାଇଁ ସୁଗମ ପରିବହନ ସୁନିଶ୍ଚିତ କରିବ । ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଗତ ଦଶନ୍ଧି ମଧ୍ୟରେ, ଭାରତୀୟ ରେଳ ଏକ ଐତିହାସିକ ପରିବର୍ତନ ଦେଇ ଗତି କରିଛି, ଏକ ଆଧୁନିକ, ଦକ୍ଷ ଏବଂ ଲୋକ-କୈନ୍ଦ୍ରିକ ପରିବହନ ବ୍ୟବସ୍ଥା ଭାବରେ ଉଭା ହୋଇଛି । 'ଏହି ପରିବର୍ତନ ବିଶେଷ ଭାବରେ ତାମିଲନାଡୁରେ ଦୃଶ୍ୟମାନ, ଯେଉଁଠାରେ ବର୍ତମାନର ସରକାର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ରେଳ ବଜେଟ ଆବଂଟନ ପ୍ରାୟ ନଅ ଗୁଣ ବୃଦ୍ଧି ପାଇଛି,' ଶ୍ରୀ ମୋଦୀ କହିଥିଲେ । ପ୍ରଧାନମନ୍ତ୍ରୀ ସୂଚାଇଥିଲେ ଯେ ୨୦୦୯ ରୁ ୨୦୧୪ ମଧ୍ୟରେ ହାରାହାରି ବାର୍ଷିକ ଆବଂଟନ ୮୦ କୋଟି ଟଙ୍କା ଥିଲା, ୨୦୨୬-୨୭ ବର୍ଷ ପାଇଁ ଏହା ୭୬୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ସେ ଆହୁରି ବିସ୍ତୃତ ଭାବରେ କହିଛନ୍ତି ଯେ ରାଜ୍ୟରେ ୧୩୦୦ କିଲୋମିଟରରୁ ଅଧିକ ନୂତନ ଟ୍ରାକ ବିଛାଯାଇଛି, ୯୭% ବିଦ୍ୟୁତୀକରଣ ହାସଲ କରାଯାଇଛି, ଏବଂ ଶହ ଶହ ଫ୍ଲାଏଓଭର ତଥା ଅଣ୍ଡରପାସ ସୁରକ୍ଷା ଏବଂ ଦକ୍ଷତାରେ ଉନ୍ନତି ଆଣିଛି । ଏକ ପ୍ରମୁଖ ମାଇଲଖୁଂଟକୁ ମନେ ପକାଇ ପ୍ରଧାନମନ୍ତ୍ରୀ ଗତ ବର୍ଷ ନୂତନ ପାମ୍ବନ ସେତୁ ଉଦଘାଟନ କରିବାର ସୌଭାଗ୍ୟ ବିଷୟରେ ଉଲ୍ଲେଖ କରିଥିଲେ, ଭାରତର ପ୍ରଥମ ଭର୍ଟିକାଲ୍ ବିଷୟରେ ବର୍ଣ୍ଣନା କରିଥିଲେ ।

### ଅଭିନନ୍ଦନ

ରଙ୍ଗରପର୍ବ ହୋଲି ଉତ୍ସବ ଅବସରରେ 'ଆଜିକାଲି'ର ସମସ୍ତ ପାଠକପାଠିକା, ପ୍ରତିନିଧି, ବିଜ୍ଞାପନଦାତା ଓ ଶୁଭେଚ୍ଛୁ ତଥା ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

*- ସମ୍ପାଦକ*

### ଛୁଟି ଘୋଷଣା

ପବିତ୍ର ହୋଲି ତଥା ଦୋଳଉତ୍ସବ ପାଇଁ ତା.୦୩.୦୩.୨୦୨୬ରିଖରୁ ତା୦୪.୦୩.୨୦୨୬ରିଖ ପର୍ଯ୍ୟନ୍ତ ଦୁଇଦିନ 'ଆଜିକାଲି' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହିବ । ପରବର୍ତୀ ସଂସ୍କରଣ ତା୦୬.୦୩.୨୦୨୬ରିଖ ଶୁକ୍ରବାର ପ୍ରକାଶ ପାଇବ ।

*- ପରିଚାଳକ*

## ୬ଟି ରାଜ୍ୟରେ ଝଡ଼ ବର୍ଷା ପାଇଁ ସତର୍କତା ଜାରି କଲା ଆଇଏମଡି



ନୂଆଦିଲ୍ଲୀ : ଉତର-ପଶ୍ଚିମ ଭାରତରେ ଗ୍ରୀଷ୍ମ ଆରମ୍ଭ ହୋଇଛି । ଦିନବେଳା ସୂର୍ଯ୍ୟକିରଣ ପ୍ରବଳ ଗରମ ଆଣିଛି । ପାଣିପାଗ ବିଭାଗ ମଧ୍ୟ ଏହି ସପ୍ତାହରେ ଉତର-ପଶ୍ଚିମ ଏବଂ ମଧ୍ୟ ଭାରତର କିଛି ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାର ପୂର୍ବାନୁମାନ କରିଛି । ଘଂଟା ପ୍ରତି ୩୦ ରୁ ୩୫ କିଲୋମିଟର ବେଗରେ ଗରମ ପବନ ବହିପାରେ । ଆସାମ, ମେଘାଳୟ, ଅରୁଣାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର, ଉତରାଖଣ୍ଡ ଏବଂ ହିମାଚଳ ପ୍ରଦେଶରେ ମଧ୍ୟ ବର୍ଷା ଏବଂ ତୁଷାରପାତ ହେବାର ସମ୍ଭାବନା ଅଛି । ଆଇଏମଡି ଅନୁଯାୟୀ, ଏହି ସପ୍ତାହରେ ଦେଶରେ ଦୁଇଟି ପଶ୍ଚିମ ଝଡ ସକ୍ରିୟ ହେବ । ୪ ମାର୍ଚ୍ଚ ରାତିରେ ପଶ୍ଚିମ ହିମାଳୟ ଅଂଚଳରେ ଏକ ନୂତନ ପଶ୍ଚିମ ଝଡ ଆଶଙ୍କା କରାଯାଉଛି । ୬ ମାର୍ଚ୍ଚରେ ପଶ୍ଚିମ ହିମାଳୟ ଅଂଚଳରେ ଆଉ ଏକ ପଶ୍ଚିମ ଝଡ ମଧ୍ୟ ପହଂଚିପାରେ । ଆଇଏମଡି ଅନୁଯାୟୀ, ଏହି ସପ୍ତାହରେ ଆଶା କରାଯାଉଥିବା ଉଭୟ ପଶ୍ଚିମୀ ଝଡ ଦୁର୍ବଳ ହେବ, କିନ୍ତୁ ସେମାନଙ୍କର ପ୍ରଭାବରେ ୪ ରୁ ୮ ମାର୍ଚ୍ଚ ମଧ୍ୟରେ ଜମ୍ମୁ-କଶ୍ମୀରରେ ବର୍ଷା ଏବଂ ତୁଷାରପାତ ହେବ ।

## ଆଜି ବର୍ଷର ପ୍ରଥମ ଚନ୍ଦ୍ର ଗ୍ରହଣ; ସକାଳ ୬.୨୦ରୁ ପାକତ୍ୟାଗ



ଭୁବନେଶ୍ୱର : ମାର୍ଚ୍ଚ ୩ତାରିଖ ଅର୍ଥାତ୍ ମଙ୍ଗଳବାର ଦୋଳ ପୂର୍ଣ୍ଣିମା ଦିନ ଲାଗୁଛି ଚନ୍ଦ୍ରଗ୍ରହଣ । ଚଳିତ ବର୍ଷର ପ୍ରଥମ ଚନ୍ଦ୍ର ଗ୍ରହଣ ହେବାକୁ ଯାଉଛି । ଭାରତୀୟ ସମୟ ଦିନ ୨ଟା ୧୪ମିନିଟରେ ଏହି ଚନ୍ଦ୍ର ଗ୍ରହଣ ଆରମ୍ଭ ହେବ । ଯେତେବେଳେ ଚନ୍ଦ୍ର ପୃଥିବୀର ଉପଚ୍ଛାୟାରେ ପ୍ରବେଶ କରିବ ସେତେବେଳେ ଦିନ ୩ଟା ୨୦ମିନିଟ ସମୟ ହେଇଥିବ । କିନ୍ତୁ ଏଥିପାଇଁ ସକାଳ ୬ଟା ୨୦ରୁ ଘାତ ସମୟ ଆରମ୍ଭ ହେବ ବୋଲି ପାଞ୍ଜିରେ ଲେଖା ହୋଇଛି । ଏହି ସମୟରୁ ପାକ ନିଷେଧ ହେବା ସହ ଦେବନୀତି ବି ବନ୍ଦ ରହିବ । ଆଂଶିକ ଗ୍ରହଣ ଦିନ ୩ଟା ୨୦ମିନିଟରେ ଆରମ୍ଭ ହୋଇ ପୂର୍ଣ୍ଣଚନ୍ଦ୍ର ଗ୍ରହଣ ଅପରାହ୍ନ ୪ଟା ୩୪ରୁ ୫ଟା ୩୨ ମିନିଟ ଯାଏଁ ଘଟିବ । ଆଂଶିକ ଗ୍ରହଣ ସନ୍ଧ୍ୟା ୬ଟା ୪୭ରେ ଶେଷ ହେବ । ସେଥିପାଇଁ ଏହି ଚନ୍ଦ୍ର ଗ୍ରହଣ ଓଡ଼ିଶାରେ ସନ୍ଧ୍ୟା ୬ଟାରୁ ସନ୍ଧ୍ୟା ୬ଟା ୪୭ ଯାଏ ମାତ୍ର ଆଂଶିକ ଗ୍ରହଣ ଭାବେ ଦେଖାଯିବ । ୨୦୨୬ରେ ୨ଟି ଚନ୍ଦ୍ର ଗ୍ରହଣ ଓ ଦୁଇଟି ସୂର୍ଯ୍ୟ ପରାଗ ଦେଖାଯିବ । ଚନ୍ଦ୍ର ଗ୍ରହଣ ଗୋଟିଏ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ ଯାହାକୁ ଖାଲି ଆଖିରେ ସହଜରେ ଦେଖିହେବ । ଏହାର କୌଣସି ପ୍ରଭାବ ଆମ ଉପରେ ତଥା ପୃଥିବୀ ଉପରେ ନାହିଁ । ଜନ ବିଜ୍ଞାନୀ ଡ.ଶୁଭେନ୍ଦୁ ପଟ୍ଟନାୟକ କହନ୍ତି, ଚନ୍ଦ୍ରଗ୍ରହଣ କେବଳ ପୂର୍ଣ୍ଣିମା ତିଥିରେ ପଡ଼ିଥାଏ । ପୃଥିବୀର ଦୁଇ ପ୍ରକାରର ଛାଇ ରହିଛି । ପ୍ରଥମଟି ଉପଚ୍ଛାୟା ଏକ ଫିକା କଳା ଛାଇ ଯାହା ଖାଲି ଆଖିରେ ଦେଖିବା କଷ୍ଟକର ଓ ଦ୍ୱିତୀୟ ଛାୟା ଯାହା ଏକ ଗାଢ଼ା କଳା ରଙ୍ଗର ଛାଇ ଓ ଖାଲି ଆଖିରେ ପରିଷ୍କାର ଦେଖିହୁଏ ।









# ଆନ୍ତଃବିଶ୍ୱବିଦ୍ୟାଳୟ ଖେଳକସରତ ଓ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.)ଗତ ମାସ ୨୩ ତାରିଖରୁ ଆରମ୍ଭ ହୋଇ ୨୮ ତାରିଖରେ ଶେଷ ହୋଇଥିବା ଆନ୍ତଃବିଶ୍ୱବିଦ୍ୟାଳୟ ଖେଳକସରତ ଓ କ୍ରୀଡ଼ା ପ୍ରତିଯୋଗିତାରେ ୧୫ ଟି ବିଶ୍ୱବିଦ୍ୟାଳୟ ଭାଗ ନେଇଥିବା ବେଳେ ଅନ୍ତିମ ଦିନର ସମାପନୀ ଉତ୍ସବ ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଖେଳାଳିଙ୍କ ସହ ଆସିଥିବା ଟିମ ମ୍ୟାନେଜର ମାନେ ଅତ୍ୟାଧିକ ମଦ୍ୟପାନ କରି କ୍ୟାମ୍ପସ ମଧ୍ୟରେ ଥିବା ଛାତ୍ରୀ ମାନଙ୍କ ପଛରେ ବୁଲି ପେଁକାଳୀ ବଜେଇବା ସହିତ ଦୁର୍ବ୍ୟବହାର କରି ଅଶାଳୀନ ମନ୍ତବ୍ୟ ଦେଇଥିଲେ । ଏଥିସହିତ ପ୍ରତିଦିନ ରାତ୍ରି ୧୨ ପରେ ମଦ୍ୟପାନ କରି ଜବରଦସ୍ତ ଖାଇବା ବ୍ୟବସ୍ଥା କରିବାକୁ ବାଧ୍ୟ କରି ଉପସ୍ଥିତ ସ୍ୱେଚ୍ଛାସେବୀ ଶିକ୍ଷକମାନଙ୍କୁ ମଧ ଦୁର୍ବ୍ୟବହାର କରିଆସୁଥିଲେ । ଘଟଣାକ୍ରମ ଗୁଡ଼ିକ-ସଂଧ୍ୟା ୭ ଟା ପର୍ଯ୍ୟନ୍ତ ଉଦଘାଟନୀ ଉତ୍ସବ ଚାଲିଥିଲା ଓ ବିଜୟୀ ଛାତ୍ରଛାତ୍ରୀମାନେ ନିଜ ନିଜ ମଧ୍ୟରେ ଖୁସି ହୋଇ ନାଚଗୀତରେ ବ୍ୟସ୍ତଥିଲେ । ଏହି ସମୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଆସିଥିବା ଅଫିସିଆଲ ସଦସ୍ୟମାନେ ପ୍ରଚୁର ମଦ୍ୟପାନ କରି ଓ ମଦବୋତଲ ଧରି ପରିସର ଭିତରେ ଛାତ୍ରୀମାନଙ୍କୁ ଖରାପ ବ୍ୟବହାର କରିବା ଆରମ୍ଭ କରିଦେଇଥିଲେ । ଏହାପରେ ଖାଦ୍ୟପାନୀୟ ତଦାରଖ କରୁଥିବା ଦଳଗୁଡ଼ିକସହ ଗାଳିଗୁଲଜ କରିଥିଲେ । ସୂଚନାଯୋଗ୍ୟ ଏହି ପାଂଚଦିନିଆ କାର୍ଯ୍ୟକ୍ରମର ପ୍ରଥମ ଦିନଠାରୁ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଟିମ ମ୍ୟାନେଜର ମାନେ ଅତ୍ୟନ୍ତ ରୁକ୍ଷ ବ୍ୟବହାର କରି ଆସୁଥିଲେ ଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ବାରମ୍ବାର ଅନୁରୋଧ ସତ୍ୱେ ସେମାନ ନିଜ ଆଚରଣ ଓ ଉଚ୍ଚାରଣରେ ପରିବର୍ତନ କରିନଥିଲେ । ଏଥିସହ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳକୁ ବାଲେଶ୍ୱର ରେଳଷ୍ଟେସନ ପର୍ଯ୍ୟନ୍ତ ଛାଡିବା ପାଇଁ ପୂର୍ବନିର୍ଦ୍ଧାରିତ ସମୟ ଅନୁସାରେ ସୂଚୀତ କରାଯାଇଥିଲା ଓ ସେମାନେ ଏଥିପ୍ରତି ସଂପୂର୍ଣ୍ଣ ଅବଗତ ଓ ସହମତ ଥିଲେ । କିନ୍ତୁ ଉକ୍ତ ସମୟରେ ନଯାଇ ବିଶ୍ୱବିଦ୍ୟାଳୟର ସମ୍ମୁଖ ଗେଟ୍ ନିକଟରେ ନିଜର ଜିନିଷପତ୍ର ନେଇ ବସି ରହିଥିଲେ । ଏଥିସହ ମଦ୍ୟପାନ କରିଥିବା ଟିମ ମ୍ୟାନେଜର ମାନେ କେଉଁଆଡେ ଚାଲିଯାଇଥିଲେ । କୁଳପତି ପ୍ରଫେସର ତ୍ରିପାଠୀ ଏହିସମୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟାକରି ବିଫଳ ହୋଇଥିଲେ । ଫେରାର ମ୍ୟାନେଜର ମାନେ ମଧ୍ୟ ଦଳକୁ ଛାଡିଯିବା ସହ ଫୋନ ଉଠାଇନଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୋଚ୍ ମାନଙ୍କୁ ବୁଝାଇବା ସମୟରେ ସେମାନେ ମଧ୍ୟ କର୍ମଚାରୀଙ୍କୁ ଧକ୍କା ମାରିବା ସହ ଗାଳିଗୁଲଜ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ ଅଧିକାରୀ ଓ କର୍ମଚାରୀଗଣ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଟିମ ମ୍ୟାନେଜର ଓ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରି କ୍ୟାମ୍ପସ ଭିତରକୁ ଡାକି ରାତିରେ ରହିବାକୁ କହିଥିଲେ ମଧ୍ୟ ନିଜ ଜିଦଖୋର ମନୋଭାବ ନେଇ ସେମାନେ ଫାଟକ ସମ୍ମୁଖରେ ବସିରହିଥିଲେ ।ଏଥିସହ ଖେଳାଳିମାନଙ୍କୁ ବିଶ୍ୱବିଦ୍ୟାଳୟର ବସ୍ ଯୋଗେ ରେଳଷ୍ଟେସନ ଛାଡିବାକୁ ବାଧା ଦେଇଥିଲେ ଯାହା ଫଳରେ ଦାୟିତ୍ୱରତ ଅଧିକାରୀଙ୍କ ସମେତ ବସ୍ ର କର୍ମଚାରୀମାନେ ଭୋର ୪ଟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ବାଧ୍ୟ ହୋଇଥିଲେ । ଏହି ସବୁ ବିଶୃଙ୍ଖଳିତ ଆଚରଣକୁ ନେଇ ଘଟିଥିବା



ଘଟଣାର ଭିଡ଼ିଓ ଉତୋଳନ କରି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନେ ସୋସିଆଲ ମିଡିଆରେ ଭୁଲ ତଥ୍ୟ ସହ ଉପସ୍ଥାପନ କରିବାର ନଜରକୁ ଆସୁଅଛି, ଯାହା ଫଳରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାବମୂର୍ତି କ୍ଷୁର୍ଣ୍ଣ ହୋଇଛି । ସଂପୂର୍ଣ୍ଣ ଭିଡ଼ିଓକୁ ସଂପାଦିତ କରି ସୋସିଆଲ ମିଡିଆରେ ପୋଷ୍ଟ କରିବା ଅତ୍ୟନ୍ତ ନିନ୍ଦନୀୟ । ସୂଚନାଯୋଗ୍ୟ ଏଥିରେ ଭାଗନେଇଥିବା ଅନ୍ୟ ୧୩ଟି ବିଶ୍ୱବିଦ୍ୟାଳୟ ନିଜ ସ୍ଥାନରେ ସୁରକ୍ଷିତ ପହଂଚି , କାର୍ଯ୍ୟକ୍ରମ ସଂପର୍କିତ ନିଜର ବହୁମୂଲ୍ୟ ମତାମତ ଅତ୍ୟନ୍ତ ଖୁସି ଓ ଉତ୍ସାହର ସହ ପ୍ରକାଶ କରିଛନ୍ତି । ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ସହ ଆସିଥିବା ଟିମ ମ୍ୟାନେଜର ମାନଙ୍କ ଏତାଦୃଶ ଆଚରଣ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ବିଶ୍ୱବିଦ୍ୟାଳୟର ଏପରି କର୍ମଚାରୀଙ୍କୁ ଖେଳାଳିମାନଙ୍କ ସହ ନିୟୋଜିତ କରି ପଠାଇବା ମଧ୍ୟ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ତଥା ଉକ୍ତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଚିନ୍ତାର ବିଷୟ ହୋଇଛି । ଯଦି ଏହି ଭିଡ଼ିଓକୁ ପ୍ରତ୍ୟେକ ସୋସିଆଲ ମିଡିଆ ପ୍ଲାଟଫର୍ମରୁ ପ୍ରତ୍ୟାହାର ନକରି ବିଶ୍ୱବିଦ୍ୟାଳୟକୁ ଅକାରଣରେ ବଦନାମ କରାଯିବାକୁ ଅପଚେଷ୍ଟା କରାଯାଏ ତେବେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାନହାନୀ ମକଦ୍ଦମା କରିବାକୁ ପ୍ରସ୍ତୁତ ହେବ ।

# ବାଲେଶ୍ୱର ଠାରେ ଫକୀରମୋହନ ସାହିତ୍ୟ ପରିଷଦର ପ୍ରତିଷ୍ଠା ଦିବସ ପାଳିତ

ବାଲେଶ୍ୱର (ନି.ପ୍ର.): ଫକୀର ମୋହନ ସାହିତ୍ୟ ପରିଷଦର ପ୍ରତିଷ୍ଠା ଦିବସ ଡକ୍ଟର ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି ।ଏହି ଉତ୍ସବରେ ପ୍ରାକ୍ତନ ତିନି ଜଣ ସଭାପତି ଯୋଗ ଦେଇ ନିଜ ନିଜର ସଭାପତିତ୍ୱ କାଳରେ ନିଜସ୍ୱ ଅନୁଭୂତି ପ୍ରକାଶ କରିଥିଲେ । ପ୍ରଥମେ ଆଲୋଚନାରେ ଭାଗନେଇ ଡକ୍ଟର ହରିଷଚନ୍ଦ୍ର ବେହେରା ମତରଖି ପ୍ରକାଶ କରିଥିଲେ ଯେ ତାଙ୍କ ସମୟରେ କାର୍ଯ୍ୟ ତୁଲାଇବା ପାଇଁ ତାଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡ଼ିଥିଲା ।ତାଙ୍କ ସମୟରେ ୬୦ ବର୍ଷରେ ହୀରକ ଜୟନ୍ତୀ ପାଳିତ ହୋଇଥିଲା । ଓଡ଼ିଶାର ମୂର୍ଦ୍ଧନ୍ୟ ବ୍ୟକ୍ତିତ୍ୱ ବିଶେଷ କରି ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ, ଶାନ୍ତନୁ କୁମାର ଆଚାର୍ଯ୍ୟ ପ୍ରଭୃତିଙ୍କୁ ଅତିଥି ଭାବରେ ଫକୀର ମୋହନ ସାହିତ୍ୟ ପରିଷଦକୁ ଆମନ୍ତ୍ରିତ କରି ଆଣିପାରିଥିଲେ । ସେହିପରି ଅନ୍ୟତମ ପ୍ରାକ୍ତନ ସଭାପତି କବି ବିମଳ ଜେନା ଆଲୋଚନାରେ ଭାଗନେଇ ମତବ୍ୟକ୍ତ କରି କହିଲେ ଯେ ଯାହା




କରିବାର ଥିଲା ବା କରିବାର ନଥିଲା ତାହା ବେଶ୍ ଘଟଣା ବହୁଳ । ସେ ସମୟରେ ସଭାପତିତ୍ୱ କାଳରେ କାର୍ଯ୍ୟନିର୍ବାହ ଭିତରେ ଆଜି ବି ଛାତି ଭିତରେ କୁଶବିଦ୍ଧର ଯନ୍ତ୍ରଣା ଅନୁଭବ କରନ୍ତି ବୋଲି ମତପ୍ରକାଶ କରିଥିଲେ । ତିନି ତିନି ଥର ପ୍ରାକ୍ତନ ସଭାପତି ହୋଇଥିବା ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ଭାଗ ନେଇ କହିଲେ ଯେ ସେ ମାତ୍ର ୧୯ ବର୍ଷରେ ପରିଷଦର କାର୍ଯ୍ୟକାରୀ ସଦସ୍ୟ ୧୯୭୫ ମସିହାରେ ହୋଇ ପାରିଥିଲେ । ଅତି ଦୁର୍ଲଭ ପୁସ୍ତକର ପ୍ରକାଶନ ତାଙ୍କ ସମୟରେ ଉଦ୍ୟମ କରି ପ୍ରକାଶ କରି ପାରିବା,ଫକୀର ମୋହନ ସାହିତ୍ୟ ପରିଷଦ କେନ୍ଦ୍ର ସାହିତ୍ୟ ଏକାଡେମୀ ସହ ପଞ୍ଜିକୃତ ହେବା, ଶାନ୍ତି ଘାଟରେ ସମାଧି ପୀଠ ନିର୍ମାଣ, ୨୦୦୪ ଠାରୁ 'ସାହିତ୍ୟବାହିକା' ପ୍ରକାଶନ, ପରିଷଦରେ ଆୟୋଜିତ କାର୍ଯ୍ୟାବଳୀ ପ୍ରକାଶ ପାଇଁ ପ୍ରଥମ କରି ବୁଲେଟିନ ପ୍ରକାଶନ, ଭାଷା ବନ୍ଦନା ରେକର୍ଡ଼ିଂ କରି ସମ୍ମାନ ପ୍ରଦର୍ଶନ ପୂର୍ବକ ଗାନ କରାଇବା, ଫକୀର ମୋହନ ସେନାପତିଙ୍କ ଚର୍ଚ୍ଚା ପାଇଁ ରାଉରକେଲା, ଶାନ୍ତି ନିକେତନ ଓ ଭୁବନେଶ୍ୱରର ବିଭିନ୍ନ ଅନୁଷ୍ଠାନରେ ଯୋଗ ଦେଇଫକୀର ମୋହନ ସେନାପତିଙ୍କ ଉପରେ ନିଜସ୍ୱ ମତ ରଖିଥିଲେ । ତାଙ୍କର ସଭାପତିତ୍ୱ କାଳରେ ଫକୀର ମୋହନ ସ୍ମୃତି ସମ୍ମାନ, ପ୍ରଥମ ଫକୀର ମୋହନ ଭାଷା ସାହିତ୍ୟ ସମ୍ମାନ, ପୂର୍ବ ସରକାର ଭାଷା ନୂଆ-ଓ-ଓଡ଼ିଶା କାର୍ଯ୍ୟକ୍ରମରେ ଫକୀର ମୋହନ ସାହିତ୍ୟ ପରିଷଦ ବିଶେଷ ସମ୍ମାନିତ ହେବା, ଏବଂ ୩୬୫ଦିନର ଅଚିନ୍ତନୀୟ କାର୍ଯ୍ୟକ୍ରମ ଯାହା ଥିଲା ତାଙ୍କ ପାଇଁ ଗୌରବର ବିଷୟ । ଏହି ସଭାରେ ପ୍ରାକ୍ତନ ସମ୍ପାଦକ ଦୀନବନ୍ଧୁ ଲେଙ୍କା ଓ ପ୍ରଦୀପ ଚାଟାର୍ଜୀ ମଧ ପରିଷଦ ଉପରେ ମତ ରଖିଥିଲେ ।ସଭାର ପ୍ରାରମ୍ଭରେ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ପରିଷଦ ଉପରେ ଲିଖିତ ସଙ୍ଗୀତଟିକୁ କଲ୍ୟାଣୀ ନନ୍ଦ ଏବଂ ସାଥୀମାନେ ପରିବେଷଣ କରିଥିଲେ । ସମ୍ପାଦକ ଡକ୍ଟର ରତ୍ନାକର ସିଂହ ପ୍ରାକ କଥନ ରଖିଥିବା ବେଳେ ରାଜେଶ କୁମାର ଗିରି ମଂଚ ଆହ୍ୱାନ କରିଥିଲେ । କଲ୍ୟାଣୀ ନନ୍ଦ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲେଶ୍ୱର ପୋଲିସକୁ ମିଳିଲା ସଫଳତା: ଏସ୍‌ପି ପ୍ରତ୍ୟୁଷ ଦିୱାକର

ବାଲେଶ୍ୱର (ନି.ପ୍ର.): ବାଲେଶ୍ୱର ସହର ଓ ସହରତଳି ଦେଇ ପ୍ରତ୍ୟେକଦିନ ଲକ୍ଷାଧିକ ଟଙ୍କାର ମାଦକଦ୍ରବ୍ୟ, ଗାଈଗୋରୁ ଓ ଅନ୍ୟାନ୍ୟ ଅତ୍ୟାଧୁନିକ ମୂଲ୍ୟବାନ ସାମଗ୍ରୀ ଚୋରା ବେପାରିମାନେ ଚାଲାଣ କରୁଥିବା ବେଳେ ବାଲେଶ୍ୱର ତାମୁଲିଆ ପୋଲ ଠାରେ ଗତ ୧ ତାରିଖ ବିଳମ୍ବିତ ରାତ୍ରିରେ ସଦର ପୋଲିସ ପେଟ୍ରୋଲିଂ ମାଧ୍ୟମରେ ପାଖାପାଖି ୪ କ୍ୟୁଂଟାଲ ୫୭୭କେ.ଜି. ଗଂଜେଇ ଜବତ କରାଯିବା ସହ ଗୋଟିଏ ଧଳା କଲରର ଟିଭିଏସ ସ୍କୁଟି, ୫ହଜାର ଟଙ୍କା, ୩ଟି ପିସ୍ତଲ, ଗୋଟିଏ ଦେଶୀ ବନ୍ଧୁକ, ୧୪ ରାଉଣ୍ଡ ଖୋଖା, ଗୋଟିଏ ବୁଲେଟ ଏବଂ ଗୋଟିଏ କଳା କଲର ଏବଂ ନାଲି ରଙ୍ଗର ଟିଭିଏସ ଆଟାଜି ଗାଡ଼ି ସମେତ ଗୋଟିଏ ସିଲଭର କଲର ହିରୋପ୍ଲେଜର ସ୍କୁଟି ଏବଂ ୩ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱରର ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିୱାକର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି କି, ସଦର ଥାନା ପକ୍ଷରୁ ଏସଆଇ ସଙ୍କର ମୁର୍ମୁ ଯିଏକି ୧



ତାରିଖ ଦିନ ରାତି ୧୨ଟା ୫୫ମିନିଟ୍ ସମୟରେ ପେଟ୍ରୋଲିଂ କରୁଥିବା ବେଳେ ଗଂଜେଇ ସମେତ ୩ଜଣଙ୍କୁ ଗିରଫ କରି ସେମାନଙ୍କ ଠାରୁ ମାରଣାସ୍ତ୍ର ଜବତ କରାଯାଇଛି । ହୋଲି ପୂର୍ବରୁ ବାଲେଶ୍ୱର ପୋଲିସକୁ ଏକ ବିରାଟ ସଫଳତା ମିଳିଛି ବୋଲି ଏସପି ସୂଚନା ଦେଇଛନ୍ତି । ଗିରଫ ହୋଇଥିବାବ୍ୟକ୍ତିମାନେ ହେଲେ ସଦର ଥାନା କରଂଜିଆ ଭୋଇସାହି ଅଂଚଳର ମନୋଜ ଦାସ ଓରଫ କାଳିଆ(୨୭), ଏବଂ ଖନ୍ତାପଡ଼ା ତୁଣ୍ଡରା ଅଂଚଳର ଲକ୍ଷ୍ମୀଧର ଦାସଙ୍କ ପୁତ୍ର ରାଜୁ ଓରଫ ଗଙ୍ଗାଧର ଦାସ(୩୮) ଏବଂ ଖନ୍ତାପଡ଼ା ଶ୍ରୀଜଙ୍ଗ ଅଂଚଳର ଭଗବାନ ପାଢ଼ୀ(୩୧) ପ୍ରମୁଖଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ଠାରୁ ୩ଟି ପିସ୍ତଲ ଇତ୍ୟାଦି ଜବତ ହୋଇଛି । ଭଗବାନ ପାଢ଼ୀଙ୍କ ନାମରେ ଶିଳ୍ପାଂଚଳ ଥାନାରେ ଏକ ମାମଲା ଥିବା ବେଳେ ସଦର ଥାନାରେ ଏକ ମାମଲା ରହିଛି । ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ସିଟିଡିଏସପି ସୁଭ୍ରାଂଶୁ ଶେଖର ନାୟକ ଏବଂ ସଦର ଥାନା ଅଧିକାରୀ ଅଜୟ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ ।

# ରେମୁଣା ବିଜେପି କାର୍ଯ୍ୟାଳୟରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) ସୋମବାର ଅପରାହ୍ନ ୪ ଘଟିକା ସମୟରେ ରେମୁଣା ବିଜେପି କାର୍ଯ୍ୟାଳୟରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରେମୁଣା ବିଧାୟକ ପ୍ରତିନିଧି କାର୍ତିକ ଚନ୍ଦ୍ର ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ସଭାପତି ଶ୍ରୀ ଈଶ୍ୱର ଚନ୍ଦ୍ର ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ, ସଦର ବ୍ଲକ ରେମୁଣା ବିଧାୟକ ପ୍ରତିନିଧି ଲମ୍ବୋଦର ପ୍ରଧାନ, ସାଂସଦ ପ୍ରତିନିଧି ଉମାକାନ୍ତ ଜେନା, ଗିରିଧାରୀ ଦାସ, ବିଧାୟକଙ୍କ ବ୍ୟକ୍ତିଗତ ସହାୟକ କୃଷ୍ଣ ଚନ୍ଦ୍ର ସାହା, ପୂର୍ବତନ ରେମୁଣା ବ୍ଲକ ଅଧକ୍ଷ ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସଭାପତି ଶ୍ରୀ ବେହେରା ଉପସ୍ଥିତ କାର୍ଯ୍ୟକର୍ତାଙ୍କୁ ପ୍ରଶିକ୍ଷଣ ଶିବିର ସମ୍ବନ୍ଧରେ ଆଲୋକପାତ କରିବା ସହିତ ବିଭିନ୍ନ ସାଂଗଠନିକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦିକା ରବିତା ଦାସ, ଜିଲ୍ଲା ଯୁବ ମୋର୍ଚ୍ଚା ଉପସଭାପତି ନାରାୟଣ ମହନ୍ତ, ଜିଲ୍ଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ବିପିନ ମାରାଣ୍ଡି, ମଣ୍ଡଳ ସଭାପତି ରଘୁନାଥ ପରିଡ଼ା, ମାନସ କୁମାର ମହାନ୍ତି, ବିବେକ ବିକାଶ ରାଉତ, ମାୟାଧର ପ୍ରଧାନ, ପ୍ରଫୁଲ୍ଲ ଦ୍ୱିବେଦୀ, ପୂର୍ବତନ ମଣ୍ଡଳ ସଭାପତି ଭୋଳାନାଥ ପାତ୍ର, କାଉନସିଲର ଶିବୁନ ରୟ, ହେମବତୀ ବେହେରା, ନାରୀ ନେତ୍ରୀ କମଳା ବିନ୍ଧାଣି, ସକମ୍ବରୀ ସିଂ, ଚନ୍ଦ୍ରକାନ୍ତି ପ୍ରଧାନ, ଜୟନ୍ତୀ ପାତ୍ର ଙ୍କ ସମେତ ବିଭିନ୍ନ ପଂଚାୟତରୁ ଆସିଥିବା କାର୍ଯ୍ୟକର୍ତା ।



# ବିଦ୍ୟୁତ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ TPNODLର କୌଶଳ ବିକାଶ କେନ୍ଦ୍ର

ବାଲେଶ୍ୱର, (ନି.ପ୍ର.): ବଢୁଛି ଦକ୍ଷତା । ବିଦ୍ୟୁତ ସେବା ଯୋଗାଣରେ ଆଧୁନିକ ଉପକରଣ ତଥା ଜ୍ଞାନକୌଶଳର ବ୍ୟବହାର କରୁଛନ୍ତି ବିଦ୍ୟୁତ କର୍ମଚାରୀ ଓ କ୍ଷେତ୍ର କର୍ମଚାରୀଙ୍କ ବ୍ୟବହାରିକ ଜ୍ଞାନ ବୃଦ୍ଧି, ସୁରକ୍ଷିତ କାର୍ଯ୍ୟପନ୍ଥା ତଥା ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଦିଗରେ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ବାଲେଶ୍ୱର ସହର ସମେତ ମୟୂରଭଞ୍ଜର ବେତନଟୀ, କେନ୍ଦୁଝରର ଯୋଡ଼ା, ଭଦ୍ରକର ରାହାଞ୍ଜ ଓ ଯାଜପୁରର ପାଣିଲୋଇଲିରେ ପ୍ରତିଷ୍ଠା ହୋଇଛି କୌଶଳ ବିକାଶ କେନ୍ଦ୍ର ଓ କର୍ମଚାରୀଙ୍କ ଦକ୍ଷତା ବିକାଶ ସହ ସହକାରୀ ସଂସ୍ଥା କର୍ମଚାରୀ ତଥା ଡିପ୍ଲୋମା ଏବଂ ଆଇଟିଆଇ ଛାତ୍ରଛାତ୍ରୀଙ୍କ କୌଶଳ ଏବଂ ବ୍ୟବହାରିକ(ପ୍ରାକ୍ଟିକାଲ) ଜ୍ଞାନ ବୃଦ୍ଧି କରିବା ନେଇ ଟିପିଏନଓଡିଏଲ ପକ୍ଷରୁ ଏହା ଏକ ଅଭିନବ ପଦକ୍ଷେପ । ଏହି କେନ୍ଦ୍ର ସ୍ଥାନୀୟ ଆଇଟିଆଇ ଓ ଡିପ୍ଲୋମା ଅଧ୍ୟୟନରତ ପିଲାଙ୍କ ଦକ୍ଷତା ବଢାଇବା ସହ ସେମାନଙ୍କୁ ଅଧିକ କୁଶଳୀ କରିବାରେ ବେଶ ସହାୟକ ହୋଇପାରିଛି ଓ ସୂଚନା ମୁତାବକ, ବିଭିନ୍ନ ସରକାରୀ ଆଇଟିଆଇଗୁଡିକ ସହ ବୁଝାମଣା ପତ୍ର ସ୍ୱାକ୍ଷର କରି ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ପିଲାଙ୍କ ବ୍ୟବହାରିକ ଦକ୍ଷତା ବଢାଇବା ସକାଶେ ଟିପିଏନଓଡ଼ିଏଲ ପକ୍ଷରୁ ବିଗତ ବର୍ଷରେ ୫ ଜିଲ୍ଲାର ୩୫୪ଜଣ ସରକାରୀ ଆଇଟିଆଇ ଇଲେକ୍ଟ୍ରିସିଆନ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଥିବାବେଳେ ଚଳିତ ଆର୍ଥିକ ବର୍ଷରେ ୪୪୦ଜଣ ପିଲାଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ସମସ୍ତ କୌଶଳ ବିକାଶ କେନ୍ଦ୍ରରେ ଅତ୍ୟାଧୁନିକ ଉପକରଣ ସ୍ଥାପନ କରାଯିବା ସହ ଏହାର ବ୍ୟବହାର ସମ୍ପର୍କରେ ସେମାନଙ୍କୁ ସବିଶେଷ ତାଲିମ ମଧ ଦିଆଯାଉଛି । ସେହିପରି ବିଗତ ବର୍ଷରେ ୪ହଜାରରୁ ଅଧିକ କର୍ମଚାରୀ କୌଶଳ ବିକାଶ କେନ୍ଦ୍ରରେ ତାଲିମ ପାଇଥିବାବେଳେ ଚଳିତ ବର୍ଷରେ ୧୩,୮୭୭ ଜଣ ଟିପିଏନଓଡ଼ିଏଲ ତଥା ସହଯୋଗୀ ସଂସ୍ଥାର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ସମୁଦାୟ ୬୦୦ରୁ ଉର୍ଦ୍ଧ୍ୱ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ସୁରକ୍ଷା ସମ୍ପର୍କରେ ୨୩୫ଟି, ବୈଦ୍ୟୁତିକ କାର୍ଯ୍ୟ ସମ୍ପର୍କରେ ରେ ୩୭୪ଟି ତାଲିମ ପ୍ରଦାନ କରାଯାଇଛି । ସେହିପରି ଆଇଟିଆଇ ପିଲାଙ୍କୁ ସୁରକ୍ଷା,



ବୈଦ୍ୟୁତିକ କାର୍ଯ୍ୟ ସମ୍ପର୍କିତ ଯୁଗପୋଯୋଗୀ ଜ୍ଞାନ, ୱାୟାରିଙ୍ଗ, ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ଆବଶ୍ୟକ ଥିବା ଦକ୍ଷତା ଓ ଜ୍ଞାନକୌଶଳ ଆଦି ନେଇ ପ୍ରଶିକ୍ଷଣ ଦିଆଯାଇଛି । ସେହିପରି 'ଟ୍ରେନ ଟୁ ହାୟର' ଭଳି ଏକ ଅଭିନବ ଯୋଜନା ଟିପିଏନଓଡିଏଲ ପକ୍ଷରୁ ଆରମ୍ଭ କରାଯାଇଛି । ଏ ନେଇ ବିଭିନ୍ନ ସରକାରୀ ଡିପ୍ଲୋମା କଲେଜର ଇଲେକ୍ଟ୍ରିକାଲ ଟ୍ରେଡ ପିଲାଙ୍କୁ କ୍ୟାମ୍ପସରେ ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ପରବର୍ତୀ ସମୟରେ ସେମାନଙ୍କୁ ଟିପିଏନଓଡିଏଲରେ ନିଯୁକ୍ତି ପାଇଁ ପ୍ରାଥମିକତା ମଧ ଦିଆଯାଉଛି । ଏହି ରଣନୀତିକ ପଦକ୍ଷେପ କେବଳ ଓଡିଶାର ଯୁବକମାନଙ୍କ ଦକ୍ଷତା ବୃଦ୍ଧି ନୁହେଁ ବରଂ ରାଜ୍ୟରେ ବିଦ୍ୟୁତ୍ କ୍ଷେତ୍ରର ସାମଗ୍ରିକ ବିକାଶ ଏବଂ ନିଯୁକ୍ତି କ୍ଷେତ୍ରରେ ମଧ ସହାୟକ ହେଉଥିବା ଟିପିଏନଓଡ଼ିଏଲର ପରିଚାଳନା ମୁଖ୍ୟ ନିଲେଶ ପୋଟଫଡେ ମତ ରଖିଛନ୍ତି । ଟିପିଏନଓଡ଼ିଏଲ ପକ୍ଷରୁ ପ୍ରଦାନ କରାଯାଉଥିବା ତାଲିମ ସେମାନଙ୍କ ପାଇଁ ବେଶ୍ ସହାୟକ ହୋଇଥିବା ଆଇଟିଆଇ ଛାତ୍ର ସୌମ୍ୟ ରଞ୍ଜନ ସାହୁ କହିଛନ୍ତି । ସେ କହନ୍ତି ଯେ ଏହି ପ୍ରଶିକ୍ଷଣ ପ୍ରାକ୍ଟିକାଲ ଜ୍ଞାନ ବୃଦ୍ଧି କରିବା ସହ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ପ୍ରତି ବିଶେଷ ଦୃଷ୍ଟି ଦେବା ନେଇ ମଧ ସଚେତନ କରିପାରୁଛି ଓ ବହିରେ ପଢୁଥିବା ପାଠକୁ ବାସ୍ତବ ସ୍ତରରେ ବ୍ୟବହାର କରିବା ତଥା ସେ ଦିଗରେ ଅଧିକ ଜାଣିବାକୁ ସୁଯୋଗ ଦେଉଥିବାରୁ ସେ ଟିପିଏନଓଡ଼ିଏଲକୁ ଧନ୍ୟବାଦ ଦେଇଛନ୍ତି । ତେବେ ଟିପିଏନଓଡ଼ିଏଲର କୌଶଳ ବିକାଶ କେନ୍ଦ୍ର କେବଳ ଉତମ ପ୍ରଶିକ୍ଷଣ ନୁହଁ, ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଣ କ୍ଷେତ୍ରରେ ମଧ ବିଶେଷ ସହାୟକ ହୋଇପାରିଛି । ଉତମ କାର୍ଯ୍ୟଦକ୍ଷତା ସହ କର୍ମଚାରୀମାନେ ଦାୟିତ୍ୱ ସମ୍ପାଦନ କରିବା, ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଣ, ବୈଦ୍ୟୁତିକ କାର୍ଯ୍ୟକଳାପରେ ଦୁର୍ଘଟଣାକୁ ଏଡାଇବା ଦିଗରେ ମଧ ଏହି ପଦକ୍ଷେପ ବେଶ୍ କାରିଗର ହେଉଥିବା ଦୃଷ୍ଟିମାନ ହେଉଛି ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) ଆଜି ସକାଳ ଘ: ୧୦ ଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୬୩ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୧୩୧ ଗୋଟି ବ୍ୟକ୍ତିଗତ ଏବଂ ୧୦ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୨୨ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୩୭ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ



ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ଉପ ଜିଲ୍ଲାପାଳ, ବାଲେଶ୍ୱର, ଶ୍ରୀଯୁକ୍ତ ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ପ୍ରଭାତ କୁମାର ବେହେରାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ଚମ୍ପାବତୀଙ୍କୁ ନ୍ୟାୟ ମିଳିବ କେବେ ?

ବାଲେଶ୍ୱର(ନି.ପ୍ର.) ୨ ତାରିଖ ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଦର ଥାନା ଅନ୍ତର୍ଗତ କୁରୁଡ଼ା ନୋଡିପାଟଣା ଗ୍ରାମର କୁମାର ଚମ୍ପାବତୀ ପଣ୍ଡା ନ୍ୟାୟ ପାଇଁ ଗାନ୍ଧିଙ୍କ ଫଟୋ ଧରି ଧାରଣାରେ ବସିଥିଲେ । ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି କି, ତାଙ୍କର ଘରୋଇ ଇଜମାଲି ଠାକୁର ନାମରେ ନାମିତ ରାସ୍ତାକୁ ତାଙ୍କର ପଡ଼ୋଶୀ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ଏବଂ ତାଙ୍କର ବଡ଼ପୁଅ ପୋଲିସରେ କାର୍ଯ୍ୟରତ କର୍ମଚାରୀ ମାନସ ପାଣିଗ୍ରାହୀ ଓ ସାନପୁଅ ତାପସ ପାଣିଗ୍ରାହୀ ସପରିବାର ରାସ୍ତା ଅବରୋଧ କରି



ରଖିଛନ୍ତି । ଜିଲ୍ଲା ପ୍ରଶାସନ ଦ୍ୱାରା ବିଭିନ୍ନ ସମୟରେ ସୀମା ଚିହ୍ନଟ, ଜବରଦଖଲ ଉଚ୍ଛେଦ, ମୁଖ୍ୟମନ୍ତ୍ରୀ, ସାଂସଦ, ବିଧାୟକଙ୍କ ହସ୍ତକ୍ଷେପ ପରେ ସବୁ ପରେ ମଧ୍ୟ ଚମ୍ପାବତୀଙ୍କୁ ଏଯାଏଁ ନ୍ୟାୟ ମିଳିନାହିଁ । ଏମିତିକି ମୁଖ୍ୟମନ୍ତ୍ରୀ ଏଥିରେ ତାଙ୍କୁ ଯଥାଶୀଘ୍ର ନ୍ୟାୟ ଦେବାପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ହେଁ ତାହା କେବେ କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ବାକି ରହିଲା ।

# ଜାତୀୟ ଏଚପିଭି ଟୀକାକରଣ ଅଭିଯାନର ଶୁଭାରମ୍ଭ

ବାଲେଶ୍ୱର(ନି.ପ୍ର.)ଆଜି ସକାଳ ୯ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ଜାତୀୟ ଏଚପିଭି ଟୀକାକରଣ ଅଭିଯାନ-୨୦୨୬ ଉଦ୍ଘାଟନୀ ଉତ୍ସବ ଓ ସଚେତନତା ସଭା ଆୟୋଜିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର ପ୍ରଧାନ, ମାନ୍ୟବର ଜିଲ୍ଲା ପରିଷଦ ଅଧକ୍ଷ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ତାଙ୍କ ସହିତ ଶ୍ରୀଯୁକ୍ତ ପ୍ରଭାତ କୁମାର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡ଼ାକ୍ତର ଶ୍ରୀଯୁକ୍ତ ପରେଶ ନନ୍ଦୀ, ସହକାରୀ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ପରିବାର ନିୟୋଜନ, ଡ଼ାକ୍ତର ଶ୍ରୀଯୁକ୍ତ ସଞ୍ଜୀବ ପ୍ରଧାନ, ସହକାରୀ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ କୁଷ୍ଠ, ଶ୍ରୀଯୁକ୍ତ ଚକ୍ରଧର ଜେନା, ଡି ପି ଏମ, ଶ୍ରୀଯୁକ୍ତ ଜିତେନ୍ଦ୍ର ବିଶ୍ୱାଳ, ଡି ଏମ ଆର ସି ଏଚ, ଶ୍ରୀଯୁକ୍ତ ରଞ୍ଜନ କୁମାର ମହନ୍ତ, ଡି ଭି ଏଲ ଏମ, ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ପାଢ଼ୀ, ଡାକ୍ତରଖାନା ପରିଚାଳକ, ଶ୍ରୀଯୁକ୍ତ ବିଶ୍ୱ ରଞ୍ଜନ ନାୟକ, ଡି ପି ସି ଯକ୍ଷ୍ମା, ଶ୍ରୀଯୁକ୍ତ ମନୋଜ କୁମାର ଦାସ, ଶ୍ରୀମତୀ ରଞ୍ଜିତା ରାଣୀ ସାହୁ,ଶ୍ରୀମତୀ ନୀଳାଦ୍ରି ଜେନା,ଶ୍ରୀଯୁକ୍ତ ଭବାନୀ ଶଙ୍କର ମହନ୍ତ, ଶ୍ରୀଯୁକ୍ତ ଦେବାଶିଷ ପ୍ରଧାନ ସହିତ ଆଶା ଦିଦି ମାନେ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମ ଦୀର୍ଘ ତିନି ମାସ ଧରି ଚାଲୁ ରହିବ । ପ୍ରଥମ ମାସ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ଏବଂ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ହେବାର କାର୍ଯ୍ୟକ୍ରମ ରହିଛି । ପରବର୍ତୀ ଦୁଇ ମାସ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାନଙ୍କରେ ଟୀକାକରଣ ହେବ ।ଏହା ମୁଖ୍ୟତଃ ଝିଅ ପିଲା ଯେଉଁ ମାନେ ୧୪ ତମ ଜନ୍ମ ଦିବସ ପାଳନ ପରେ ମାତ୍ର ୧୫ ତମ ଜନ୍ମ ଦିବସ ପାଳନ ହୋଇ ନ ଥିବ ସେହି ମାନେ ଟୀକା ନେଇପାରିବେ ।ଏହା ମୁଖ୍ୟତଃ ଗୋଟିଏ ମାତ୍ରା ଦିଆଯିବ । ଯୌନ ସଂପର୍କ ପୂର୍ବରୁ ଏହି ଟୀକା ନେଲେ ଜରାୟୁ ଗ୍ରିବା କର୍କଟ ରୋଗରୁ ସୁରକ୍ଷା ଅଧିକ ଫଳପ୍ରଦ ହେବ । ଏବେ ଗାଡାସିଲ ୪(୬ ୧୧ ୧୬ ୧୮) ଟୀକା ଦିଆଯାଉଛି । ସମଗ୍ର ବାଲେଶ୍ୱର ଜିଲ୍ଲାରେ ଏହି ତିନି ମାସ ମଧ୍ୟରେ ୨୫୭୩୪ ଜଣଙ୍କୁ ଟୀକାକରଣ କରାଯିବାର ଲକ୍ଷ୍ୟ ରଖା ଯାଇଛି । ଆଜି ଉଦଘାଟନୀ ଉତ୍ସବରେ ୩୦ ଜଣ ଝିଅ ପିଲାଙ୍କୁ ସଫଳତାର ସହିତ ଟୀକାକରଣ ସହିତ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି ।କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ସାହୁ, ଭାରପ୍ରାପ୍ତ ଜିଲ୍ଲା ଯୋଗାଯୋଗ ଅଧିକାରୀଙ୍କ ପରିଚାଳନାରେ ହୋଇଥିଲା ଓ ଶେଷରେ ଜିତେନ୍ଦ୍ର ବିଶ୍ୱାଳ,ଡି ଏମ ଆର୍ ସି ଏଚ ଧନ୍ୟବାଦ ଜଣାଇଥିଲେ ।





# ଜିଲ୍ଲାସ୍ତରୀୟ ଜିଲ୍ଲା ପରିଚାଳନା କମିଟି ଯୋଜନା ଓ ନିରୀକ୍ଷଣ ୟୁନିଟ୍ ବୈଠକ



ନୟାଗଡ଼(ନିପ୍ର): ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା କକ୍ଷରେ ତୃତୀୟ ତ୍ରୈମାସିକ ଜିଲ୍ଲାସ୍ତରୀୟ ଯୋଜନା ଓ ନିରୀକ୍ଷଣ ୟୁନିଟ୍ (DPMU, FLN)ର ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲାପାଳ ମଧୁମିତା ରଥ (ଭା.ପ୍ର.ସେ.) ସଭାପତିତ୍ୱ କରିଥିଲେ । ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ନୟାଗଡ଼ର ଅଧକ୍ଷ ବିଜୟ କୁମାର ତ୍ରିପାଠୀ ଆବାହକ ଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୀତାଞ୍ଜଳୀ ସାହୁ (ଏକାଡେମିକ) ଓ ବନଲତା ବେହେରା (ଜିଲ୍ଲା ପ୍ରକଳ୍ପ ସଂଯୋଜକ) ଉକ୍ତ ବୈଠକରେ ଯୋଗଦାନ କରି ଜିଲ୍ଲା ତରଫରୁ ନିଆଯାଉଥିବା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ବଳିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ମନୋରଞ୍ଜନ ଦାଶ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ହୋଇଥିବା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମର ଉପସ୍ଥାପନ କରିଥିଲେ । ଉକ୍ତ ବୈଠକରେ ଶ୍ରୀମତୀ ଜ୍ୟୋସ୍ନା ମୟୀ ଆଚାର୍ଯ୍ୟ (ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ), ସୌଦାମିନୀ ପଣ୍ଡା (ସିଡ଼ିପିଓ), ଜୟଶ୍ରୀ ପଟ୍ଟନାୟକ, ଚିତରଞ୍ଜନ ବେହେରା (ଜିଲ୍ଲା ମଙ୍ଗଳ ଅଧିକାରୀ), ଉମାକାନ୍ତ ସେଠୀ(ବିଇଓ ନୟାଗଡ଼) ପ୍ରମୁଖ ଉପସ୍ଥିତ ରହି ଡି .ଆଇ.ଟି. ତରଫରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ଆଲୋଚନା କରିବା ସହିତ ଉଚ୍ଚ ପ୍ରଶଂସା କରିଥିଲେ ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ





ପୁରୀ(ନିପ୍ର): ପୁରୀ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଆଜି ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧକ୍ଷତା କରିଥିଲେ । ଏଥିରେ ମୋଟ ୭୪ ଗୋଟି ଅଭିଯୋଗ ମିଳିଥିଲା ।ସେଥିରୁ ୬୩ ଗୋଟି ବ୍ୟକ୍ତିଗତ, ୮ ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୩ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ସମ୍ପର୍କରେ ରହିଥିଲା ।ତତକ୍ଷଣାତ ୭ ଗୋଟି ଅଭିଯୋଗର ସମାଧାନ କରାଯାଇଥିଲା ।ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା । ଏହି ଶୁଣାଣୀ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସ ପି ସୁଶୀଲ କୁମାର ମିଶ୍ର, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ପୁରୀ ତହସିଲଦାର ଅଭିଷେକ ଦାଶ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ, ଅଭିଯୋଗ ଶୁଣାଣୀ ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।ଆସନ୍ତ ୯ ତାରିଖରେ ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ ଗୃହରେ, ୧୬ ତାରିଖରେ ପିପିଲି ବ୍ଲକ ସମ୍ମିଳନୀ ଗୃହରେ, ୨୩ ତାରିଖରେ ଡେଲାଙ୍ଗ ବ୍ଲକ ସମ୍ମିଳନୀ ଗୃହରେ ଓ ୩୦ ତାରିଖରେ ଗୋପ ବ୍ଲକ ସମ୍ମିଳନୀ ଗୃହରେ ଦିବା ୧୦ ଘଟିକା ରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ସୂତ୍ରରୁ ପ୍ରକାଶ ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା ଓ ବାର୍ଷିକୋତ୍ସବ ଅନୁଷ୍ଠିତ



ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ କୁରଂଟା ପଂଚାୟତ ଅଧୀନ ରାଇକୁଳା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ଅବସରକାଳିନ ସମ୍ବର୍ଦ୍ଧନା ସଭା ଓ ବିଦ୍ୟାଳୟର ବାର୍ଷିକୋତ୍ସବ ସୋମବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ପିତାମ୍ବର ଭୂୟାଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ବିଦାୟୀ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପର୍ଶୁରାମ ଜେନା ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏଥିରେ ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ ମୁଖ୍ୟଅତିଥି, ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦର୍ଶନ ରାଉତ ମୁଖ୍ୟବକ୍ତା, ସରପଂଚ ରଘୁନାଥ ଜେନା, ସମିତିସଭ୍ୟା କମଳିନୀ ମାଝୀ, ଏବିଇଓ ଲକ୍ଷ୍ମୀଧର ସିଂ, ପୂର୍ବତନ ପ୍ରଧାନଶିକ୍ଷକ ବଳରାମ ଜେନା, କମିଟି ସଭାପତି ବ୍ରଜ ମୋହନ ପାତ୍ର, ଭାଗବତ ମାଝୀ, ସିଆରସିସି ଜଗନ୍ନାଥ ଶିଅଳ, ଶିକ୍ଷକ ନେତା ସୁଶାନ୍ତ କୁମାର ମହାପାତ୍ର, ଜଗନ୍ନାଥ ମହାପାତ୍ର, ନାରାୟଣ ମହାପାତ୍ର ଓ ଶଙ୍କର୍ଷଣ ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟ ପ୍ରତି ବିଦାୟୀ ଶିକ୍ଷକଙ୍କ ଭଲପାଇବା ତାଙ୍କୁ ପିଲା ଓ ଗ୍ରାମାବସୀଙ୍କ ହୃଦୟରେ ସ୍ଥାନ ଦେବ ବୋଲି ଅତିଥି ମାନେ ଉଲ୍ଲେଖ କରିଥିଲେ । ବିଦାୟୀ ଶିକ୍ଷକଙ୍କୁ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ପରେ ବାର୍ଷୀକ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଜୟନ୍ତ ଦାସ, ବିଜୟ କୁମାର ଦିବେଦୀ ଓ ଶିକ୍ଷୟତ୍ରୀ ସିପ୍ରା ପଣ୍ଡା ସହଯୋଗ କରିଥିଲେ ।

# କଳିଙ୍ଗ ସ୍ମାର୍ଟ ସ୍କୁଲର ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ





ପୁରୀ(ନିପ୍ର): କ୍ଷେତ୍ରମୋହନ ଫାଉଣ୍ଡେସନ ଆନୁକୂଲ୍ୟରେ ରେ କଳିଙ୍ଗ ସ୍ମାର୍ଟ ସ୍କୁଲ ଓ ପ୍ରିମିୟର ଇନ୍‌ଷ୍ଟିଟ୍ୟୁଟ ଅଫ କମ୍ପ୍ୟୁଟର ଷ୍ଟଡିଜର ୮ମ ତମ ବାର୍ଷିକ ଉତ୍ସବ ଭୋଳାନାଥ ବିଦ୍ୟାପୀଠ ପରିସରରେ ପାଳିତ ହୋଇ ଯାଇଛି । ବିଦ୍ୟାଳୟ ପ୍ରିନସିପାଲ ମିସ ପ୍ରଜ୍ଞାଶୁଭମିତା ପ୍ରତିହାରୀ ସ୍ୱାଗତ ଭାଷଣ ଓ ଅଥିତି ପରିଚୟ ପ୍ରଦାନ କରିଥିଲେ କ୍ଷ ବିଦ୍ୟାଳୟର ଅଧକ୍ଷ ଲାୟନ ସଞ୍ଜୟ କୁମାର ପ୍ରଧାନ ବାର୍ଷିକ ବିବରଣୀ ଓ ସ୍କୁଲର ଲକ୍ଷ୍ୟ ଓ ଉଦେଶ୍ୟ ବର୍ଣନା କରିଥିଲେ । ବିଦ୍ୟାଳୟ ଅଭ୍ୟର୍ଥନା କମିଟି ଅଧକ୍ଷ ସିଦ୍ଧାର୍ଥ ରାୟ ପୋରହିତ୍ୟ ରେ ଆୟୋଜିତ ଏହି ସଭାରେ ମୁଖ୍ୟଅଥିତି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠି ଯୋଗ ଦେଇ ପିଲାମାନଙ୍କ ଭବିଷ୍ୟତ ଗଠନରେ ବିଦ୍ୟାଳୟ ସହିତ ପରିବାର ଲୋକଙ୍କ ଭୂମିକା ଗୁରୁତ୍ୱ ପୂର୍ଣ୍ଣ ତେଣୁ ପିତା ମାତା ତଥା ଗୁରୁଜନ ମାନେ ନିଜ ଆଚରଣ ଓ ଉଚ୍ଚାରଣରେ ସମାନତା ରଖିଲେହିଁ ପିଲାମାନେ ସଠିକ୍ ଶିକ୍ଷା ଲାଭ କରିବେ ବୋଲି କହି ଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଉତ୍କଳ ବିଦ୍ୟୁତ ପରିଷଦର ଅଧକ୍ଷ ମନୋଜ ରଥ, ସମାଜସେବୀ ଚକ୍ରଧର ମହାପାତ୍ର ଯୋଗ ଦେଇ ଅନୁଷ୍ଠାନ ପ୍ରତିଷ୍ଠାତ୍ରି କୁନ୍ତଳା ପ୍ରଧାନଙ୍କୁ ଶ୍ରାଧାସୁମନ୍ ଅର୍ପଣ କରିବା ସହିତ ଅନୁଷ୍ଠାନର ଉତରର ଉନ୍ନତି କାମନା କରିଥିଲେ । ଏହି ଅବସରରେ ଓଡ଼ିଆ ସିନେ ଜଗତର ବରିଷ୍ଠ କଳାକାର କେଦାର ମିଶ୍ରଙ୍କୁ କଳିଙ୍ଗ କଳା ଓ ସଂସ୍କୃତି ସମ୍ମାନ, ଦ ବେଲ୍ ଏକଲବ୍ୟ ପାଠ ଶାଳାର ଗୁରୁ ଉମେଶ ଚନ୍ଦ୍ର ଦାସଙ୍କୁ କଳିଙ୍ଗ ଗୁରୁ ସମ୍ମାନ, ସମାଜସେବୀ ସଂଜୀବ ସାହୁଙ୍କୁ କଳିଙ୍ଗ ସେବା ସମ୍ମାନ, ସକାଳ ଖବର କାଗଜର ପୁରୀ ବ୍ୟୁର ଚିଫ ହେମନ୍ତ କୁମାର ନାୟକଙ୍କୁ କଳିଙ୍ଗ ଗଣମାଧ୍ୟମ ସମ୍ମାନ, ସାମାଜିକ ଅନୁଷ୍ଠାନ ହ୍ୟାପିନେସ ଫାଉଣ୍ଡେସନକୁ କଳିଙ୍ଗ ସେବା ସମ୍ମାନ ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା ଏହି ପ୍ରତିଯୋଗିତା ର ବିଚାରକ ଭାବେ ଲୋକନାଥ ସୁବୁଦ୍ଧି, ସୁରଜିତ ମହାପାତ୍ର, ସସ୍ମିତା ଜେନା ଓ ଲୋପାମୁଦ୍ରା କରଙ୍କୁ ମଂଚରେ ବିଚାରକ ଭାବେ ସାମନିତ କରାଯାଇଥିଲା । ପୃଥ୍ୱୀରାଜ ଜେନାମଂଚ ପରିଚାଳନା କରିଥିଲେ । ଅନୁଷ୍ଠାନର ତରଫରୁ ସୁକାନ୍ତ କୁମାର ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ଉତ୍ସବକୁ ବିଦ୍ୟାଳୟର ସମ୍ପାଦକ ଅନିଲ କୁମାର ସାହୁ, ସାଗରିକା ପ୍ରଧାନ, ଜ୍ଞାନଜ୍ୟୋତି ସିଂ, ଐଶ୍ୱରିୟା ମହାନ୍ତି, ଲିପ୍ସା ମହାନ୍ତି, ସନ୍ଧ୍ୟାରାଣୀ ବାରିକ, ବିଶ୍ୱଜିତା ମିଶ୍ର, ମନ୍ଦାକିନୀ ପରିଡା, ସୁବର୍ସ୍ମିତା ପ୍ରଧାନ, ବିପ୍ଳବ କିଶୋର ରଥ, ବିପିନ ଭୋଇ ଓ ଛାତ୍ରଛାତ୍ରୀ ମାନେ ପରିଚାଳନା କରି ଥିଲେ ।ଏହି ଅବସରରେ ବିଦ୍ୟାଳୟର ଛାତ୍ର ଛାତ୍ରୀ, ଶିକ୍ଷୟତ୍ରୀ ଓ ଅଭିଭାବକ ମା ମାନେ ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥଲେ ।

**AFFIDAVIT**

By virtue of an affidavit sworn before Executive Magistrate, Balasore dated 03.02.2026 I, Anju Sahu, aged about 44 years, W/o- Chinmaya Kumar Sahoo, At- Suelpur, Po- Motiganj, Ps-Town, Dist- Balasore declare that I have changed my name from Anju Sahoo to Anju Sahu. Henceforth, I shall be known as Anju Sahu for all purposes.

Sd/-
Anju Sahu

# କଂଗ୍ରେସ ଜିଲ୍ଲା ସଭାପତି ଓ ବ୍ଲକ ସଭାପତିଙ୍କୁ ସମ୍ବର୍ଦ୍ଧନା

ବାଲିଆପାଳ(ନିପ୍ର): ବାଲିଆପାଳ ଶୁଭମ ଗେଷ୍ଟ ହାଉସ ସଭାଗୃହ ପରିସରରେ ସୋମବାର ଅପରାହ୍ନରେ ବାଲିଆପାଳ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ପ୍ରଦେଶ କମିଟିର ଅନୁମୋଦନ କ୍ରମେ ମନୋନୀତ ଜିଲ୍ଲା କଂଗ୍ରେସ କମିଟି ସଭାପତି ଏବଂ ବାଲିଆପାଳ ବ୍ଲକ କଂଗ୍ରେସ କମିଟିର ସଭାପତିଙ୍କ ସହିତ ଜିଲ୍ଲା ଓ ବାଲିଆପାଳ ବ୍ଲକରର ବିଭିନ୍ନ ପଦବୀରେ ମନୋନୀତ ନେତାଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ ବସ୍ତା ନିର୍ବାଚନ ମଣ୍ଡଳୀୟ କଂଗ୍ରେସ ନେତା ବିଜନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ବାଲିଆପାଳର ବର୍ଶିଷ୍ଠ କଂଗ୍ରେସ ନେତା ରବି ନାରାୟଣ ମହାନ୍ତି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟସିବ ଦାସ, ବାଲିଆପାଳ ବ୍ଲକ କଂଗ୍ରେସ କମିଟିର ସଭାପତି ମୁରଲୀ ମୋହନ ସାହୁ, ଭୋଗରାଇ ବ୍ଲକ ସଭାପତି ସନ୍ତୋଷ କୁମାର ଜେନା, ବସ୍ତା ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟନ ଗୁପ୍ତା , ଜିଲ୍ଲା ଉପସଭାପି ମନୋଜ ମହାନ୍ତି, ସୁଧାଂଶୁ ଶେଖର ଜେନା, ଜିଲ୍ଲା ସାଧାରଣ ସମ୍ପାଦକ ସରୋଜ କୁମାର ପିଳା, ଅବସପ୍ରାପ୍ତ ଜଙ୍ଗଲ ବିଭାଗ ଅଧିକାରୀ ତଥା କବି ସୁକୁମାର ଦାସ, ବ୍ଲକ ଅଧକ୍ଷା ରଞ୍ଜିତା ନାୟକ, ଇଂ ସୁଶାନ୍ତ କୁମାର ଚକ୍ରବର୍ତୀ, ବାଲିଆପାଳ ବ୍ଲକ ଉପାଧକ୍ଷ ରାଜେଶ ଚୌଧୁରୀ, ଜିଲ୍ଲାପରିଷଦ ବାବାଜୀ ଦେହୁରୀ ଙ୍କ ସହିତ ଆନ୍ୟ ପଦ ପଦବୀରେ ମନୋନୀତଙ୍କୁ ବାଲିଆପାଳ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଉତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରଯାଇଥିଲା ।

**NOTICE (FOR MINOR)**

By virtue of an affidavit sworn before Executive Magistrate, Balasore , dated 02.03.2026, I, Sakila Bibi, Address At.-Kasab Mahala (Sunhat), P.O.-Sunhat, P.S.-Town, Dist.-Baleswar-756002, Odisha, declare that I have changed the name of my daughter from HELENA QUADRi (old name) to HEENA QUADRI (new name). Henceforth, he/she shall be known as HEENA QUADRI (new name) for all purposes.

Sd/-
Sakila Bibi

# ଧାମନଗର-ଫଳପୁର ରାସ୍ତା ମରଣଯନ୍ତା



ଧାମନଗର(ନିପ୍ର): ସରକାର ବଦଳୁଛି, ମନ୍ତ୍ରୀ ବଦଳୁଛନ୍ତି, କିନ୍ତୁ ବଦଳୁନି ଧାମନଗର-ଫଳପୁର ରାସ୍ତାର ଭାଗ୍ୟ । ଦୀର୍ଘ ୨୦ ବର୍ଷ ଧରି ପ୍ରତାରଣାର ଶିକାର ହେଉଛନ୍ତି ପାଖାପାଖି ୧୦ଟି ପଂଚାୟତର ଜନସାଧାରଣ । ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ଏହି ରାସ୍ତାଟି ଏବେ କେବଳ ଗେଟି ଆଉ ଗାଡ ର ସମାହାର ପାଲଟିଛି । ଯେଉଁଠି ଦୈନିକ ଦୁର୍ଘଟଣା ଏବେ ଏକ ନିତିଦିନିଆ ଘଟଣା ହୋଇଛି । ୨୦୦୪ ମସିହାରେ ତତ୍କାଳୀନ ମନ୍ତ୍ରୀ ମନ୍‌ମୋହନ ସାମଲଙ୍କ ବଳିଷ୍ଠ ଉଦ୍ୟମରେ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ପାଇଁ ଅନୁଦାନ ଆସିଥିଲା । ଲୋକେ ଆଶା କରିଥିଲେ ଯେ ସେମାନଙ୍କ ଗମନାଗମନ ସହଜ ହେବ । ମାତ୍ର ବିଡ଼ମ୍ବନାର ବିଷୟ, ଦୁଇ ଦଶନ୍ଧି ବିତିଯାଇଥିଲେ ମଧ ଏହି ରାସ୍ତା କାମ ଶେଷ ହେବା ପରିବର୍ତେ ବର୍ଷକୁ ବର୍ଷ ଖରାପ ହେବାରେ ଲାଗିଛି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ପ୍ରଶାସନ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ମରାମତି ନାମରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କାର ଚଳୁ କରାଯାଉଛି, କିନ୍ତୁ ରାସ୍ତାର ଅବସ୍ଥା ଶୁଧୁରୁ ନାହିଁ । ଗତ ବର୍ଷେ ଧାମନଗର ବିଧାୟକ ତଥା ବର୍ତମାନର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଙ୍କ ପ୍ରଚେଷ୍ଟାରେ ଏହି ରାସ୍ତାର ସମ୍ପ୍ରସାରଣ ଓ ନବୀକରଣ ପାଇଁ ୩୨ କୋଟି ଟଙ୍କା ମଞ୍ଜୁର ହୋଇଥିବା ଚର୍ଚ୍ଚା ଜୋର ଧରିଥିଲା । ଏହି ଖବର ପ୍ରଚାରିତ ହେବା ପରେ ଅ*ଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଥିଲା । କିନ୍ତୁ ବର୍ଷେ ବିତିଯାଇଥିଲେ ବି ଧାମନଗର-ଫଳପୁର ରାସ୍ତାରେ ବିକାଶର କୌଣସି ଚିହ୍ନବର୍ଣ୍ଣ ନାହିଁ । ତେବେ ପ୍ରଶ୍ନ ଉଠୁଛି, ଯଦି ଅର୍ଥ ମଞ୍ଜୁର ହୋଇଛି, ତେବେ କାମ ଆରମ୍ଭ ନହେବାର ରହସ୍ୟ କ'ଣ ? ରାସ୍ତା ମଝିରେ ମାସେ ହେଲା ସୃଷ୍ଟି ହୋଇଥିବା ବିଭିନ୍ନ ସ୍ଥାନ ରେ ଖାଲ ସହ ଗାତ ଗୁଡ଼ିକ ଏବେ ମୃତ୍ୟୁର ସଙ୍କେତ ଦେଉଛନ୍ତି । ଏହି ରାସ୍ତା ଉପରେ ଦଶଟି ପଂଚାୟତର ହଜାର ହଜାର ଚାଷୀ, ଛାତ୍ରଛାତ୍ରୀ ଏବଂ ରୋଗୀ ନିର୍ଭର କରନ୍ତି । ଏହି ପଥ ଦେଇ ପ୍ରତିଦିନ ଅନ୍ୟ ଜିଲ୍ଲାକୁ ଭାରୀ ଯାନ ଓ ଯାତ୍ରୀବାହୀ ବସ୍ ଚଳାଚଳ କରେ । ରାସ୍ତାର ଅବସ୍ଥା ଯୋଗୁଁ ବସ୍ ମାଲିକମାନେ ମଧ ଗାଡ଼ି ଚଳାଇବାକୁ ଭୟ କରୁଛନ୍ତି । ଗତ ଏକ ମାସ ମଧ୍ୟରେ ଏହି ରାସ୍ତାରେ ଅନେକ ଦୁର୍ଘଟଣା ଘଟି ସାରିଥିଲେ ମଧ ପ୍ରଶାସନ ଏବେ ବି କୁମ୍ଭକର୍ଣ୍ଣ ନିଦ୍ରାରେ ।ରାସ୍ତା ପାଇଁ ମଞ୍ଜୁର ହୋଇଥିବା ୩୨ କୋଟି ଟଙ୍କାର କାର୍ଯ୍ୟାଦେଶ କେବେ କାର୍ଯ୍ୟକାରୀ ହେବ, ସେ ନେଇ ସ୍ୱଷ୍ଟୀକରଣ ଦାବି କରିଛନ୍ତି ଅଂଚଳବାସୀ । ଯଦି ତୁରନ୍ତ ଯୁଦ୍ଧକାଳୀନ ଭିତିରେ ମରାମତି କାର୍ଯ୍ୟ କରିବାକୁ ଅଂଚଳ ବାସୀ ଦାବି କରିଛନ୍ତି ।

# ଧର୍ମପରାୟଣା ମହିଳାଙ୍କ ବିୟୋଗରେ ଶୋକ

ଖଇରା(ନିପ୍ର): ଖଇରା ବ୍ଲକ ଅଧୀନ ଖଇରା ଗ୍ରାମ ର ଧର୍ମପରାୟଣା ମହିଳା ମାହେଶ୍ୱରୀ ନାୟକ(୯୮)ଙ୍କର ପରଲୋକ ସମଗ୍ର ଖଇରା ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ଜୀବନ ବ୍ୟାପି ଲୋକଙ୍କୁ ସହାୟତା କରି ସବୁଆଡୁ ପ୍ରଶଂସା ସାଉଁଟିଥିଲେ । ତାଙ୍କ ମରଶରୀର ଖଇରା ବଜାର ପରିକ୍ରମା କରିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା । ସ୍ଥାନୀୟ ସରପଂଚ, ସମିତିସଭ୍ୟା ଓ ଜିଲା ପରିଷଦ ସଭ୍ୟା ଖଇରା ବାସଭବନରେ ପହଂଚି ଶେଷ ଦର୍ଶନ କରିଥିଲେ । ୨ପୁଅ ଧନେଶ୍ୱର ଓ ସର୍ବେଶ୍ୱର ସହିତ ବୋହୂ ନାତିନାତୁଣି ମାନେ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ ।

10001/98/2526

NATIONAL HEALTH MISSION

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE
Zilla Swasthya Samiti, Balasore
District Programme Management Unit, National Health Mission, Balasore

No. 3548 Date. 02.03.2026

**INVITATION OF OBJECTION TO ADVT. NO. 13561 DT. 25.08.2025.**

In response to the Advertisement No. 13561 Dt. 25.08.2025 of NHM, Balasore, detailed database for various posts has been uploaded in the district website i.e. www.balasore.odisha.gov.in. The Candidates who had applied for the same are informed to go through the list and verify their status of application. **The candidates may submit valid objection if any to the "O/o CDM&PHO, Balasore, Pin-756001" in the prescribed format attached in the district website. The last date of receipt of objection is 12.03.2026 (by 5.00 P.M.) through Regd. Post / Speed Post only** and the envelope containing the objection sheet should be super-scribed clearly with name of the applied post for which objection is submitted. No new / fresh document/s shall be taken into consideration late receipt shall not be entertained at this stage.

Sd/-
Chief District Medical& Public Health Officer, Balasore.

OIPR. 10001/10032/1/25-26/0001



ତୁମେ ନିଜକୁ ରୂପାନ୍ତରିତ କର, ସମାଜ ସ୍ୱତଃ ପୁନର୍ଗଠିତ ହେବ ।

# ଆଜିକାଲି



ଗୀତା ଜ୍ଞାନଂ ଶ୍ରୁତଂ ନୈବ, ସଦୈବାଭ୍ୟାସ ଯୋଗତଃ
ମୋକ୍ଷମିଚ୍ଛତି ମୂଢ଼ାତ୍ମା, ଯାତି ବାଳକହାସ୍ୟତାଂ
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ :ଯେଉଁ ମୂଢ଼ମନା ବ୍ୟକ୍ତି ସର୍ବଦା ଅଭ୍ୟାସ ରୂପକ ଯୋଗଦ୍ୱାରା ଗୀତା ଜ୍ଞାନର ଶ୍ରବଣ କରିନାହିଁ, କିନ୍ତୁ ଏଣେ ମୋକ୍ଷ ଲାଭର ଇଚ୍ଛା କରେ, ସେ ବ୍ୟକ୍ତି ଛୋଟ ପିଲାଙ୍କର ମଧ ଉପହାସ ପାତ୍ର ହୋଇଥାଏ ।

## ଦୂଷିତ ଜଳ ବିଷ ସଦୃଶ

ଜଳ ହିଁ ଜୀବନ ଓ ଦୂଷିତ ଜଳ ବିଷ ସଦୃଶ । ଏହି ଉକ୍ତିର ନିଶ୍ଚିତ ଭାବରେ ଯଥାର୍ଥତା ରହିଛି । ଭାରତୀୟ ଭୂତାତ୍ତ୍ୱିକ ଜଳ ସର୍ବେକ୍ଷଣ ସଂସ୍ଥାର ସର୍ଭେ ଅନୁଯାୟୀ ରାଜ୍ୟର ୮୨ଟି ସ୍ଥାନକୁ ଫ୍ଲୋରାଇଡ୍ ପ୍ରଭାବିତ ଅଂଚଳ, ୨୫ଟି ସ୍ଥାନକୁ ଲୁଣିଜଳ ଅଂଚଳ, ୭୩୭ଟି ସ୍ଥାନକୁ ଲୌହ ଓ ୪୧୩ଟି ସ୍ଥାନ ଅନ୍ୟାନ୍ୟ ସମସ୍ୟା ପ୍ରଭାବିତ ଅଂଚଳ ଭାବରେ ଚିହ୍ନଟ କରାଯାଇଛି । ବିଶେଷକରି ରାଜ୍ୟର କଳାହାଣ୍ଡି, ବଲାଙ୍ଗିର, କୋରାପୁଟ ଓ ନୟାଗଡ଼ ଜିଲ୍ଲାର ଅନେକ ସ୍ଥାନରେ ମାତ୍ରାଧିକ ପରିମାଣର ଫ୍ଲୋରାଇଡ୍ ଜଳ ସହ ମିଶ୍ରିତ ଅବସ୍ଥାରେ ରହିଛି । ଏହାକୁ ପାନୀୟ ଜଳ ଭାବରେ ବ୍ୟବହାର କଲେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ବିଶେଷଜ୍ଞ ଦଳ ତାଙ୍କ ସର୍ଭେ ସମୟରେ ଜନସାଧାରଣ ତଥା ସରକାରଙ୍କୁ ସତର୍କ ବାଣୀ ସୂଚିତ କରିଥିଲେ । ଗତ ୧୯୯୯ ମସିହାରେ ଅବିଭକ୍ତ କଳାହାଣ୍ଡି ଜିଲ୍ଲାର ବୋଡ଼େନ ବ୍ଲକ୍ ଅନ୍ତର୍ଗତ କର୍ଲାକୋଟ ଗ୍ରାମ ପଂଚାୟତର ସାତୋଟି ଗ୍ରାମରେ ୧୧୦୯ ଜଣ ଲୋକ ଫ୍ଲୋରୋସିସ୍ ରୋଗରେ ଆକ୍ରାନ୍ତ ହୋଇଥିଲେ ଓ ସ୍ଥାନୀୟ ବୋଡ଼େନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ତତ୍କାଳୀନ ଡାକ୍ତର ଚି□ରଞ୍ଜନ ଦାସ ଡାକ୍ତର ସୁବାଷ ଚନ୍ଦ୍ର ଦାସଙ୍କ ସମେତ ବହୁ ସ୍ୱାସ୍ଥ୍ୟ କର୍ମକର୍ତାଙ୍କ ଏକ ଟିମ୍ ଗତ ତା୬.୬. ୧୯୯୯ରିଖ ଦିନ ଏହି ଅଂଚଳର ପିଇବା ପାଣିର ନମୁନା ସଂଗ୍ରହ କରି ପରୀକ୍ଷା ନିମନ୍ତେ ଭୁବନେଶ୍ୱର ପଠାଇଥିଲେ । ଏହି ପରୀକ୍ଷା ରିପୋର୍ଟ ପ୍ରକାଶ ପାଇବା ପରେ ଜଣାଗଲା ଯେ, ଏହି ଅଂଚଳରେ ଅଧିକ ପରିମାଣରେ ଫ୍ଲୋରାଇଡ୍ ମାତ୍ରା ଥିବାର ଜଣାଯାଇଥିଲା । ବିଶେଷଜ୍ଞ ମାନଙ୍କ ମତରେ ଏକ ଲିଟର ପାଣିରେ ୧ମି.ଗ୍ରା. ପର୍ଯ୍ୟନ୍ତ ଫ୍ଲୋରାଇଡ୍ ମାତ୍ରା ରହିଲେ ମନୁଷ୍ୟ ଜୀବନ ପ୍ରତି କୌଣସି ବିପଦ ନଥାଏ; କିନ୍ତୁ ଏହାଠାରୁ ଅଧିକା ମାତ୍ରାରେ ଫ୍ଲୋରାଇଡ୍ ରହିଲେ ଶରୀରରେ ପ୍ରତିକ୍ରିୟା ସୃଷ୍ଟି କରିଥାଏ । ତେଣୁ ମାତ୍ରାଧିକ ପରିମାଣର ଫ୍ଲୋରାଇଡ୍ ପାଣିକୁ ବ୍ୟବହାର କରିବା ବର୍ଜନୀୟ ଅଟେ । ସେହିପରି ଜଳରେ ମାତ୍ରାଧିକ ପରିମାଣର ଲୁଣି ଅଂଶ, ଲୌହ ଅଂଶ ବା ଅନ୍ୟକୌଣସି ଧାତବ ଅଂଶ ଥିଲେ ତାହା ବ୍ୟବହାର ଉପଯୋଗୀ ହୋଇ ନଥାଏ । ସେହିଭଳି ନଈ, ନା, ପୋଖରୀ, ଗାଡ଼ିଆ ର ଦୂଷିତ ଜଳକୁ ପାନୀୟ ଜଳ ଭାବରେ ଗ୍ରହଣ କରିବା ଅନୁଚିତ; କିନ୍ତୁ ବେଳେ ବେଳେ ମଣିଷ ଜାଣି ସୁଦ୍ଧା ପରିସ୍ଥିତିରେ ଦାସ ହୋଇ ଏହି ସବୁକୁ ବ୍ୟବହାର କରିବା ପାଇଁ ବାଧ ହୋଇଥାଏ ଓ ତା'ର ଭୟାବହ ପରିମାଣ ନିଜ ଅଙ୍ଗରେ ନିଭେଇଥାଏ । ଯହା କର୍ଲାକୋଟ ଗ୍ରାମ ପଂଚାୟତବାସୀଙ୍କ ଭାଗ୍ୟରେ ମିଳିଥିଲା । ସେହି ପଂଚାୟତର ପ୍ରତ୍ୟେକ କୂଅ ଓ ନଳକୂପ ପାଣିରେ ମାତ୍ରାଧିକ ପରିମାଣର ଫ୍ଲୋରାଇଡ୍ ମିଶ୍ରିତ ଅବସ୍ଥାରେ ଥିବା ଜାଣି ସୁଦ୍ଧା ବ୍ୟବହାର କରିବା ପାଇଁ ବାଧ ହୋଇଥିଲେ । ବର୍ତମାନ ସୁଦ୍ଧା ଏହି ଅଂଚଳରେ ପାନୀୟ ଜଳ ସଙ୍କଟ ରହିଛି । ସରକାର ଅନ୍ୟ ଉତ୍ସ ମାଧମରେ ପର୍ଯ୍ୟାପ୍ତ ପରିମୋଣର ଜଳ ଯୋଗାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ବିଧେୟ । ସେହିଭଳି ଥୁଆମୂଳ ରମପୁର ଓ ଲାଞ୍ଜିଗଡ଼ ବ୍ଲକ୍ ଅଂଚଳରେ ବସବାସ କରୁଥିବା ଆଦିବାସୀ, ହରିଜନ ଲୋକମାନେ ସଚେତନତାର ଅଭାବ ଯୋଗୁଁ ପାଣି ଆଣି ପଇବା ପାଣି ରୂପରେ ବ୍ୟବହାର କରୁଛନ୍ତି । ପାହାଡ଼ିଆ ଅଂଚଳ ହେତୁ ଆଜି ପର୍ଯ୍ୟନ୍ତ ଗମନା ଗମନର ସୁବିଧା ହୋଇ ପାରି ନାହିଁ । ପ୍ରାୟ ୬୦ ପ୍ରତିଶତ ଗ୍ରାମରେ ନଳକୂପ ନାହିଁ କହିଲେ ଚଳେ । ଯେଉଁଠି ନଳକୂପ ଅଛି ସେଠି ପର୍ଯ୍ୟାପ୍ତ ପରିମାଣରେ ପାଣି ବାହାରୁ ନାହିଁ । ତେଣୁ ଲୋକମାନେ ବାଧ ବାଧକତାରେ ନଈ, ନାଳ, ପୋଖରୀ, ଝରଣାର ଦୂଷିତ ଜଳକୁ ପାନୀୟ ଜଳ ଭାବରେ ବ୍ୟବହାର କରି ମ୍ୟାଲେରିଆ ଓ ଡାଇରିଆ ରୋଗରେ ଆକ୍ରାନ୍ତ ହୋଇଥାନ୍ତି ।

## ବିଶ୍ୱ ଶ୍ରବଣ ଦିବସ

# ଟିକେ ଶୁଣିବା ଆସନ୍ତୁ !!

◆ ନାରାୟଣ ଚନ୍ଦ୍ର ବିଶ୍ୱାଳ

'ଆଜ୍ଞା, ଟିକେ କାନ ପରୀକ୍ଷା କରାଇ ଦେଉନାହାଁନ୍ତି ?' - ଆଜିର ସମୟରେ ସାଧାରଣତଃ ଜଣକୁ ତାଙ୍କର ଦେହପାଆ ଭଲ ମନ୍ଦ କଥା ବୁଝି ଏହି କଥାଟି କୁଶଳ ମଙ୍ଗଳରେ ପଚାରିଲେ ଉତର ପାଇବେ - 'ମୁଁ କ'ଣ କାଲା କି ?' ଅତି ବିନମ୍ର ଭାବେ ଏହି ଲେଖକ ଏହି ଶବ୍ଦଟିକୁ ସୂଚୀତ କରୁଛି କି ଯେ ମଣିଷ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାନ ପ୍ରତି ଆମେ ଯେ କେତେ ଅବହେଳା କରୁଛେ ତାହା ହିଁ ସବୁଠାରୁ ବଡ଼ ଉଦ୍‌ବେଗର କଥା । ଜଣେ ପରିଚୟ, ଗୌରବ, ସୁନ୍ଦରତା, ଶାଳୀନତା ସବୁକିଛି ଥାଇ ବି ଜଣଙ୍କ କଥା ବା ବେଦନା ଶୁଣି ନପାରିବା ଅତ୍ୟନ୍ତ ମର୍ମନ୍ତୁଦ । ବର୍ତମାନର ସମୟରେ ଆମ କାନ ସୂଚନା ପ୍ରଯୁକ୍ତିର ଆଗୁଆ ଦୌଡ଼ ଭିତରେ ଅଧିକ କଷ୍ଟ ବି ପାଉଛି । ଅତ୍ୟାଧୁନିକ ମିଡ଼ିଆ ଯୋଗାଯୋଗ, ହାତ ପାହାନ୍ତାର ମୋବାଇଲ, ଗାଡ଼ିମଟରର କର୍କଶ ଧ୍ୱନୀ, ଧୂଳି, ଧୂଆଁ ସବୁକିଛି ତ ଆମ କାନର ପରିବେଶକୁ ଯେତିକି ବିଷାକ୍ତ କଲାଣି ତତୋଧିକ କ୍ଷତି କରିସାରିଲାଣି । ଏହି ଲେଖକ ଚିକିତ୍ସା ସେବା ଭିତରେ ଆଶ୍ଚର୍ଯ୍ୟକର ଭାବେ ଯୁବକ ମାନଙ୍କ ଠାରେ ଶ୍ରବଣହାନୀର ମାତ୍ରାଧିକ ସଂଖ୍ୟା ଦେଖୁଛନ୍ତି ଯାହାକି ତାଙ୍କ କର୍ମବୃତି ଜୀବନର ପାଂଚ ବର୍ଷ ତଳେ ସେ ସାମ୍ନା କରିନଥିଲେ । ମୋବାଇଲ ଓ ବ୍ଲୁଟୁଥ୍‌ର ବହୁଳ ବ୍ୟବହାର ହେଉଛି ଏହାର ପ୍ରମୁଖ କାରଣ ପ୍ରଥମ ବିଶ୍ୱ ଶ୍ରବଣ ଦିବସ (ୱାର୍ଲଡ଼ ହିୟରିଂ ଡେ) ଡବ୍ଲ୍ୟୁଏଚ୍‌ଓ ଦ୍ୱାରା ୨୦୦୭ ମସିହାରୁ ଆରମ୍ଭ ହୋଇଥିଲା । ୨୦୧୬ ମସିହା ପର୍ଯ୍ୟନ୍ତ ଏହି ଦିବସଟିକୁ ଅନ୍ତର୍ଜାତୀୟ କର୍ଣ୍ଣଯତ୍ନ ଦିବସ (ଇଂଟର ନ୍ୟାସନାଲ ଇୟର କେୟାର ଡେ) ହିସାବରେ ପାଳନ କରାଯାଉଥିଲା । ମାର୍ଚ୍ଚ ୩ (୩.୩) ପ୍ରତୀକାତ୍ମକ ଭାବରେ ଜଣଙ୍କର ଦୁଇଟି କାନକୁ ବୁଝାଇଥାଏ । ଏହାକୁ ଆଧାର କରି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହି ଦିବସକୁ ଏକ ମହାନ କାର୍ଯ୍ୟ ପାଇଁ ଉତ୍ସର୍ଗ କରିଛି । ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଲା ବିଶ୍ୱରେ ଶ୍ରବଣ ସମସ୍ୟାକୁ ପ୍ରତିରୋଧ କରିବା ସଙ୍ଗେ ସଙ୍ଗେ ଜନ ସମାଜକୁ କାନର ଯତ୍ନ ନେବାରେ ବ୍ରତୀ କରିବା । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ହିସାବ ଅନୁଯାୟୀ ବିଶ୍ୱରେ ପ୍ରାୟ ୩୬କୋଟି ଲୋକ ଶ୍ରବଣହାନୀରେ ପୀଡିତ । ଯାହା ଏକ ପ୍ରକାର ବିକଳାଙ୍ଗତା ସୃଷ୍ଟି କରିଥାଏ । ପ୍ରାୟ ୧୦୦ କୋଟିରୁ ଅଧିକ ୧୨ରୁ ୩୫ ବର୍ଷୀୟ ଯୁବକ ଯୁବତୀ ମଧ ବିଭିନ୍ନ ଜାତିର ତୀବ୍ର ଶବ୍ଦ ଏବଂ ମୋବାଇଲ ଭଳି ରେଡ଼ିଏସନର ପ୍ରଭାବରେ ଅଳ୍ପ ବହୁତ ପ୍ରଭାବିତ ହୋଇଥାନ୍ତି । ତେଣୁ ଏଥିରୁ ବୁଝିବାକୁ ହେବ ଯେ ସମଗ୍ର




ଜନସଂଖ୍ୟାର ପ୍ରାୟ ଶତକଡ଼ା ୬ ଭାଗ ଲୋକ ବଧୀରତାର ଶିକାର ହୋଇଥାନ୍ତି । ଏକ ହିସାବରୁ ଜଣାଯାଇଛି ଯେ ଇଂଲଣ୍ଡରେ ମାତ୍ର ୨୦% ଲୋକ ଶ୍ରବଣ ଦୋଷ ହେଲେ ଡାକ୍ତରଙ୍କୁ ପରାମର୍ଶ କରିଥାନ୍ତି । ଏହା ବ୍ୟକ୍ତି ଏବଂ ସମାଜ ପାଇଁ ବହୁତ କ୍ଷତିକାରକ । ଦକ୍ଷିଣ ଆଫ୍ରିକାର ଲୋକମାନେ ଶ୍ରବଣହାନୀ ହେବାର ୫ରୁ ୧୬ ବର୍ଷ ପର୍ଯ୍ୟନ୍ତ ଡାକ୍ତର ପରାମର୍ଶ ଲୋଡ଼ି ନଥାନ୍ତି ବୋଲି ଏକ ସର୍ଭେରୁ ଜଣାପଡ଼ିଛି । ଏହି ସବୁ କାରଣରୁ ବ୍ୟକ୍ତିର କ୍ଷତି ହେବା ସଙ୍ଗେ ସଙ୍ଗେ ଦେଖାଯାଇଛି ଯେ ବିଶ୍ୱର ଅର୍ଥନୈତିକ ଅଭିବୃଦ୍ଧିରେ ପ୍ରାୟ ୭୫ହଜାର କୋଟି ଡଲାରର ବର୍ଷକୁ କ୍ଷତି ହେଉଛି । ଏହା ଏକ ବହୁତ ବଡ଼ ଆର୍ଥିକ କ୍ଷତି । ଏହା ହେଲା ଏକ ସାମଗ୍ରୀକ ଆକଳନ । ଭାରତ ଭଳି ବିକାଶମୁଖୀ ଦେଶ ମାନଙ୍କର କଥା ଆହୁରି ଭୟାନକ । ଏସବୁକୁ ଆଖି ଆଗରେ ରଖି ପ୍ରତି ବର୍ଷ ଏକ ଥିମ୍ ବା ବିଷୟବସ୍ତୁ ଉପରେ ଆଧାର କରି ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରତି ବର୍ଷ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ଶ୍ରବଣ ଦିବସ ବା ୱାର୍ଲଡ଼ ହିୟରିଂ ଡେ ଭାବରେ ପାଳନ କରୁଛି । ଏ ବର୍ଷର ବାର୍ତା ହେଲା 'ଯାବତ ଜୀବନ ଶୁଣିବା ପାଇଁ କାନର ଯତ୍ନ' । (**To hear for life listen with care**) ଏହି ଅବସରରେ ସାଧାରଣ ନାଗରିକଟିଏ ଯାବତ ଜୀବନ ଶୁଣିବା ପାଇଁ କାନର କିଛି ଅସୁବିଧା ଥାଉ ବା ନଥାଉ ଶ୍ରବଣ ପରୀକ୍ଷା ବା ଅଡ଼ିଓ ମେଟ୍ରିକ କରାଇନେବା ଉଚିତ । ଏଥିପାଇଁ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ତରଫରୁ ଏହି ଦିନ ମାଗଣା ଶ୍ରବଣ ପରୀକ୍ଷାମାନ କରାଯାଉଛି । ଏଠାରେ କହିରଖିବା ଉଚିତ ଯେ କାନର କେତେକ ବିଶେଷ ଲକ୍ଷଣ ଥିଲେ ଜଣେ ନିଶ୍ଚିନ୍ତ ଭାବରେ ଶ୍ରବଣ ପରୀକ୍ଷା କରାଇନେବା ବାଞ୍ଛନୀୟ । ଉଦାହରଣ ସ୍ୱରୂପ - କାନରେ ଶବ୍ଦ ହେଲେ, କାନ ବିନ୍ଧା ହେଲେ, କାନକୁ କମ୍ ଶୁଭିଲେ, କାନ ଜାମ ଲାଗିଲେ, କାନ କୁଣ୍ଡେଇ ହେଲେ, ମୁଣ୍ଡ ବୁଲାଇଲେ, କାନରୁ ପାଣି କିମ୍ବା ପୂଜ ବାହାରିଲେ ବିଳମ୍ବ ନକରି ଯଥାଶୀଘ୍ର ନିକଟସ୍ଥ ବାକ୍‌ଶ୍ରବଣ ବିଶେଷଜ୍ଞଙ୍କ ପରାମର୍ଶ କରିବା ଉଚିତ । ଏହାଛଡ଼ା ନବଜାତ ଶିଶୁର ଶ୍ରବଣ ପରୀକ୍ଷା ନିହାତି ଅପରିହାର୍ଯ୍ୟ । ଆଜିକାଲି ମା'ପେଟରେ ଥିବା ସାତ ମାସରୁ ଉର୍ଦ୍ଧ୍ୱ ଶିଶୁର ଶ୍ରବଣ ପରୀକ୍ଷାମାନ କରାଯାଇପାରୁଛି । ସରକାରଙ୍କ ତରଫରୁ ବିଭିନ୍ନ ପ୍ରକଳ୍ପ ମାଧମରେ ନବଜାତ ଶିଶୁ ମାନଙ୍କର ଠିକ୍ ଜନ୍ମ ପରେ ପରେ ଶ୍ରବଣ ପରୀକ୍ଷା କରାଯାଉଛି । ଯାହାଦ୍ୱାରା ଭବିଷ୍ୟତରେ ସେମାନେ ଉପଯୁକ୍ତ ଚିକିତ୍ସା, ଉପଯୁକ୍ତ ସମୟରେ ପାଇ ପାରୁଛନ୍ତି । ଏତ ଗଲା ଶ୍ରବଣ ପରୀକ୍ଷାର କଥା । ଆଉ ଟିକେ ଯତ୍ନଶୀଳ ହେଲେ ଆମେ ଶ୍ରବଣଦୋଷକୁ ଅଟକାଇ ପାରିବା । ଉଦାହରଣ ସ୍ୱରୂପ ଅଧିକ ଲୁଣ ଖାଇଲେ, ଏକାଥରେ ଅଧିକ ପାଣି ପିଇଲେ, ଆଲକୋହଲ, ନିକୋଟିନ ଏବଂ ଟବାକୋ ଭଳି ନିଶାସେବନ କଲେ କାନର ସ୍ନାୟୁ ଦୁର୍ବଳ ହୋଇ ଶ୍ରବଣହାନୀ ହୋଇ ଥାଏ । ଏଥିରୁ ନିବୃତ ରହିବା ଉଚିତ । ବହୁତ ସମୟରେ ଥଣ୍ଡାରୁ ନାକରୁ ପାଣିଗଡ଼େ ତାହାଦ୍ୱାରା କାନରେ ପାଣି ଏବଂ ପୂଜ ସୃଷ୍ଟି ହୋଇ ଶ୍ରବଣହାନୀ ହୁଏ । ସେଥିପାଇଁ ସର୍ଦ୍ଦି ହେବାକ୍ଷଣି ତାର ଉପଚାର କରିବା ସଙ୍ଗେ ସଙ୍ଗେ ସର୍ଦ୍ଦି ନହେବା ପାଇଁ ଧୂଳି, ଧୂଆଁ ଏବଂ ଅତ୍ୟଧିକ ଥଣ୍ଡା ଖାଦ୍ୟ, ଥଣ୍ଡା ପାନୀୟ ଠାରୁ ଦୂରେଇ ରହିବା ଉଚିତ । ମୁଣ୍ଡ ଧୋଇଲେ ଯଦି ଥଣ୍ଡା ଧରୁଥାଏ ତାହେଲେ ଔଷଧ ସେବନ କରି ଏକ ଘଂଟା ପରେ ମୁଣ୍ଡ ଧୋଇବା ଉଚିତ । ବିକାଶମୁଖୀ ଦେଶ ମାନଙ୍କରେ ଶତକଡ଼ା ୧୦୦ ଭାଗ ଶିଶୁ ଏ ସୁବିଧାରୁ ବଂଚିତ । ତେଣୁ ଆସନ୍ତୁ ଆମେ ଆବାଳ-ବୃଦ୍ଧ-ବନିତାଙ୍କର ଏହି ଦିନରେ ଶ୍ରବଣ ପରୀକ୍ଷା କରି ଭବିଷ୍ୟତ ପିଢ଼ୀଙ୍କ ପାଇଁ ଶ୍ରବଣହାନୀ ଭଳି ଏକ ବିକଳାଙ୍ଗ ବ୍ୟାଧିକୁ ମୂଳୋତ୍ପାଟନ କରିବା । ବର୍ତମାନ ସମୟରେ ଏକ ପ୍ରକାର ଜାଣତ ଅଥଚ ଚିନ୍ତାଜନକ ମହାମାରୀ ଭାବେ ଶ୍ରବଣହାନୀ ସମସ୍ୟା ସବୁଠି ଦେଖିବାକୁ ମିଳୁଛି । କିନ୍ତୁ ବଡ଼ କଥା ହେଉଛି ଆମ୍ଭ ମାନଙ୍କ ଭିତରେ କିଛିଟା ସଚେତନତାକୁ ଜୀବନରେ କାର୍ଯ୍ୟରେ ଲଗାଇ ପାରିଲେ ସମସ୍ୟା ଗମ୍ଭୀର ହେବ ନାହିଁ ଓ ସମସ୍ୟାଟି ଦୈନନ୍ଦିନ ଜୀବନ ଯାପନରେ ସହଜସାଧ ହୋଇଯିବ ।

*ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' ମେଟ୍ରୋ ବିଲଡିଂ, କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ : ୯୪୩୮୨୭୬୭୬୦*



# ଜାମସେଦ୍‌ଜୀ ଟାଟା

◆ ବାଦଲ ଭୂୟାଁ

## ଜୟନ୍ତୀ ଅବସରରେ

ଜାମସେଦ୍‌ଜୀ ନୁସେରୱାନଜି ଟାଟାଙ୍କର ଭାରତୀୟ ଉଦ୍ୟୋଗ ଜଗତ ପ୍ରତି ଯଥେଷ୍ଟ ଅବଦାନ ରହିଛି । ତାଙ୍କୁ ଭାରତୀୟ ଉଦ୍ୟୋଗ ଜଗତର ଜନକ ଭାବେ ଅଭିହିତ କରାଯାଇଥାଏ । ସେ ଗୁଜୁରାଟର ବରୋଦା ଅନ୍ତର୍ଗତ ନବସରୀ ଠାରେ ୧୮୩୯ ମସିହା ମାର୍ଚ୍ଚ ତିନି ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ମାତ୍ର ୧୪ ବର୍ଷ ବୟସରେ ମୁମ୍ବାଇ ଚାଲିଆସି ପିତାଙ୍କ ବ୍ୟବସାୟରେ ସାହାଯ୍ୟ କରିଥିଲେ । ୨୯ ବର୍ଷ ବୟସରେ ୨୧ ହଜାର ଟଙ୍କାର ପୁଞ୍ଜିରେ ସେ ନିଜସ୍ୱ ବ୍ୟବସାୟ ଆରମ୍ଭ କରିଥିଲେ । ଦେବାଳିଆ ଅବସ୍ଥାରେ ଥିବା ଏକ ତେଲ କାରଖାନାକୁ କିଣି ସେଠାରେ ସେ ଏକ ତୁଳା ଫ୍ୟାକ୍ଟ୍ରି ପ୍ରତିଷ୍ଠା କରିଥିଲେ । ପରେ ନିଜର ଦୂରଦୃଷ୍ଟି ବଳରେ ସେ ବିଶାଳ ଟାଟା ସମୂହ ପ୍ରତିଷ୍ଠା କରିପାରିଥିଲେ । ଜାମସେଦଜୀ ସେହି ସମୟରେ ଭାରତରେ ଉଦ୍ୟୋଗ ବିକାଶ ଆରମ୍ଭ କରିଥିଲେ, ଯେଉଁ ସମୟରେ ବ୍ୟବସାୟ କେବଳ ଇଂରେଜ ତଥା ୟୁରୋପୀୟମାନେ ବ୍ୟବସାୟ କ୍ଷେତ୍ରରେ ଆଧିପତ୍ୟ ବିସ୍ତାର କରିଥିଲେ । ଟାଟା ଇଂଲଣ୍ଡ ଯାତ୍ରା କରି ସେଠାରେ କପଡ଼ା କାରଖାନାରେ ଉତ୍ପାଦନ ଏବଂ ଜଳବାୟୁର ଅନୁଧ୍ୟାନ କରିଥିଲେ । ପରେ ସେ ନାଗପୁର ଚାଲି ଆସି ସେଠାରେ ଏକ କପଡ଼ା କାରଖାନା ଆରମ୍ଭ କରିଥିଲେ । ତାଙ୍କ ଉଦ୍ୟୋଗ ବିକାଶ ସେତିକିରେ ଅଟକି ନଥିଲା । ସେ ମୁମ୍ବାଇର କୋଲାବ ଠାରେ ତାଜମହଲ ହୋଟେଲ୍ ପ୍ରତିଷ୍ଠା କରିଥିଲେ । ଯାହା ସେ ସମୟରେ ନିଜ ଶ୍ରେଣୀରେ ଏକ ବିଶ୍ୱସ୍ତରୀୟ ହୋଟେଲ ଥିଲା । ଜାମ୍‌ସେଦଜୀଙ୍କ ଦୂରଦୃଷ୍ଟି ଯୋଗୁଁ ତାଙ୍କ ଦେହାନ୍ତ ୧୯ ମେ ୧୯୦୪ ପଟେ ଟାଟା ସମୂହ କେବଳ ଭାରତରେ ନୁହେଁ ବିଶ୍ୱରେ ଏକ ବିଶାଳ ଔଦ୍ୟୋଗିକ ଅନୁଷ୍ଠାନରେ ପରିଣତ ହୋଇଥିଲା । ଟାଟା ଷ୍ଟିଲ୍, ଟାଟା ପାୱାର ଭଳି ଉଦ୍ୟୋଗ ପ୍ରତିଷ୍ଠା ସହ ଦେଶର ଅର୍ଥନୈତିକ ଏବଂ ସାମାଜିକ କ୍ଷେତ୍ରକୁ ବିଶେଷ ଯୋଗ ଦାନ ଦେଇ ଆସିଛି ଟାଟା ଗ୍ରୁପ୍ । ସମଗ୍ର ପୃଥିବୀରେ ଟାଟା ସାମ୍ରାଜ୍ୟର ପ୍ରଗତିର ବିଶାଳ ମାଇଲସ୍ତମ୍ଭ ଉଦ୍ୟୋଗ ଓ ବାଣିଜ୍ୟ ମହଲକୁ ପ୍ରେରଣା ଯୋଗାଏ । ଆଜି ଝାଡ଼ଖଣ୍ଡର ପ୍ରଗତିରେ ଟାଟା ଗ୍ରୁପ୍‌ର ଅବଦାନ ବହୁତ । ସେଥିପାଇଁ ଟାଟା ନଗର ସହର ଭାରତର ଶିଳ୍ପ ଉଦ୍ୟୋଗ ଜଗତ ପାଇଁ ଏକ ସ୍ମରଣୀୟ ସହର ଭାବେ ପରିଚିତ ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଂଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨*

# ସୌନ୍ଦର୍ଯ୍ୟ



★ ଶରୀରର ରଙ୍ଗ, ପୋଷାକର ରଙ୍ଗ, ପରିବେଶ ସ୍ଥାନକୁ ନଜରରେ ରଖି ମେକ୍‌ଅପର ରଙ୍ଗ, ଡିଜାଇନ୍ ବ୍ୟବହାର କରନ୍ତୁ ।

★ ଆବଶ୍ୟକ ସମୟରେ ହିଁ ମେକ୍‌ଅପ୍ ନେବା ଉଚିତ ।

★ ସମୟ ଅନୁସାରେ ରଙ୍ଗ, ଡିଜାଇନ ବଦଳାଇବା ନୂତନ ପିଢ଼ିର ଲକ୍ଷଣ ।

★ ଲିପ୍‌ଷ୍ଟିକ ଲଗାଇବାର ଶୈଳୀ, ରଙ୍ଗର ଚୟନ, କିଣିବାର ଟେକ୍‌ନିକ ମଧ ଏକାନ୍ତ ଆବଶ୍ୟକ ।

★ ଶାଢ଼ି, ଶାଲୱାର, ଜୀନ୍ସ, ଗାଉନ୍, ଫ୍ରକ୍ ସହିତ ଭିନ୍ନ ପ୍ରକାରର ରଙ୍ଗ ମେକ୍‌ଅପ ବ୍ୟବହାର କରନ୍ତୁ ।

★ ରଙ୍ଗ ମଣିଷର ବ୍ୟକ୍ତିତ୍ୱ, ଚିନ୍ତାଧାରା, ବ୍ୟବହାରକୁ ପରିପ୍ରକାଶ କରିଥାଏ ତେଣୁ ଅନାବଶ୍ୟକ ସ୍ଥଳେ ସର୍ବଦା ଲିପ୍‌ଷ୍ଟିକ ଲଗାଇବା ଠିକ୍ ନୁହେଁ ।

★ ଓଠ କାମୁଡିବା ଓ ମୁହଁ ଖୋଲା କରିବା ଭଳି ଅଭ୍ୟାସରୁ ନିବୃତ ରୁହନ୍ତୁ ।

+++

# ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ଜଙ୍ଗଲ ନିଆଁ

◆ ଅଲେଖ ଚନ୍ଦ୍ର ସାମଲ, ଓଏଫ୍‌ଏସ୍-୧

ଆଜି ବିଶ୍ୱ ବନ୍ୟପ୍ରାଣୀ ଦିବସ । ବନ୍ୟ ଜୀବମାନଙ୍କର ଶରୀରର ବିଭିନ୍ନ ଅଂଶକୁ ବେଆଇନ ଭାବେ ଚାଲାଣ କରିବା ଏବେ ବିଶ୍ୱର ଅନ୍ୟତମ ଲାଭଦାୟକ ବ୍ୟାପାର ପାଲଟିଛି । ସେ ହାତୀଦାନ୍ତ ହେଉ ବା ଗଣ୍ଡା ଶିଙ୍ଘ କିମ୍ବା ବାଘ ଶରୀରର ବିଭିନ୍ନ ଅଂଶ । ଚୋରା ଚାଲାଣକାରୀମାନେ ଏହାକୁ ବିକ୍ରି କରି ପ୍ରଚୁର ଅର୍ଥ ରୋଜଗାର କରୁଛନ୍ତି । ବିଶେଷ କରି ଏସିଆ ଏବଂ ଆଫ୍ରିକାରେ ଏହି ବ୍ୟବସାୟର ବଜାର ଖୁବ୍ ବ୍ୟାପକ । ଏପରିସ୍ଥଳେ ବିପଦରେ ଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦୧୩ ମସିହା ଡିସେମ୍ବର ୨୦ ତାରିଖରେ ଜାତିସଂଘର ସାଧାରଣ ସଭାରେ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରିବା ଲାଗି ଘୋଷଣା କରାଯାଇଥିଲା । ସେବେଠାରୁ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି । ଏହି ଦିନ ବିଲୁପ୍ତ ହୋଇଆସୁଥିବା ବନ୍ୟପ୍ରାଣୀଙ୍କ ସଂପର୍କରେ ସଚେତନତା ସୃଷ୍ଟି କରାଯିବା ସହିତ ବନ୍ୟପ୍ରାଣୀ ଅପରାଧ ବିରୋଧରେ ଲଢ଼ିବାକୁ ଲୋକମାନଙ୍କୁ ପ୍ରେରିତ କରାଯାଏ । ଏହି ଅବସରରେ ଜାତିସଂଘ, ବିଭିନ୍ନ ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ । ତେବେ ବନାଗ୍ନି ଫଳରେ ଯେଉଁ ଜୈବ ବିବିଧତା ନଷ୍ଟ ହେଉଛି ପରିଶେଷରେ ଅଙ୍ଗାରକାମ୍ଳ ଶୋଷଣର କ୍ଷମତା କମୁଛି, ମୃତିକା କ୍ଷୟ ସାଙ୍ଗକୁ ମୃତିକାର ଉର୍ବରତା ହ୍ରାସ ପାଉଛି, ତାହା ସବୁ ହିସାବକୁ ନେଲେ କ୍ଷତିର ପରିମାଣ ଯାହା ହେବ ତାହା ଅକଳ୍ପନୀୟ । କାରଣ ଏହାଦ୍ୱାରା ଜଳବାୟୁରେ ବିଭ୍ରାଟ ଦେଖାଦେବା ସାଙ୍ଗକୁ ପରିବେଶ ଅସୁରକ୍ଷିତ ହୋଇପଡୁଛି ଯାହାକୁ କୌଣସି ମୂଲ୍ୟରେ ତଉଲିବା ଅସମ୍ଭବ । ଫରେଷ୍ଟ ସର୍ଭେ ଇଣ୍ଡିଆର ରାଜ୍ୟୱାରି ଜଙ୍ଗଲ ନିଆଁ ସମ୍ବନ୍ଧରେ ପ୍ରଦତ ତଥ୍ୟ ଏଠାରେ ଉଲ୍ଲେଖ ଯୋଗ୍ୟ କରାଯିବା ପ୍ରାସଙ୍ଗିକ ମନେ ହୁଏ । ୨୦୨୦ର ତଥ୍ୟ ଅନୁଯାୟୀ ଆମ ରାଜ୍ୟ ଓଡ଼ିଶାରେ ୪୭,୧୪୫ ବର୍ଗ କିଲୋମିଟର ଜଙ୍ଗଲ ରହିଛି । ଯାହାକି ସମଗ୍ର ଦେଶର ଜଙ୍ଗଲ ଅ*ଳର ୭.୩୪ ପ୍ରତିଶତ । ତନ୍ମଧ୍ୟରୁ ୨୫୯୦ ବର୍ଗ କିଲୋମିଟର ଜଙ୍ଗଲ ବନାଗ୍ନିପ୍ରବଣ । ସେହିପରି ଆନ୍ଧ୍ରପ୍ରଦେଶରେ ୪୭,୨୫୬ ବର୍ଗକିଲୋମିଟର ଜଙ୍ଗଲ ମଧ୍ୟରୁ ୧୨୯ ବର୍ଗକିଲୋମିଟର, ଅରୁଣାଚଳ ପ୍ରଦେଶରେ ୬୮,୬୬୧ ବର୍ଗକିଲୋମିଟରରୁ ୧୦୧ ବର୍ଗକିଲୋମିଟର, ଛତିଶଗଡ଼ରେ ୫୭,୪୮୪ ବର୍ଗକିଲୋମିଟର ମଧ୍ୟରୁ ୧୨୧ ବର୍ଗକିଲୋମିଟର, ଝାଡ଼ଖଣ୍ଡରେ ୨୧,୭୪୩ ବର୍ଗକିଲୋମିଟରରୁ ୪୭୨ ବର୍ଗକିଲୋମିଟର, କର୍ଣ୍ଣାଟକରେ ୩୨,୩୪୩ ବର୍ଗକିଲୋମିଟରରୁ ୧୦୭ ବର୍ଗକିଲୋମିଟର, ମଧ୍ୟପ୍ରଦେଶରେ ୭୭,୯୧୨ ବର୍ଗକିଲୋମିଟରରୁ ୩୦୯୬ ବର୍ଗକିଲୋମିଟର, ମହାରାଷ୍ଟ୍ରରେ ୪୩,୮୫୯ ବର୍ଗ କିଲୋମିଟରରୁ ୫୮୪ ବର୍ଗକିଲୋମିଟର ଓ ଉତରା*ଳରେ ୨୩,୨୫୪ ବର୍ଗକିଲୋମିଟରରୁ ୪୪୯୨ ବର୍ଗକିଲୋମିଟର ଜଙ୍ଗଲ ନିଆଁ ଲାଗି କ୍ଷତିଗ୍ରସ୍ତ ହୋଇଥାଏ । ଜଳବାୟୁର ଆର୍ଦ୍ରତା ଓ ପବନର ବେଗ ଉପରେ ପ୍ରାକୃତିକ ବନାଗ୍ନି ନିର୍ଭର କରିଥାଏ । ବାୟୁମଣ୍ଡଳରେ ଉତାପର ମାତ୍ରାବୃଦ୍ଧି ଯଦିଓ ଜଙ୍ଗଲରେ ନିଆଁ ଲାଗିବାର ପ୍ରତ୍ୟକ୍ଷ କାରଣ ନୁହେଁ, ମାତ୍ର ଏହାଦ୍ୱାରା ଶୁଖିଯାଉଥିବା ଗଛବୃକ୍ଷ, ବୃଦ୍ଧି ପାଉଥିବା ପବନର ବେଗ ସାମାନ୍ୟ ନିଆଁକୁ ଜଙ୍ଗଲବ୍ୟାପୀ କରାଇ ଦେଇଥାଏ । ପବନର ଅଧିକ ଗତି ଓ ପାହାଡ଼ରୁ ଗଡ଼ି ଆସୁଥିବା ବଡ଼ ବଡ଼ ପଥର ପରସ୍ପର ସହିତ ଥକ୍କା ଲାଗି ନିଆଁ ସୃଷ୍ଟି କରିଥାନ୍ତି । ଏହା ସତ୍ୟ ଯେ, ଜଙ୍ଗଲ ମୂଳକରେ ସାଧାରଣତଃ ବସବାସ କରନ୍ତି ଆଦିବାସୀ । ସେମାନେ ନିଜର ଜୀବନଜୀବିକା ପାଇଁ ପୋଡୁଚାଷ ଉପରେ ନିର୍ଭର କରନ୍ତି । ଖରାଦିନ ଓ ଶୀତଦିନ ଆସିଲେ ସେମାନେ ଏଥିରେ ନିଆଁ ଲଗାଇ ଦେଇ ଥାଆନ୍ତି । ଦରପୋଡ଼ା ଗଛରୁ ସେମାନେ ଅଙ୍ଗାର ସଂଗ୍ରହ କରି ବଜାରରେ ବିକ୍ରି କରିଥାଆନ୍ତି । ଅଧିକ ପରିମାଣରେ ଅଙ୍ଗାର ସଂଗ୍ରହ ପାଇଁ ସେମାନେ ବିସ୍ତୀର୍ଣ୍ଣ ଜଙ୍ଗଲ ଅ*ଳରେ ନିଆଁ ଲଗାଇ ଦେବା ଫଳରେ ଏହି ନିଆଁ ସାରା ଜଙ୍ଗଲକୁ ମାଡ଼ିଯାଇ ବ୍ୟାପକ କ୍ଷତି ଘଟାଇଥାଏ । ପୁଣି ଜଙ୍ଗଲଜାତ ସାମଗ୍ରୀ ଯଥା ମହୁଲ, ଶାଳମଞ୍ଜି ଟୋଲ ଆଦି ସଂଗ୍ରହ ସକାଶେ ଏସବୁ ଗଛର ମୂଳ ସଫା ରଖିବା ପାଇଁ ଆଦିବାସୀ ମାନେ ତଳେ ଝରିପଡୁଥିବା ଶୁଖିଲା ପତ୍ରରେ ନିଆଁ ଲଗାଇ ଦେଇଥାଆନ୍ତି । ଜୈବ ବିବିଧତା ନଷ୍ଟ ହେବା ସହ ବନ୍ୟଜନ୍ତୁ ଓ ବୃକ୍ଷଲତାଗୁଡ଼ିକର ବିଲୋପ ଘଟେ, ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଉଜୁଡ଼ିଯାଏ । ସେମାନଙ୍କ ବଂଶ ବୃଦ୍ଧି ସୀମିତ ହୋଇଯାଏ । ଅନେକ ଜୀବଜନ୍ତୁଙ୍କର ପ୍ରାଣହାନୀ କାରଣରୁ ସେମାନଙ୍କ ସଂଖ୍ୟା ହ୍ରାସ ପାଏ । ଗଛ ଧ୍ୱଂସ ପାଉଥିବା ଯୋଗୁଁ



ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶ୍ଳେଷଣରେ ବ୍ୟାଘାତ ଘଟେ । ଫଳରେ ପରିବେଶରେ ଅଙ୍ଗାରକାମ୍ଳର ମାତ୍ରା ବୃଦ୍ଧି ଘଟେ । ଜଙ୍ଗଲ ସମ୍ପଦ ହ୍ରାସଯୋଗୁଁ ବର୍ଷାର ପରିମାଣ ହ୍ରାସ ପାଏ । ଜଙ୍ଗଲ ଉପରେ ନିର୍ଭରଶୀଳ ବନବାସୀ ମାନଙ୍କର ଜୀବନଜୀବିକା ବିପନ୍ନ ହୁଏ । ଆବାସସ୍ଥଳୀ ଉଜୁଡ଼ିଯିବା କାରଣରୁ ଓ ଜଙ୍ଗଲରେ ମିଳୁଥିବା ଖାଦ୍ୟ ଦୁଷ୍ପ୍ରାପ୍ୟ ହେବାରୁ ବନ୍ୟଜନ୍ତୁ ମାନେ ଜନପଥକୁ ମାଡ଼ିଆସିବା ଫଳରେ ପଶୁ ମଣିଷ ବିବାଦ ବୃଦ୍ଧି ପାଏ । ଓଡ଼ିଶାରେ ୧୯୮୮ ପ୍ରଣୀତ ଜାତୀୟ ଜଙ୍ଗଲ ନୀତିରେ ଜଙ୍ଗଲ ନିଆଁକୁ ରୋକିବା ସହ ଏହାକୁ ପରିଚାଳନା ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସବିଶେଷ ମାର୍ଗଦର୍ଶିକା ରହିଛି । ସାମ୍ପ୍ରତିକ ସୂଚନା ପ୍ରଯୁକ୍ତିର ଜ୍ଞାନକୌଶଳ ଦ୍ୱାରା ଜଙ୍ଗଲ ନିଆଁ ଉପରେ ରୋଗ ଲଗାଇବା ସହ କେନ୍ଦ୍ର ସରକାର ୨୦୦୦ ମସିହାରେ ଏ ନେଇ କିଛି ନିୟମ ଜାରି କରିଛନ୍ତି । ସେହିପରି ଭାରତୀୟ ଜଙ୍ଗଲ ଆଇନରେ ଜଙ୍ଗଲରେ ନିଆଁ ଲଗାଇବା ଏକ ଦଣ୍ଡନୀୟ ଅପରାଧ ଭାବେ କଡ଼ାକଡ଼ି ଉଲ୍ଲେଖ ରହିଛି । ଏଥିରେ ଜଙ୍ଗଲ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ନିଆଁ ରୋକିବା ପାଇଁ ସାମିଲ କରିବାକୁ ବ୍ୟବସ୍ଥା ରହିଛି । ଜଙ୍ଗଲ ପୋଡ଼ି ରୋକିବାକୁ ଓଡ଼ିଶା ଜଙ୍ଗଲ ଅଧିନିୟମ ୧୯୭୯ ବିଶେଷ ଭାବେ ପ୍ରସ୍ତୁତ ହୋଇଛି । ଏଥିରେ ସଂରକ୍ଷିତ ଓ ଖୋଲା ଜଙ୍ଗଲରେ ନିଆଁ ଲଗାଇବାକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ସହ ଜଙ୍ଗଲ ପାଖରେ ନିଆଁର ବ୍ୟବହାର ଉପରେ ମଧ କଟକଣା ଜାରି କରାଯାଇଛି । ଓଡ଼ିଶା ଜଙ୍ଗଲ (ସଂଶୋଧନ) ଆଇନ ୨୦୦୧ର ୨୭ ଧାରାର ଉପଧାରା (କ)୧ରେ ଜଙ୍ଗଲରେ ନିଆଁ ଲଗାଇବା ଓ ଜଳନ୍ତା ନିଆଁକୁ ଛାଡ଼ି ଆସିବା ଭଳି କାର୍ଯ୍ୟ କଲେ ଜେଲ ଓ ଜରିମାନାର ବ୍ୟବସ୍ଥା ମଧ ରହିଛି । ଜଙ୍ଗଲରେ କୌଣସି କାରଣବଶତଃ ଅଗ୍ନି ଦେଖାଯିବା ମାତ୍ରେ ନିକଟସ୍ଥ ଗ୍ରାମଗୋଷ୍ଠୀକୁ ସୂଚୀତ କରାଇବା ଦ୍ୱାରା ସେମାନେ ନିଆଁ ଲିଭାଇବାକୁ ଉଦ୍ୟମ କରିବା, ଗ୍ରାମରେ ଆଇନ କରି ଜଙ୍ଗଲ ନିଆଁ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିବା, ଶିକାର, ଲଘୁବନଜାତ ଦ୍ରବ୍ୟ ସଂଗ୍ରହ, ଫସଲ ସୁରକ୍ଷା, ପୋଡୁଚାଷ ପାଇଁ ନିଆଁର ବ୍ୟବହାରକୁ ନିଷିଦ୍ଧ କରିବା ସକାଶେ କ୍ଷମତା ପ୍ରଦାନ କରାଯାଇଛି । ଜଣାଯାଇଛି ଯେ, ଓଡ଼ିଶାରେ ୨୦୦୫ ମସିହାରେ ଯେଉଁ ପରିମାଣରେ ଜଙ୍ଗଲ ପୋଡ଼ି ହୋଇଥିଲା ତାହା ସମଗ୍ର ଦେଶରେ ତୃତୀୟ ଏବଂ ଏହାର ପରିମାଣ ୫.୪୯ ପ୍ରତିଶତ । ଆମ୍ଭେମାନେ ପ୍ରକୃତି ପ୍ରଦତ ଜଙ୍ଗଲ ସମ୍ପଦ ନଷ୍ଟ କରୁଥିବାରୁ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଛୁ । କେବଳ ଭାରତରେ ନୁହେଁ ଭୟାବହ ଜଙ୍ଗଲ ନିଆଁ, ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଅପୂରଣୀୟ କ୍ଷତି କରୁଛି । ବହୁ ବିଳମ୍ବରେ ହେଲେ ବି ଭାରତରେ ଅତ୍ୟାଧୁନିକ ବ୍ୟବସ୍ଥା ମାଧ୍ୟମରେ ଜଙ୍ଗଲ ନିଆଁକୁ ଆୟତ କରିବାର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି । ସେହିପରି ବନ୍ୟପ୍ରାଣୀ ମାନଙ୍କ ସୁରକ୍ଷା ପାଇଁ ସରକାର କଡ଼ାକଡ଼ି ଆଇନ କରିବା ପରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଅନେକ ସାମାଜିକ ଅନୁଷ୍ଠାନମାନେ ନିୟମିତ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ଜଙ୍ଗଲରେ କେଉଁଠି ନିଆଁ ଲାଗୁଛି ତାହା ଉପରେ ନଜର ରଖିବା ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକରେ ଜଙ୍ଗଲ ଭିତରେ ନିରୀକ୍ଷଣ ମ* ପ୍ରସ୍ତୁତ କରାଯାଇ ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟ ନେଇ ନିୟମିତ ପହରାର ବ୍ୟବସ୍ଥା ହୋଇଛି । ନିରୀକ୍ଷଣ ମ*ରେ ଦିଗ ନିର୍ଣ୍ଣାୟକ ଯନ୍ତ୍ର ମଧ ଲଗାଯାଇଛି, ଯାହାଫଳରେ ଜଙ୍ଗଲ ଉପରେ ସଠିକ୍ ନଜର ରଖାଯାଇପାରୁଛି । ନିଆଁ ଲାଗିଥିବା ଜଙ୍ଗଲ ଉପରେ ବାଲିବର୍ଷା, ଫୋମ ଓ ଅଗ୍ନି ନିର୍ବାପନ ଗ୍ୟାସର ପ୍ରୟୋଗ, କୃତ୍ରିମ ବର୍ଷା ଆଦି କରାଇବାର ବ୍ୟବସ୍ଥା କରାଯାଇଛି । ମାତ୍ର ସେହି ତୁଳନାରେ ଆମ ଦେଶର କୌଣସି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ନାହିଁ । ଜଙ୍ଗଲ ହେଉଛି ଆମ ପ୍ରକୃତି ମାତାର ଅନବଦ୍ୟ ରୂପ । ଏହାକୁ ଭଲପାଇବା ଦ୍ୱାରା କେବଳ ପ୍ରକୃତି ନୁହେଁ ଆମେ ଆମ ନିଜ ଜୀବନକୁ ସୁନ୍ଦର ଓ ସାର୍ଥକ କରିପାରିବା ।

*ପୂର୍ବତନ ଡିଏଫଓ (କେନ୍ଦୁଲିଫ୍), ପଳାଇ, ବାଲିଚନ୍ଦ୍ରପୁର, ଯାଜପୁର : ୯୪୩୭୨୫୬୭୧୨୩*




# ପ୍ରେମ ଓ ଫଲଗୁର ପାର୍ବଣଃ ଦୋଳ

ଦୋଳଯାତ୍ରାର ପ୍ରଥମ ଦିନକୁ ଫଗୁ ଦଶମୀ କୁହାଯାଇଥାଏ । ଏହା ଫାଲଗୁନ୍ ମାସ ଶୁକ୍ଳପକ୍ଷ ଦଶମୀ ଦିନରେ ପାଳିତ ହୁଏ । ଭଗବାନ ବିଷ୍ଣୁଙ୍କ ଅବତାର ସ୍ୱୟଂ ଜଗନ୍ନାଥଙ୍କ ଅନ୍ୟ ନାମ ହେଉଛି ଗୋବିନ୍ଦ । ଫଗୁ ଦଶମୀ ତିଥିରୁ ସାଧାରଣତଃ ଗୋବିନ୍ଦଙ୍କର ଯାତ୍ରା ଏବଂ ଗ୍ରାମ ପରିକ୍ରମା ଆରମ୍ଭ ହୋଇଥାଏ । ଆଧ୍ୟାତ୍ମିକ ଭାରତ ବର୍ଷର ବିଭବକୁ ଦେଖିଲେ ସବୁଧର୍ମ ସମ୍ପ୍ରଦାୟ ହୋଲିକୁ ଏକ ଆନନ୍ଦ ଓ ଭାତୃତ୍ୱ ଅତୁଟ ବନ୍ଧନୀର ଅନ୍ୟତମ ଗଣ ଉତ୍ସବ ଭାବେ ଅଭିହିତ କରିଥାନ୍ତି । ଯୁଗାବତାର ପରମ ପ୍ରେମମୟ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ଫଗୁ ବା ହୋଲିର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ଓ ଏହାର ଆମ ସାମାଜିକ ଜନଜୀବନରେ ଧାର୍ମିକ ବିଶ୍ୱାସକୁ ନେଇ କହିଛନ୍ତି - 'ଦୋଳ ହେଉଛି ଜୀବନର ଉତ୍ସ । ସଂଘର୍ଷମୟ ଜୀବନରେ ଆକୁଞ୍ଚନ ଓ ସମ୍ପ୍ରସାରଣ, ଆକର୍ଷଣ ଓ ବିକର୍ଷଣ, ସଂଘାତ ଓ ପ୍ରତିଘାତ, ଯୁକ୍ତ ଓ ବିଯୁକ୍ତର ଆକର୍ଷଣ ମାଧ୍ୟମରେ ଜୀବନ ଯେଉଁ ଦୋଳରେ ଗତି



କରୁଛି ସେହି ଦୋଳର ଆତ୍ମା ହେଉଛନ୍ତି ଲୀଳାମୟ ଭଗବାନ ଶ୍ରୀକୃଷ୍ଣ । ଏହି ଦୋଳ ହେଉଛି ଭଗବାନ ଶ୍ରୀକୃଷ୍ଣଙ୍କ ଯାତ୍ରା । ଜୀବନର ଆରମ୍ଭରୁ ବିଲୟ ପର୍ଯ୍ୟନ୍ତ ଏହି ଦୋଳର ଆତ୍ମା ଭଗବାନ କୃଷ୍ଣଙ୍କ ପ୍ରତି ଅତୁଟ ଆକର୍ଷଣ ଆମ୍ଭମାନଙ୍କୁ କେନ୍ଦ୍ରାୟିତ ଶକ୍ତିରେ ଆକର୍ଷଣ କରିରଖେ । ଏହି କେନ୍ଦ୍ରାୟିତ ଶକ୍ତିର ଆକର୍ଷଣ ବଳରେ ସୌରଜଗତ ଓ ବ୍ରହ୍ମାଣ୍ଡର ସମସ୍ତ ଗ୍ରହ, ନକ୍ଷତ୍ର ଏକ ଅନିର୍ବଚନୀୟ ଶକ୍ତିର ମୋହରେ ଗତି କରି ଚାଲିଛି । ସ୍ୱ-ଅୟନସୂତ ବୃତ୍ୟାଭିଧାନ ତପସ୍ୟାର ଗତି ଅସ୍ତି ଅଧିଜାତ ହେଲା । ଭବସାଗରର ନାଭିବ୍ରହ୍ମରୁ ସଂସାରର ସୃଷ୍ଟି, ଆଉ ତାର ଆକର୍ଷଣ ହେଉଛି ଦୋଳ ଓ ଦୋଳର କେନ୍ଦ୍ର ହେଉଛନ୍ତି ଭଗବାନ ଶ୍ରୀକୃଷ୍ଣ । ଦୋଳଯାତ୍ରାର ଅନ୍ୟତମ ପ୍ରଧାନ ବିଭବ ହୋଲି ବା ରଙ୍ଗ ଖେଳ ।ରାଧାକୃଷ୍ଣଙ୍କୁ ଦୋଳ ଉତ୍ସବରେ ପୂଜା କରିବାର ଅର୍ଥ ଶ୍ରୀକୃଷ୍ଣଙ୍କ ସହ ଶତସହସ୍ର ଗୋପୀ ନାରୀଙ୍କ ଲୀଳାକୁ ଆନ୍ତରିକତାର ସହିତ ସମ୍ମାନ ପ୍ରଦର୍ଶନ କରିବା । ସେଥିପାଇଁ କୁହାଯାଇଛି - 'ହରେ ମୁରାରେ ମଧୁକୈଠଭାରେ ଗୋବିନ୍ଦ ଗୋପାଳ ମୁକୁନ୍ଦ ସୋରେ, ଯଜ୍ଞେଶ ନାରାୟଣ ବାସୁଦେବୋ, ନିରାଶ୍ରୟମାମ୍, ଅନୁକୂଳରକ୍ଷଃ ।' ପରମ ପ୍ରେମମୟ ମହାପ୍ରଭୁ ଶ୍ରୀକୃଷ୍ଣ ତାଙ୍କ ଅଗଣିତ କୃଷ୍ଣପ୍ରେମୀ ମାନଙ୍କୁ ଶୁଭାଶ୍ରୀର୍ବାଦ ଦେଇ ସେମାନଙ୍କ ଭିତରେ ଶୋଭନୀୟର ଫଲ୍‌ଗୁର ଧାରା ପ୍ରବାହିତ କରନ୍ତୁ ଏହା ହିଁ ପ୍ରେମ ମୟ ଶ୍ରୀକୃଷ୍ଣଙ୍କ ପାଖରେ ପ୍ରାର୍ଥନା

# ରାଧାକୃଷ୍ଣଙ୍କ ହୋଲି, ପୁରାଣ ଓ ଆଧ୍ୟାତ୍ମିକ ଚେତନା

◆ ତ୍ରିନାଥ ଓଝା



ଆନନ୍ଦ, ଉଲ୍ଲାସ, ପ୍ରଣୟ, ଭାଇଚାରାର ପାର୍ବଣ ଦୋଳ ଆରମ୍ଭ ହୋଇଯାଇଛି । ଜୀବନର ରଙ୍ଗ ମଧ୍ୟ ହୋଲି । ଏହି ହୋଲିର ପୂର୍ବ ଦୋଳଯାତ୍ରାର ବଡ଼ ବାସ୍ତବ ଚିତ୍ର ହେଉଛି ପରମପ୍ରେମମୟ ଶ୍ରୀକୃଷ୍ଣ ବର୍ଷକୁ ଥରେ ଭକ୍ତଜନଙ୍କ ଦ୍ୱାରକୁ ଆସିଥାନ୍ତି । ଠିକ ମହାପ୍ରଭୁ ଶ୍ରୀଜଗନ୍ନାଥ ପତିତ ଜନଙ୍କ ଉଦ୍ଧାର ପାଇଁ ପତିତପାବନ ଯାତ୍ରା ବା ଶ୍ରୀଗୁଣ୍ଡିଚା ଯାତ୍ରା ହେଲେ ଜୀବନରେ ସୁଖ ଥିଲେ ତ ଦୁଃଖ ଅଛି, କଷ୍ଟ ଥିଲେ ତ ଆନନ୍ଦ ଅଛି । ଜୀବନର ମୂଲ୍ୟ ବୁଝିବା ପୂର୍ବରୁ ଆମ୍ଭେମାନେ ଅନେକ ଅମଡ଼ା ବାଟକୁ ମାଡିଯାଇଥାଉ ତେବେ ପ୍ରେମମୟ ଶ୍ରୀକୃଷ୍ଣ ସମସ୍ତଙ୍କୁ ଆନନ୍ଦ ଓ ଭଲପାଇବାର ସେବାର ମହାନ୍ତ ଦିଅନ୍ତୁ । ଗୋପପୁରରେ ଭଗବାନ ଶ୍ରୀକୃଷ୍ଣ ଗୋପୀମାନଙ୍କ ସହ ରାସଲୀଳା କରୁଥିଲେ । ଏହି ରାସଲୀଳାରେ ଦେବୀ ରାଧାଙ୍କ ସମେତ ସମସ୍ତ ଗୋପାଙ୍ଗନା ମାନେ ଭାଗ ନେଉଥିଲେ । ଶ୍ରୀକୃଷ୍ଣଙ୍କ ବର୍ଣ୍ଣ ଥିଲା କଳା । ଦେବୀ ରାଧା ଥିଲେ ଗୌରବର୍ଣ୍ଣ । ଥରେ ନିଜ ରଙ୍ଗକୁ ନେଇ ଭଗବାନ କୃଷ୍ଣ ମାତା ଯଶୋଦାଙ୍କ ନିକଟରେ ଅଝଟ କଲେ । ମାତାଙ୍କୁ କହିଲେ ରାଧା, ଗୌରବର୍ଣ୍ଣା । କିନ୍ତୁ ମୋ ବର୍ଣ୍ଣକଳା କାହିଁକି ? ପୁତ୍ରର ଅଝଟ ଶୁଣି ମାତା ଯୋଶାଦା କହିଲେ, ତୁମେ ରଙ୍ଗ ନେଇ ରାଧାଙ୍କ ମୁହଁରେ ବୋଳି ଦିଅ । ତାଙ୍କ ରଙ୍ଗ ସହ ତୁମର ରଙ୍ଗ ମଧ୍ୟ ସମାନ ହୋଇଯିବ । ମାତାଙ୍କ ଏହି ପରାମର୍ଶ ଭଗବାନ ଶ୍ରୀକୃଷ୍ଣଙ୍କ ମନକୁ ପାଇଲା । ସେ ନିଜ ହାତରେ ପ୍ରାକୃତିକ କଳା ରଙ୍ଗ ପ୍ରସ୍ତୁତ କଲେ । ଏବଂ ସେହି ରଙ୍ଗ ନେଇ ଦେବୀ ରାଧାଙ୍କ ମୁହଁରେ ବୋଳି ଦେଲେ । ଏହାପରେ ଦେବୀ ରାଧା ମଧ୍ୟ ଶ୍ରୀକୃଷ୍ଣଙ୍କ ପରି କଳା ହୋଇ ଗଲେ । ଏହି ଘଟଣା ପର ଠାରୁ ଗୋପପୁରରେ ହୋଲି ଖେଳିବାର ପରମ୍ପରା ଆରମ୍ଭ ହୋଇଥିଲା ବୋଲି ପୁରାଣରେ ବର୍ଣ୍ଣନା ରହିଛି । ହୋଲି ଭାରତୀୟଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ । ଏହି ପର୍ବ ଦେଶବାସୀଙ୍କ ମନରେ ପ୍ରବଳ ଉତ୍ସାହ ନେଇ ଆସିଥାଏ । ଆବାଳବୃଦ୍ଧବନିତା ରଙ୍ଗ ଖେଳରେ ମସଗୁଲ ରହିଥାନ୍ତି । ରଙ୍ଗ ଖେଳିବା ସମୟରେ ନାଚଗୀତ, ହୋହଲ୍ଲା ମଧ୍ୟ ହୋଇଥାଏ । ତେବେ ଏପରି ହୋହଲ୍ଲା କରିବା ପଛରେ ଏକ ପୌରାଣିକ କାରଣ ରହିଛି । ଭଗବାନ ଶ୍ରୀରାମଙ୍କ ପୂର୍ବଜ ଥିଲେ ରାଜା ରଘୁ । ତାଙ୍କ ରାଜତ୍ୱ ସମୟରେ ଢୁଣ୍ଡି ନାମ୍ନୀ ଏକ ରାକ୍ଷସୀ ଥିଲା । ରାକ୍ଷସୀ ଭଗବାନ ଶିବଙ୍କୁ ପ୍ରସନ୍ନ କରି ତନ୍ତ୍ର ବିଦ୍ୟା ଜ୍ଞାନ ଆହରଣ କଲା । ଏହି ବିଦ୍ୟା ଜରିଆରେ ସେ ଅଦୃଶ୍ୟ ହୋଇ ଛୋଟ ଛୋଟ ପିଲାମାନଙ୍କୁ ଅପହରଣ କରି ନେଲା । ସେମାନଙ୍କୁ କଷ୍ଟ ଦେଲା । ତନ୍ତ୍ରବିଦ୍ୟା ପ୍ରୟୋଗ କରି ଶିଶୁମାନଙ୍କୁ ରୋଗୀଣା କରି ଦେଲା । ପିତାମାତା ଏ ସମ୍ପର୍କରେ ଜାଣିପାରି ଚିନ୍ତିତ ହୋଇପଡ଼ିଲେ । ଭଗବାନ ଶିବ ବରଦାନ ଦେବା ସମୟରେ ଢୁଣ୍ଡି ରାକ୍ଷସୀକୁ କହିଥିଲେ ଯେ ହୋହଲ୍ଲା ଏବଂ କୋଳହଳ ହେଉଥିବା ସ୍ଥାନରେ ତନ୍ତ୍ରବିଦ୍ୟା କାମ କରିବ ନାହିଁ । ଏହା ଜାଣିପାରି ହୋଲି ଅବସରରେ ଶିଶୁମାନେ କୋଳାହଳ ସୃଷ୍ଟି କଲେ । ନାଚଗୀତରେ ମସଗୁଲ ରହିଲେ । ଧୀର ଧୀରେ ଏଥିରେ ବଡ଼ମାନେ ମଧ୍ୟ ସାମିଲ ହେଲେ । ଏପରି କରିବା ଦ୍ୱାରା ଢୁଣ୍ଡି ରାକ୍ଷସୀର ପ୍ରଭାବ ହ୍ରାସ ପାଇଲା । ସେହି ଦିନ ଠାରୁ ହୋଲିରେ ନାଚଗୀତ, ହୋହଲ୍ଲା ହୋଇ ଆସୁଛି ।

*ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ, :୯୨୩୮୬୦୨୮୨୫*

ଗୋପପୁରରେ ଭଗବାନ ଶ୍ରୀକୃଷ୍ଣ ଗୋପୀମାନଙ୍କ ସହ ରାସଲୀଳା କରୁଥିଲେ । ଏହି ରାସଲୀଳାରେ ଦେବୀ ରାଧାଙ୍କ ସମେତ ସମସ୍ତ ଗୋପାଙ୍ଗନାମାନେ ଭାଗ ନେଉଥିଲେ । ଶ୍ରୀକୃଷ୍ଣଙ୍କ ବର୍ଣ୍ଣ ଥିଲା କଳା । ଦେବୀ ରାଧା ଥିଲେ ଗୌରବର୍ଣ୍ଣ । ଥରେ ନିଜ ରଙ୍ଗକୁ ନେଇ ଭଗବାନ କୃଷ୍ଣ ମାତା ଯଶୋଦାଙ୍କ ନିକଟରେ ଅଝଟ କଲେ । ମାତାଙ୍କୁ କହିଲେ ରାଧା, ଗୌରବର୍ଣ୍ଣା । କିନ୍ତୁ ମୋ ବର୍ଣ୍ଣକଳା କାହିଁକି ? ପୁତ୍ରର ଅଝଟ ଶୁଣି ମାତା ଯୋଶାଦା କହିଲେ, ତୁମେ ରଙ୍ଗ ନେଇ ରାଧାଙ୍କ ମୁହଁରେ ବୋଳିଦିଅ । ତାଙ୍କ ରଙ୍ଗ ସହ ତୁମର ରଙ୍ଗ ମଧ୍ୟ ସମାନ ହୋଇଯିବ । ମାତାଙ୍କ ଏହି ପରାମର୍ଶ ଭଗବାନ ଶ୍ରୀକୃଷ୍ଣଙ୍କ ମନକୁ ପାଇଲା । ସେ ନିଜ ହାତରେ ପ୍ରାକୃତିକ କଳା ରଙ୍ଗ ପ୍ରସ୍ତୁତ କଲେ । ଏବଂ ସେହି ରଙ୍ଗ ନେଇ ଦେବୀ ରାଧାଙ୍କ ମୁହଁରେ ବୋଳି ଦେଲେ । ଏହାପରେ ଦେବୀ ରାଧା ମଧ୍ୟ ଶ୍ରୀକୃଷ୍ଣଙ୍କ ପରି କଳା ହୋଇଗଲେ । ଏହି ଘଟଣା ପର ଠାରୁ ଗୋପପୁରରେ ହୋଲି ଖେଳିବାର ପରମ୍ପରା ଆରମ୍ଭ ହୋଇଥିଲା ବୋଲି ପୁରାଣରେ ବର୍ଣ୍ଣନା ରହିଛି ।

# ରଙ୍ଗମୟ ଦୋଳ ଯାତ

◆ ଅକ୍ଷୟ କୁମାର ରାଉତ

ପ୍ରାଚୀନ କାଳରୁ ଭାରତୀୟ ବିଦ୍ୱାନମାନେ ଛଅଗୋଟି ଋତୁକୁ ସ୍ୱୀକୃତି ଦେଇଛନ୍ତି । ଋତୁମାନଙ୍କ ମଧ୍ୟରେ ଋତୁରାଜ ବସନ୍ତ କବି କଣ୍ଠରେ ଜୟ ଜୟକାର ଯୁଗେ ଯୁଗେ ରହିଛି । ଆମ୍ବ ବଉଳର ସୁଗନ୍ଧରେ କୋଇଲିର କୁହୁତାନ, ରଙ୍ଗ ବେରଙ୍ଗ ପୁଷ୍ପ ସମ୍ଭାରରେ ଭ୍ରମର ଗୁଞ୍ଜନ, ବସନ୍ତର ମୃଦୁ ମଳୟ ପ୍ରବାହ ଜଗତକୁ କରେ ସ୍ୱପ୍ନ ବିଭୋର । ରଙ୍ଗମୟ ଜୀବନରେ ବହୁ ପର୍ବପର୍ବାଣି ଓ ଯାତ୍ରା ବା ଯାତ ଆମ୍ଭେ ପାଳନକରୁ । ଝୁଲଣ ଯାତ, ମକର ଯାତ, ପଣାଯାତ, ରଥଯାତ, ଚଇତି ଯାତ, ଚନ୍ଦନ ଯାତ, ଏହି ଯାତ ମଧ୍ୟରୁ ଦୋଳ ଯାତ ଋତୁରାଜ ବସନ୍ତର ମଧ୍ୟ ଭାଗରେ ପାଳନ ହୁଏ । ବର୍ଣ୍ଣାଢ୍ୟ ପରିପାଟିରେ ସୁଶୋଭିତ ନାନା ବର୍ଣ୍ଣ ଓ ବାସର ମହକରେ ଦୋଳ ମେଳଣ ବା ଦୋଳ ଯାତ ଉତ୍ସବ ସହର ଠାରୁ ଆରମ୍ଭ କରି ପଲ୍ଲୀର ଦାଣ୍ଡକୁ ରଙ୍ଗାୟିତ କରି ଜନଜୀବନକୁ ପୁଲକିତ, ମହକିତ କରିଥାଏ । ଫାଲ୍‌ଗୁନ ଶୁକ୍ଳ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏବଂ ପୂର୍ଣ୍ଣିମାର ପାଂଚ ଦିନ, ସାତଦିନ ଓ ଦଶ ଦିନରେ ହେଉଥିବା ଉତ୍ସବକୁ ଯଥାକ୍ରମେ ପଂଚଦୋଳ, ସପ୍ତଦୋଳ, ଦଶଦୋଳ କୁହାଯାଇଥାଏ । ଶ୍ରୀରାଧା କୃଷ୍ଣ ଓ ଗୋପୀମାନଙ୍କର ନୈସର୍ଗିକ ପ୍ରେମ ଓ ଲୀଳାମୟ କୃଷ୍ଣଙ୍କ ଶୃଙ୍ଗାର ରସକୁ ରସାୟିତ କରିବା ପାଇଁ ରଙ୍ଗମୟ ଦୋଳ ଉତ୍ସବର ପରିକଳ୍ପନା । ରାଧାଙ୍କ ରୋଗ ଉପଶମ ବ୍ରହ୍ମ ଦୈତ୍ୟଙ୍କୁ ବନ୍ଦି କରିବା ଏକ ନାଟକୀୟ ପରିକଳ୍ପନା । ଚନ୍ଦ୍ରସେଣା ଓ ଗୋପାଳ ପୁଅ ବିମାନରେ ରାଧା କୃଷ୍ଣଙ୍କୁ ବସାଇ କାନ୍ଧରେ ବୋହିବା ଉପାଖ୍ୟାନ ଏକ କାରଣ, ଅନ୍ୟ ଦିଗଟି ହେଉଛି ଦ୍ୱାପର ଯୁଗରେ କୃଷ୍ଣ ମେତ୍ର ନାମକ ରାକ୍ଷସକୁ ବିନାଶ କରି ବୃନ୍ଦାବନର ପୂର୍ବଶ୍ରୀ, ଶାନ୍ତି ଫେରାଇ ଆଣିଥିଲେ । ବୃନ୍ଦାବନବାସୀ ସେହି ସ୍ମୃତିରେ ଦୋଳବିମାନରେ କୃଷ୍ଣଙ୍କୁ ବସାଇ ନଗର ପରିକ୍ରମା କରିଥିଲେ । ସେହି ଦିନରୁ ଦୋଳ ଉତ୍ସବର ସୃଷ୍ଟି ଓ ସମାଜରେ ତାହାର ପ୍ରଚାର ଓ ପ୍ରସାର ଘଟିଅଛି । ରାଧା କୃଷ୍ଣଙ୍କର ବସନ୍ତ ରାସୋତ୍ସବ ବା ଦୋଳଯାତ୍ରାରେ ଅନ୍ୟ ଦେବାଦେବୀମାନେ ମଧ୍ୟ ବିମାନରେ ଦୋଳ ମଣ୍ଡପକୁ ଆସିଥାନ୍ତି, ବୃନ୍ଦାବନର ଯମୁନା କୂଳରେ ଗୋପାଙ୍ଗନାମାନେ ରାଧାକୃଷ୍ଣଙ୍କୁ କୁଞ୍ଜ ମଧ୍ୟରେ ଲତାଦୋଳିରେ ବସାଇ 'ଚାଚେରୀ' ଖେଳିଥିଲେ । ସେମାନଙ୍କ ମନ ପ୍ରାଣରେ ଅସରନ୍ତି ପୁଲକ, ଉଦ୍ଦୀପନା ନେଇ 'ଝୁଲାଅ ଗୋ ଝୁଲଣ ଦୋଳି' ଗୀତ ଗାଇ ଦୋଳିକୁ ଝୁଲାଉଥିଲେ । ଦୋଳ ବିମାନକୁ କାରୁକାର୍ଯ୍ୟ ନୂତନ ବସ୍ତ୍ରାଦିରେ ନାନାଜାତି ଫୁଲ ମାଳରେ ଦୋଳି ସଦୃଶ ମଣ୍ଡନ କରାଯାଏ । ଉଦ୍ଦିଷ୍ଟ ଦେବାଦେବୀମାନଙ୍କ ଚଳନ୍ତି ପ୍ରତିମା ଖଟୁଲିରେ ରଖି ବିମାନରେ ସ୍ଥାପନ କରାଯାଏ । ଘଂଟ ଘଂଟା, ଖୋଳ, କରତାଳ, ମୃଦଙ୍ଗ, ଭେରିତୁରୀ, କାହାଳୀ ଓ ଟମକ ଇତ୍ୟାଦି ବଜାଇ ଆଲଟ ଚାମର ପରେ ଏକ ସ୍ୱତନ୍ତ୍ର ପଟୁଆରରେ ଦେବାଦେବୀଙ୍କୁ ଦୋଳ ମଣ୍ଡପକୁ ନେଇଥାନ୍ତି । ସାକର, ଚଣା, ଆମ୍ବ, ମିଷ୍ଟ ପଦାର୍ଥ ଆଦି ଭୋଗ ଲାଗି ଦେବାପରେ ଧୂପ ଦୀପ ଦେଇ ଦୋଳକୁ ଝୁଲାଯାଏ । ବିମାନରେ ଉପବିଷ୍ଟ ଦେବତାମାନେ ଗ୍ରାମ ଦାଣ୍ଡରେ ଯାତ୍ରା କରି, ପ୍ରତି ଦ୍ୱାରରେ ଲୋକମାନଙ୍କ ଠାରୁ ଭୋଗ ଓ ନୈବେଦ୍ୟ ଗ୍ରହଣ କରିଥାଆନ୍ତି । ଏହି ଭୋଗଖିଆରୁ ଜଣାପଡେ ଯେ, ଦେବତା ଓ ମଣିଷ ମଧ୍ୟରେ ଘନିଷ୍ଠ ସମ୍ପର୍କ ବିଦ୍ୟମାନ । ମଣିଷ ସିନା ଦେବତା ପାଖକୁ ଯାଏ, ଦେବତା ମଧ୍ୟ ମଣିଷ ପାଖକୁ ଆସେ । ଦେବତା ଓ ମନୁଷ୍ୟର ମିଳନ ଦୋଳ ଉତ୍ସବରୁ ମିଳେ । ଶ୍ରୀଜଗନ୍ନାଥ ମନ୍ଦିରରେ ଦୋଳୋତ୍ସବ ଯଥା ରୀତିରେ ପାଳିତ ହୁଏ । ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀଗୋବିନ୍ଦ, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହିତ ଲୋକନାଥ, ଯମେଶ୍ୱର, ମାର୍କଣ୍ଡେଶ୍ୱର, ନୀଳକଣ୍ଠ ଓ କପାଳମୋଚନ ଇତ୍ୟାଦି ପଂଚଦେବଙ୍କ ଗହଣରେ ଜଗନ୍ନାଥ ବଲ୍ଲଭ ମଠ ପର୍ଯ୍ୟନ୍ତ ଯାଇଥାଆନ୍ତି । ଶ୍ରୀ ଗୋବିନ୍ଦ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହ ଶ୍ରୀମନ୍ଦିର ଦୋଳ ମଣ୍ଡପରେ ଦୋଳବିମାନରେ ୭ ଥର କରି ଏକୋଇଶ ବାର ବୁଲାଯାଏ । ଚତୁର୍ଦ୍ଦଶୀ ରାତିରେ ବହ୍ନି ଉତ୍ସବ ପାଳିତ ହୁଏ । ଏହି ଦୋଳ ଉତ୍ସବ ଫଲଗୁ ଉତ୍ସବ ଭାବେ ପାଳନ କରାଯାଏ । ଦୋଳଯାତ୍ରାର ଫଗୁଖେଳ ଏକ ବିଶେଷ ଆକର୍ଷଣ । ଦୋଳ ବିମାନରେ ଥିବା ଦେବାଦେବୀଙ୍କୁ ପ୍ରଥମେ ଫଗୁ ବା ଅବିର ପ୍ରଦାନ କରାଯାଏ, ତାପରେ ସମସ୍ତେ ଫଗୁ ଦେହରେ ବୋଳି ହୋଇ ରାଧାକୃଷ୍ଣଙ୍କ ନାମରେ ଆନନ୍ଦ ବିଭୋର ହୋଇଉଠନ୍ତି । ସନ୍ଧ୍ୟା ଆରତୀ ପରେ ପଞ୍ଜିକାରମାନେ ଦୋଳ ମଣ୍ଡପରେ ନୂତନ ବର୍ଷର ପଞ୍ଜିକା ପଠନ କରି ଆଗାମି ବର୍ଷର ଶୁଭାଶୁଭ ଲୋକମାନଙ୍କୁ ଶୁଣାଇଥାନ୍ତି । ଫଗୁ ଜୀବନକୁ କରେ ରଙ୍ଗମୟ, ରଙ୍ଗାୟତ ଜୀବନରେ ବହୁଗୁଣ ନେଇ ବହୁ ରଙ୍ଗନେଇ ସୃଷ୍ଟି ହୁଏ ଅନେକ ରଙ୍ଗ । ଧଳାରଙ୍ଗ ଶାନ୍ତି ଓ କ୍ଷମାର ପ୍ରତୀକ ଦେବାବେଳେ ନାଲି ରଙ୍ଗ ଏକ ନୂତନ ସୂର୍ଯ୍ୟର ଆଭାସ୍, ପ୍ରେମ, ପ୍ରେରଣାର ସୌଭାଗ୍ୟ ସନ୍ତକ ହୋଇଥାଏ । ଗୋଲାପି ରଙ୍ଗ ବିଶ୍ୱ ଭାତୃତ୍ୱକୁ ବାନ୍ଧି ଅବସାଦରୁ ମୁକ୍ତ କରିଥାଏ । ହଳଦୀ ରଙ୍ଗ ଅତି ସୁଖଦାୟୀ ଓ ମଣିଷର ମସ୍ତିଷ୍କକୁ ଅଧିକ ସକ୍ରିୟ କରିଥାଏ ।



ସବୁଜ ରଙ୍ଗ ଉନ୍ନତ ସ୍ୱାସ୍ଥ୍ୟ ଓ ଆଖିକୁ ଆରାମ ଦେଇଥାଏ । ନୀଳ ରଙ୍ଗ ଅନନ୍ତ ଆକାଶ ଓ ସାଗରର ପ୍ରତୀକ ଭାବେ ଶକ୍ତିର ମହତ୍ୱକୁ ପ୍ରତିପାଦିତ କରେ । ସ୍ୱପ୍ନର ରଙ୍ଗ ସୁନେଲି ଆଧ୍ୟାତ୍ମିକ ଜଗତ ବା ସୂର୍ଯ୍ୟଙ୍କ ଶକ୍ତି ସମ୍ବନ୍ଧିତ ହୋଇଥାଏ । ବାଇଗଣି ରଙ୍ଗ ବିଜୟର ବାର୍ତ୍ତାବହ । ରହସ୍ୟମୟ ରଙ୍ଗ ହୋଇଛି କଳା, ସେ ହେଉଛି ଶ୍ରୀଜଗନ୍ନାଥଙ୍କ ଆଖିର ରହସ୍ୟ, କଳା ଚୋପା ପିନ୍ଧିଲେ ସମସ୍ତଙ୍କ କୁ ଦୃଷ୍ଟିରୁ ଆମେ ରକ୍ଷା ପାଇଥାଉ । ରଙ୍ଗମୟ ଜୀବନରେ ରଙ୍ଗର ଆବଶ୍ୟକତା ଓ ହୋଲିର ରଙ୍ଗ ଅନେକ ଲୋକଙ୍କ ପାଇଁ ସ୍ୱତନ୍ତ୍ରତା ରଖିଥାଏ । ରାସାୟନିକ ତଥା ଉତ୍କଟ ବିଷାକ୍ତ ରଙ୍ଗ ମଣିଷର ସଂସ୍ପର୍ଶରେ ଆସିଲେ ଶରୀର ବା ଚର୍ମର କ୍ଷତି ସାଧନ କରିଥାଏ । ତେଣୁ ଅସୁସ୍ଥ ବା ଚିକିତ୍ସା ହେଉଥିବା ଲୋକଙ୍କୁ ଅବିର ଖେଳଠାରୁ ଦୂରେଇ ରଖିବା ଉଚିତ୍ । ଦୋଳ ଉତ୍ସବ ହିନ୍ଦୁ ସମାଜରେ ପାଳନ ହେଲେ ମଧ୍ୟ ଗୋପାଳ ସମ୍ପ୍ରଦାୟର ଏକ ପ୍ରଧାନ ଉତ୍ସବ । ବିଶେଷକରି ଗୋପାଳମାନେ ନୂତନ ବସ୍ତ୍ର ପରିଧାନ କରି ଦୋଳଗୋବିନ୍ଦଙ୍କୁ ପୂଜା କରନ୍ତି । ଅଂଟାରେ କାଛଟା ବାନ୍ଧି, ହାତରେ ଲମ୍ବା ବାଡି ଧରି ମୁଣ୍ଡରେ ଜାମୁଡାଳ ଖୋସି ଖେଳ ଖେଳନ୍ତି । ବଂଶୀ ଓ ଶିଙ୍ଗା ନାଦ କରି, ଗୀତରେ ବାଡ଼ି ଖେଳ ପ୍ରଦର୍ଶନ କରନ୍ତି । ଏହି ପର୍ବ ସହୃଦୟତା ଓ ଭାତୃତ୍ୱର ବନ୍ଧନକୁ ନିବିଡ଼ କରେ । ଦୋଳ ଉତ୍ସବ ମଣିଷ ସମାଜରେ ଜାହ୍ନବୀର ଧାରା ସୃଷ୍ଟି କରି ସମାଜକୁ ରଙ୍ଗମୟ କରେ ।

*ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର- ମୋ.-୯୯୩୭୬୯୧୪୭୫*

# ସାଂସ୍କୃତିକ ପୃଷ୍ଠଭୂମିରେ ଓଳକଣା ମେଳଣ...

◆ ଶୁଭେନ୍ଦୁ କୁମାର ଭୂୟାଁ



ବସନ୍ତର ଆଗମନ ସହିତ ପ୍ରକୃତି ଓ ପରିବେଶ ଭିତରେ ଏବେ ଦେଖା ଦେଇଛି ଏକ ଅପୂର୍ବ ପରିବର୍ତ୍ତନର ଦୃଶ୍ୟପଟ୍ଟ । ପୁରପଲ୍ଲୀରେ ଏବେ ଉତ୍ସବର ମାହୋଲ୍ । ଏଇ ସୁନ୍ଦର ସୁଶୋଭିତ ଏବଂ ରମଣୀୟ ପରିବେଶ ସହିତ ଓହ୍ଲାଇ ଆସିଛି ଦୋଳଯାତ୍ରାର ସାଂସ୍କୃତିକ ପରିଚୟ । ପୁରାତନ ଉତ୍କଳର ଧର୍ମ, ସଂସ୍କୃତି, ଐତିହ୍ୟର ଚେତନା ଭିତରେ ଦୋଳପର୍ବର ଆବାହନ ଓ ପାଳନ ଆମ ସାମାଜିକ ଜୀବନରେ ଏକ ସ୍ମରଣୀୟ ଅଧ୍ୟାୟ । ପ୍ରେମମୟ ପୁରୁଷୋତ୍ତମ ଶ୍ରୀକୃଷ୍ଣ ଓ ପ୍ରେମର ରାଣୀ ଶ୍ରୀରାଧାଙ୍କ ମିଳନ ହେଉଛି ଏହି ଦୋଳୋତ୍ସବର ମୁଖ୍ୟ ଆଧାର । ପୁରୀ ଶ୍ରୀକ୍ଷେତ୍ରରେ ପାଳିତ ଦୋଳମିଳନ, ଯାଜପୁର ଜିଲ୍ଲା ଧର୍ମଶାଳାରେ ଅନୁଷ୍ଠିତ ପୁରାତନ ମୁନ୍‌ସୀ ମେଳଣ, [redacted] ଅଂଶଗ୍ରହଣ କରୁଥିବା ପ୍ରାୟ ଦେଢ଼ଶହ ବିମାନଙ୍କୁ ଆମନ୍ତ୍ରଣ କରାଯାଇ ନଥାଏ । ବହୁ ପ୍ରାଚୀନ କାଳରୁ ଆୟୋଜିତ ଏହି ଦୋଳ ଯାତ୍ରାରେ ଠାକୁର ମାନେ ଆପଣାଛାଏଁ ଆସିଥାନ୍ତି । ଠାକୁର ମାନଙ୍କୁ ମଧ୍ୟ ବିଦାକି ଦିଆଯାଇ ନଥାଏ । ଥାଟବାଟ, ରଙ୍ଗ ରୋଷଣୀର ଭିଡ଼ରେ ମହା ଆଡ଼ମ୍ବରରେ ଆସୁଥିବା ବିମାନ ଗୁଡ଼ିକୁ କିନ୍ତୁ ସୁନ୍ଦର ଭାବରେ ପରିଚର୍ଯ୍ୟା କରାଯାଇ ଥାଏ । ମେଳଣ ପରେ ଦେବସଭା ଭଙ୍ଗ ପରେ ଠାକୁର ମାନେ ବ୍ରାହ୍ମ ମୁହୂର୍ତ୍ତରେ ବିଦାୟ ନେଲାବେଳେ ସେମାନଙ୍କ ବିମାନ ସାମ୍ନାରେ ବିଛା ହୋଇଥିବା ନବବସ୍ତ୍ର ବିପୁଳ ନୈବେଦ୍ୟ ଭାରରେ ଭରି ଯାଇଥାଏ । ସର୍ବତ୍ର ଦେଖାଯାଏ, ଦୋଳମିଳନ ଶ୍ରୀରାଧା-କୃଷ୍ଣଙ୍କ ଚେତନାର ପ୍ରତୀକ । କିନ୍ତୁ ଓଳକଣା ମେଳଣର ପୃଷ୍ଠଭୂମି ସୃଷ୍ଟିକର୍ତ୍ତା ଶ୍ରୀହରି ଓ ସଂହାର କର୍ତ୍ତା ହରହର ମହାଦେବଙ୍କ ମିଳନର ବାର୍ତ୍ତା ପ୍ରଚାର କରିଥାଏ । କାରଣ ଓଳକଣା ମେଳଣର ଉତ୍ପତି 'ହରି-ହର ଦର୍ଶନ' ମୂଳଭିତି ଉପରେ ହିଁ ପ୍ରତିଷ୍ଠିତ । ପରମଭକ୍ତ ମହାତ୍ମା ବିଦୂରଙ୍କ ଭକ୍ତି ଓ ସମର୍ପଣ ଭାବରେ ସନ୍ତୁଷ୍ଟ ହୋଇ ଭକ୍ତର ମନୋବାଞ୍ଛା ପରିପୂରଣ ପାଇଁ ଶ୍ରୀକୃଷ୍ଣ ତାଙ୍କୁ ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିର ବ୍ରାହ୍ମ ମୁହୂର୍ତ୍ତରେ ହରିହର ରୂପରେ ଦର୍ଶନ ଦେବାକୁ ସମ୍ମତି ପ୍ରଦାନ କରିଥିଲେ । ଓଳକଣା ମେଳଣର ଅନ୍ତିମ ତିଥିରେ ସୂକ୍ଷ୍ମରୂପୀ ବିଦୂରଙ୍କ ସମେତ ସମାଗମ ସହସ୍ରାଧିକ ଭକ୍ତଜନ ଏହି ଦେବଦୁର୍ଲ୍ଲଭ ରୂପ ଦର୍ଶନ କରିଥାନ୍ତି । ଏହି ମେଳଣକୁ ବିଜେ ହୋଇଥିବା ଶତାଧିକ ବିମାନଗୁଡ଼ିକରେ ରାଧାକୃଷ୍ଣଙ୍କର ବିଗ୍ରହ ଆସିଥିଲା ବେଳେ ଏକମାତ୍ର ଭଦ୍ରେଶ୍ୱରଙ୍କ ବିମାନରେ ରାଧାକୃଷ୍ଣଙ୍କ ସହିତ ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱରଙ୍କ ପ୍ରତୀକ 'ହର' ହିଁ ଓଳକଣା ମେଳଣକୁ ଆସିଥାନ୍ତି । ମାହାଙ୍ଗାର ଭଦ୍ରେଶ୍ୱର ଗ୍ରାମରୁ ଆସୁଥିବା ଶ୍ରୀ ବୀରଭଦ୍ରେଶ୍ୱର ବିମାନ ଓଳକଣା ମେଳଣର ଅନ୍ୟତମ ଆକର୍ଷଣ । କାରଣ ସେ ହେଉଛନ୍ତି ମେଳଣ ପଡ଼ିଆର ଅଧିପତି । ଭଦ୍ରେଶ୍ୱର ବିମାନରେ ଠାକୁର 'ରାଧାକୃଷ୍ଣ'ଙ୍କ ବିଗ୍ରହ ସହିତ ଶିବଶକ୍ତିର ପ୍ରତୀକ 'ଚୂଳମାଳ' ଆସିଥାଏ ।



ମେଳଣକୁ ଆସିବା ଦିନ ଭଦ୍ରେଶ୍ୱର ଶୈବମନ୍ଦିରରେ ବଡ଼ପଣ୍ଡା ଚୂଳମାଳ ଚଢ଼ାଇବା ସହିତ ପହଡ଼ ପକାଇଥାନ୍ତି । ଇତିମଧ୍ୟରେ ବିମାନରେ ରାଧାକୃଷ୍ଣ ବିଗ୍ରହ ଗ୍ରାମରୁ ଭୋଗ ଖାଇ ଆସିବା ପରେ ଅନ୍ନପ୍ରସାଦ ଅର୍ପଣ କରାଯାଇଥାଏ । ଏହାପରେ ବୀରଭଦ୍ରେଶ୍ୱରଙ୍କ ପାଖରୁ ଭଗବତୀଙ୍କୁ ଅବିର ଦିଆଯାଇ ଥାଏ । ରାଧାକୃଷ୍ଣଙ୍କ ବିଗ୍ରହ ସହ ଯାତ୍ରା ପାଇଁ 'ହର'ଙ୍କର ପ୍ରତୀକ ଭାବରେ ଅର୍ପଣ କରାଯାଇଥିବା ଚୂଳମାଳ ଭଦ୍ରେଶ୍ୱରଙ୍କଠାରୁ ଛାଏଁ ଖସିଥାଏ । ଏହା ଖସିଲେ ଶ୍ରୀ ବୀରଭଦ୍ରେଶ୍ୱରଙ୍କ ଆଦେଶ ବୋଲି ଗ୍ରହଣ କରାଯାଏ । ଏହାପରେ ଚୂଳମାଳକୁ ନେଇ ରାଧାକୃଷ୍ଣ ବସିଥିବା ପୁଷ୍ପକ ବିମାନରେ ସ୍ଥାପନ କରାଯାଇ ଥାଏ । ଏହି ଚୂଳମାଳକୁ ଜଗିବା ପାଇଁ ଦୁଇଟି ତମ୍ବାନିର୍ମିତ ନାଗବିଗ୍ରହ ଦ୍ୱାରପାଳ ରୂପରେ ବିମାନରେ ସ୍ଥାପିତ ହୋଇଥାନ୍ତି । ସୂଚନାଯୋଗ୍ୟ ଯେ, 'ଚୂଳମାଳ'ରେ ଫୁଲ, ଚୂଆ, ବେଲପତ୍ରୀ ସ୍ଥାପିତ ହୋଇଥାନ୍ତି । ପୁଷ୍ପକ ବିମାନ ମେଳଣକୁ ଯାତ୍ରାରମ୍ଭ କରିବା ପୂର୍ବରୁ ତାଙ୍କୁ ମଙ୍ଗଳ ଆରତୀ କରାଯାଇଥାଏ । ଏହାକୁ 'ବିଜେ ଆଳତୀ' ବା 'ବିଜୟୀ ଆଳତୀ' ମଧ୍ୟ କୁହାଯାଏ । ଆଳତୀ ସମୟରେ ଉପସ୍ଥିତ ଭକ୍ତବୃନ୍ଦ ନିଜର ଅଭୀଷ୍ଟ ପୂରଣ ପାଇଁ ମାନସିକ ମଧ୍ୟ କରିଥାନ୍ତି । ଲୋକମୁଖରେ ପ୍ରବାଦ ରହିଛି ଏହି ମେଳଣକୁ ବିମାନ ବାହାରିବା ସମୟରେ ଘୋର ଗର୍ଜନ ସହିତ ଘୁ ଘୁ ନାଦ ମଧ୍ୟ ଶୁଣାଯାଇଥାଏ । ରାଜସ୍ୱ ଗ୍ରାମ ଗୋବିନ୍ଦପୁରର ଗ୍ରାମ ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କୁ ଅବିର ପ୍ରଦାନ କରି ସେଠାରୁ ଆଜ୍ଞାମାଳ ଆସିବା ପରେ ହିଁ ବିଜୟୀ ଆଳତୀ କରାଯାଇ ଥାଏ । ପୁଷ୍ପକ ବିମାନ ଭଦ୍ରେଶ୍ୱରଙ୍କ ମନ୍ଦିର ପରିକ୍ରମା କରିବା ପରେ ଯାଇ ଠାକୁରଙ୍କୁ ଚୂଳମାଳ ବିମାନରେ ବିଜେ ହୋଇଥାନ୍ତି । ଏହି ମେଳଣ ମଧ୍ୟରାତ୍ରରୁ ଆରମ୍ଭ ହୋଇ ପ୍ରାତଃକାଳରେ ହିଁ ଶେଷ ହୋଇଥାଏ । କିନ୍ତୁ ଅପରାହ୍ନରୁ ଓଳକଣା ମେଳଣପଡ଼ିଆରେ ହାଟବଜାର ଖୋଲିଯାଏ । ଭଦ୍ରେଶ୍ୱରଙ୍କ ବିମାନ ସହିତ ୧୦୮ଟି ଘଂଟ ଓ ଦୁଇଟି ମଶାଲ ମଧ୍ୟ ଆସିଥାଏ । ଏହି ୧୦୮ଜଣ ଘଂଟପାଟିଆ ମେଳଣର ଅନ୍ୟତମ ଆକର୍ଷଣ । ଅବିଭକ୍ତ କଟକ ଜିଲ୍ଲାର ସୀମାନ୍ତ କ୍ଷେତ୍ର ଯାଜପୁର, କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲା ଠାକୁରବାଡ଼ିରୁ ବିମାନଗୁଡ଼ିକ ପ୍ରତିବର୍ଷ ଓଳକଣା ମେଳଣ ପଡ଼ିଆକୁ ଆସିଥାନ୍ତି । ଆଇନ ଶୃଙ୍ଖଳା ଓ ପ୍ରଶାସନିକ ବ୍ୟବସ୍ଥା ତଦାରଖ ପାଇଁ ଉଭୟ କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରଶାସନିକ ଅଧିକାରୀ, ପୋଲିସ ଅଧିକାରୀ, ସ୍ଥାନୀୟ ଲୋକପ୍ରତିନିଧି ଓ ଠାକୁରବାଡ଼ିର ପ୍ରତିନିଧିମାନେ ଏକାଠି ଏହି ମେଳାର ସୁପରିଚାଳନା କରିଥାନ୍ତି । ହଜାର ହଜାର ଶ୍ରଦ୍ଧାଳୁ ଏହି ମେଳଣ ଦେଖିବାକୁ ଆସିଥାନ୍ତି । ଉପକୂଳ ଓଡ଼ିଶାରେ ଓଳକଣା ମେଳଣ ତା'ର ପ୍ରାଚୀନ ପରମ୍ପରା ଓ ସାଂସ୍କୃତିକ ବିଭବକୁ ଏବେବି ବଜାୟ ରଖିପାରିଛି । ଉତ୍କଳୀୟ ଧାର୍ମିକ ବିଶ୍ୱାସ ଓ ସଦ୍‌ଭାବନାର ଏକ ମାଙ୍ଗଳିକ ସୂତ୍ରଧର ଭାବେ ଓଳକଣା ଦୋଳମେଳଣ ଏବେବି ସୁପ୍ରସିଦ୍ଧ ।

*'ସାଇଭବନ', ପଲାଇ (ବାଲିଚନ୍ଦ୍ରପୁର), ଯାଜପୁର- ୭୫୪୨୦୫, ଦୂରଭାଷ : ୯୪୩୭୨୨୬୭୯୭*

# ମହିଳାଙ୍କୁ ଆତ୍ମ ନିର୍ଭରଶୀଳ କରିବାରେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲର ଗୁରୁତ୍ୱପୂର୍ଣ୍ଣ ଭୂମିକା




ପାରାଦୀପ(ନିପ୍ର): ପାରାଦୀପ ରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ର ବିକାଶ ମୂଳକ ପଦକ୍ଷେପ ଏବଂ ପ୍ରକଳ୍ପ ସ୍ଥାପନ ପୂର୍ବରୁ ବିଭିନ୍ନ ଯୋଜନାରେ ନୂତନ ମାନଦଣ୍ଡ ସ୍ଥାପନ କରିଛି । ମହିଳାଙ୍କୁ ଆତ୍ମ ନିର୍ଭରଶିଳତା ଠାରୁ ଆରମ୍ଭ କରି କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ସାର୍ବଜନୀନ ସ୍ଥାନରେ ଆଲୋକି କରଣ ବ୍ୟବସ୍ଥା କ୍ଷେତ୍ରରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ କମ୍ପାନୀ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ସ୍ଥାନୀୟ ଅଂଚଳରେ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ୨୪୬ ସ୍ୱୟଂ ସହାୟିକା ଗୋଷ୍ଠୀ ର ସଦସ୍ୟା ମାନେ ଛତୁ ଚାଷରେ ୯୮,୪୦୦ ବେଡ ତିଆରି କରିଛନ୍ତି । ସେମାନେ ମାସକୁ ୫ ହଜାର ଟଙ୍କା ଲେଖାଏଁ ରୋଜଗାର କରି ପାରୁଛନ୍ତି । ଜୀବିକା ନିର୍ବାହ ପାଇଁ ୧,୯୦୯ ଜଣ ଚାଷୀଙ୍କୁ ଦକ୍ଷତା ପ୍ରଦାନ କରାଯାଇଛି । ଯାହାଦ୍ୱାରା କ୍ଷୁଦ୍ର ଉଦ୍ୟୋଗ ଗୁଡ଼ିକ ଆଗକୁ ବଢ଼ିଛନ୍ତି । ଧୂପକାଠି, କୁକୁଡ଼ା ପାଳନ, ଛତୁ ଚାଷରେ ନିୟୋଜିତ ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକ ବିଶେଷ ଭାବେ ଲାଭବାନ ହୋଇ ପାରିଛନ୍ତି । ସେହିପରି ୬୧୨ ସ୍ୱୟଂ ସହାୟିକା ଗୋଷ୍ଠୀ ର ସଦସ୍ୟା କୁକୁଡ଼ା ଚାଷ କରୁଛନ୍ତି । ସେମାନଙ୍କର ମାସିକ ଆୟ ୩,୫୦୦ ଟଙ୍କାରେ ପହଂଚିଛି । ବିରି ବଡି ତିଆରି ପାଇଁ ୪୩ ଟି ସ୍ୱୟଂ ସହାୟିକା ଗୋଷ୍ଠୀ ର ସଦସ୍ୟା ମାନେ ପ୍ରତି ମାସରେ ୩ ଶହ କିଲୋ ବଡି ତିଆରି କରୁଛନ୍ତି ଏବଂ ପ୍ରତି ମାସରେ ୧୫ ଶହ ଟଙ୍କା ଆୟ କରୁଛନ୍ତି । ମାଆ ଶାରଳା ସ୍ୱୟଂ ସହାୟିକା ଗୋଷ୍ଠୀ ର ୮ ଜଣ ସଦସ୍ୟା ବ୍ୟାଗ ତିଆରି କରି ପ୍ରତି ମାସରେ ୧୫ ଶହ ଟଙ୍କା ରୋଜଗାର କରୁଛନ୍ତି ।ସମ୍ଭାବନା ପିଜି ର ୧୦ ଜଣ ସଦସ୍ୟା ପ୍ରତି ମାସରେ ୨୫୦ କିଗ୍ରା ମସଲା ତିଆରି କରୁଛନ୍ତି । ପ୍ରତି ମାସରେ ପ୍ରତ୍ୟେକ ସଦସ୍ୟା ୧୫ ଶହ ଟଙ୍କା ରୋଜଗାର କରୁଛନ୍ତି । ସେହିପରି ମାଆ ଅନ୍ନପୂର୍ଣ୍ଣା ପିଜି ର ୧୪ ଜଣ ସଦସ୍ୟା ଝୋଟ ବ୍ୟାଗ ତିଆରି କରି ପ୍ରତି ମାସରେ ୨,୫୦୦ ଟଙ୍କା ଲେଖାଏଁ ରୋଜଗାର କରି ପାରୁଛନ୍ତି । ଧୂପକାଠି ତିଆରି କରି ୪୫ ଟି ସ୍ୱୟ ସହାୟିକା ଗୋଷ୍ଠୀ ର ମହିଳା ମାନେ ମାସକୁ ସର୍ବନିମ୍ନ ୧,୭୫୦ ଟଙ୍କା ଲେଖାଏଁ ରୋଜଗାର କରୁଛନ୍ତି । ସେହିପରି ନୋଳିଆ ସାହି ରେ ଶୁଖୁଆ ଶୁଖାଇବା ପାଇଁ ମା ’ ଚର୍ଚ୍ଚିକା ର ୨୦ ଜଣ ମହିଳା ମାନଙ୍କୁ ୨ ଟି ଉଚ୍ଚ କ୍ଷମତା ସମ୍ପନ୍ନ ଶୌର ଶକ୍ତି ଚାଳିତ ମାଛ ଶୁଖାଇବା ଯନ୍ତ୍ର ପ୍ରଦାନ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ । ଏହି ମାଛ ଶୁଖାଇବା ଯନ୍ତ୍ର ସାହାଯ୍ୟରେ ୩ ଘ[ାକୁ ୨୦ କେଜି ଶୁଖୁଆ ଉତ୍ପାଦନ ହୋଇପାରୁଛି । ଯାହାଦ୍ୱାରା ବିଶେଷ କରି ବର୍ଷା ଦିନ ମାନଙ୍କରେ ଏମାନଙ୍କ ପାଇଁ ଏହି ମେସିନ ବରଦାନ ପାଲଟିଛି । ଯାହାଦ୍ୱାରା ଉନ୍ନତ ମାନର ଶୁଖୁଆ ଉତ୍ପାଦନ ହୋଇ ପାରୁଛି । ମୋଟାମୋଟି ଭାବରେ ୩,୦୪୩ ଟି ଘର ପରିବାର ଙ୍କ ଅତିରିକ୍ତ ଆୟ ବୃଦ୍ଧି ପାଇଛି । ଏ ନେଇ ନୂଆଗାଁ ର ସୁବାସିତ ପ୍ରଡ୍ୟୁସର ଗ୍ରୁପ ର ସଭ୍ୟା ଶର୍ମିଷ୍ଠା ଜେନା କହିଛନ୍ତି ପୂର୍ବରୁ ଧୂପକାଠି ତିଆରି କରୁଥିଲୁ । କିନ୍ତୁ ଆଗକୁ ଯାଇ ପାରୁ ନଥିଲୁ । ଜେଏସଡବ୍ଲୁ ପକ୍ଷରୁ ସାହାଯ୍ୟ ସହଯୋଗ ମିଳିବା ପରେ ଏବେ ଆମ ଗ୍ରୁପ ର ୩୦ ଜଣ ସଦସ୍ୟା ଧୂପକାଠି ତିଆରି କରି ପରିବାର ପ୍ରତିପୋଷଣ କରିପାରୁଛୁ । ସେହିପରି ମିନାକ୍ଷୀ ଦାସ କହିଛନ୍ତି କମ୍ପାନୀ ନିର୍ମାଣରେ ଆମର ୨ ଟି ପାନ ବରଜ ପଳେଇ ଯାଇଛି । ପାନ ଚାଲିଯିବା ପରେ ଆମେ ଜୀବିକା ହରାଇ ବସିଥିଲୁ । ସେହି ସମୟରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ କମ୍ପାନୀ ପକ୍ଷରୁ ସହଯୋଗ ର ହାତ ବଢ଼ାଇଲେ । ଆମେ ଏକାଠି ହୋଇ ଛତୁ ଚାଷ କରିବା ପାଇଁ ନିଷ୍ପତି ନେଲୁ । ଜେଏସଡବ୍ଲ୍ୟୁ ପକ୍ଷରୁ ଆନୁସଙ୍ଗିକ ସାମଗ୍ରୀ ଓ ଉପକରଣ ଯୋଗାଇ ଦିଆଗଲା ।

# ଓଡ଼ିଶା ଯୁବ ଆଇନଜୀବୀ ପ୍ରିମିୟର ଲିଗର ଉଦ୍‌ଯାପନୀ ଉତ୍ସବ

କଟକ(ନିପ୍ର): ବିଡାନାସୀ କ୍ରିକେଟ ଗ୍ରାଉଣ୍ଡରେ ଓଡ଼ିଶା ଯୁବ ଆଇନଜୀବୀ ପ୍ରିମିୟର ଲିଗର ଉଦଯାପନୀ ଉତ୍ସବ ଓ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ କରାଯାଇ ଥିଲା । ଓ ୱାଇଏ ପି ଏଲ୍ ର ସମାପନୀ ଉତ୍ସବରେ ଲିଗାଲ୍ ଇଗଲ୍ସ ଦଳ ଟେମା ରୟାଲ୍ ଜାଗୁଆରକୁ ୧୯ ରନରେ ପରାସ୍ତ କରି ଚାମ୍ପିଅନ୍ ହୋଇଛି । ସିଦ୍ଧାର୍ଥ ଲେଙ୍କା ଫାଇନାଲର ଶ୍ରେଷ୍ଠ ଖେଳାଳି ଏବଂ ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ, ପଙ୍କଜ ସୋନି ଶ୍ରେଷ୍ଠ ବୋଲର ହୋଇଥିଲେ, ସେହିପରି ମାନ୍ୟବର ବିଚାରପତି ଶ୍ରୀମତୀ ସାବିତ୍ରୀ ରାଠୋ ମୁଖ୍ୟ ଅତିଥି ଭାବରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେତେବେଳେ ଏସଏନଆର ଆଡଭୋକେଟ୍ ଶ୍ରୀ ମାନସ ମହାପାତ୍ର, ସିନିୟର ଆଡଭୋକେଟ୍ ଲକ୍ଷ୍ମୀଧର ପାଙ୍ଗାରୀ, ଲଲାଟେନ୍ଦୁ ସାମନ୍ତରାୟ, ସିନିୟର ଆଡଭୋକେଟ୍ ଦୁର୍ଗା ପ୍ରସାଦ ନନ୍ଦ, ଆଡଭୋକେଟ୍ ବିଜୟ କୁମାର ବେହେରା, ଆଡଭୋକେଟ୍ ଆଲୋକ ମହାପାତ୍ର ମଂଚାସୀନ ହୋଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିବାବେଳେ ଡକ୍ଟର ଅଶୋକ ମହାପାତ୍ର ସ୍ମୃତି କମିଟି ସହିତ ଓ ୱାଇ ଏ ପି ଏଲ ସହଯୋଗ କରିଥିଲେ । କମିଟିର ସମ୍ପାଦକ ଆଡଭୋକେଟ୍ ବିଜୟା ରାଗଡ଼ ଧନ୍ୟବାଦ ଅର୍ପଣ କରିଥିଲେ । ଚାମ୍ପିଅନ୍ ଦଳକୁ ୨୦,୦୦୦ ନଗଦ ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ୧୫୦୦୦ ନଗଦ ଅର୍ଥ ଦିଆଯାଇଛି ।

# ପ୍ରତିମୂର୍ତ୍ତି ଭଙ୍ଗା ଘଟଣାରେ ବିଜେଡି ପକ୍ଷରୁ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲାର ପ୍ରତିଷ୍ଠାତା, ବିଜୁଜନତା ଦଳର ବର୍ଷୀୟାନ ନେତା ସ୍ୱର୍ଗତ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଘଟଣା ନେଇ ବିଜୁଜନତା ଦଳ ପକ୍ଷ ରୁ ଜିଲ୍ଲା ପ୍ରଶାସନ ଦ୍ୱାରସ୍ଥ ହୋଇଛନ୍ତି । ଯଥା ଶୀଘ୍ର ସଂକୀର୍ଣ୍ଣ ରାଜପଥର ଏକତା ଛକ ରେ ଓସାର କରିବା ସହ ପ୍ରତିମୂର୍ତ୍ତି ପୁନଃ ନିର୍ମାଣ ଦାବୀ କରିଛନ୍ତି । ଆବଶ୍ୟକ ସମ୍ମାନ ସହ ସ୍ୱର୍ଗୀୟ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ ହେବା ପ୍ରତିଶ୍ରୁତି ପରେ ବିଜୁଜନତା ଦଳ କର୍ମୀ ଏବଂ ନେତା ମାନେ ପ୍ରକାଶ କରିଥିଲେ । ବିଜୁ ଜନତା ଦଳ ଜିଲ୍ଲା ସଭାପତି ଅବନୀ ରଂଜନ ଯୋଷୀ, ଭାନୁ ପ୍ରତାପ ସିଂ ମାଝୀ ଖିତିଶ ଅଶୋକ ବୋଧନକର, କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

# ନିରାଡ଼ମ୍ବର ଓ ନିଆରା ଢଙ୍ଗରେ ବିବାହ ବାର୍ଷିକ ପାଳନ କଲେ ଇଫ୍‌କୋର ବେଉରା ଦମ୍ପତି



ପାରାଦୀପ(ନିପ୍ର): ଇଫକୋ ପାରାଦୀପ ୟୁନିଟ ର ଲୋକ ସମ୍ପର୍କ ଅଧିକାରୀ ଡ଼ଃ.ପ୍ରସନ୍ନ କୁମାର ବେଉରା ଓ ପତ୍ନୀ ରୀନା ବେଉରା ତାଙ୍କର ୨୫ତମ ବିବାହ ବାର୍ଷିକ ଉତ୍ସବ ଏକ ଆଶ୍ରମରେ ନିରାଡ଼ମ୍ବ ଓ ନିଆରା ଢଙ୍ଗରେ ପାଳନ କରି ଏକ ଆଦର୍ଶ ସୃଷ୍ଟି କରିଛନ୍ତି କ୍ଷ ସାଲେପୁର ବ୍ଲକ ଚମ୍ପତି ପଂଚାୟତ ଅନ୍ତର୍ଗତ ନିରାଶ୍ରୟଙ୍କ ଆଶ୍ରୟସ୍ଥଳ ଆପନାଘର ଆଶ୍ରମରେ ଗତ ଫେବୃଆରୀ ୨୫ ତାରିଖରେ ତାଙ୍କର ବିବାହ ବାର୍ଷିକ ଉତ୍ସବ ଆଶ୍ରମର ନିଃସହାୟ ଅନ୍ତେବାସୀଙ୍କ ଗହଣରେ ପାଳନ କରିଥିଲେ । ଡ଼ଃ.ବେଉରା ଦମ୍ପତି ନିଜେ ଆଶ୍ରମ ଅନ୍ତେବାସୀଙ୍କୁ ଖାଦ୍ୟ ଖୁଆଇ ୨୫ ତମ ବିବାହ ବାର୍ଷିକରେ ଆଶିଷ ଭିକ୍ଷା କରିଥିଲେ । ଡ଼ଃ. ବେଉରା ଓ ଶ୍ରୀମତୀ ବେଉରା ଅନ୍ତେବାସୀଙ୍କ ସହ ଭାବର ଆଦାନ ପ୍ରଦାନ କରି ବହୁତ ଖୁସୀ ହୋଇଥିବା ପ୍ରକାଶ କରିବା ସହିତ ଅନ୍ତେବାସୀ ମାନଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ । ଏହି ସମୟରେ ଆଶ୍ରମର ପ୍ରତିଷ୍ଠାତା ଶୁକଦେବ ଅଗ୍ରୱାଲ, ପରାମର୍ଶଦାତା କଲ୍ୟାଣୀ ମିଶ୍ର, ପରମାନନ୍ଦ ମୁଦୁଲି, ବିଶ୍ୱରଂଜନ ସାହୁ, ସୁନିତା ସାମଲ, ରାଜକିଶୋର ସାହୁ ଓ ମଦନ ଘଡେଇ ଉପସ୍ଥିତ ରହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ପରେ ବେଉରା ଦମ୍ପତି ଶ୍ରୀ ମନ୍ଦିର ଯାଇ ଜଗନ୍ନାଥ ଙ୍କ ଦର୍ଶନ ଓ ପୁରୀ ଠାରେ ବଡଦେବଜୀଉ ଗୋଶାଳା ଗୋମାତା ପୂଜା ଓ ଗୋଖାଦ୍ୟ ବଂଟନ କରିଥିଲେ । ସେହିପରି ସନ୍ଧ୍ୟାରେ ରଟିଲୋ ପଂଚାୟତ ସ୍ଥିତ ବୋଇଲ ବାଳାଶ୍ରମର ଅନ୍ତେବାସୀ ମାନଙ୍କ ପାଇଁ ବେଉରା ଦମ୍ପତି ଖାଦ୍ୟପେୟ ପ୍ରଦାନର ବ୍ୟବସ୍ଥା କରିଥିଲେ ।

# ଖଡ଼ିଆଳ ଗାୟତ୍ରୀ ନଗରରେ ୧୬ପ୍ରହରୀ ନମାଯଜ୍ଞ ଅନୁଷ୍ଠିତ




ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ଗାୟତ୍ରୀ ନଗର ଲିଟିଲ୍ ଷ୍ଟାର ପୋବ୍ଲିକ ସ୍କୁଲ ପାଖରେ ୧୬ ପ୍ରହରୀ ନମଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ଏହି ଯଜ୍ଞ ଗତ ଶନିବାର ଦିନ ଅଧିବାସ ହୋଇ ସୋମବାର ପୂର୍ଣ୍ଣାହୁତି ହୋଇ ଯାଇଛି । ଭଗବାନ ରାମ ଓ କୃଷ୍ଣ ନାମ ଶାହୋଲ ପ୍ରହାର ପୂଜାଦେଇ ହଜାର ହଜାର ଶ୍ରଦ୍ଧାଳୁ ମାନେ ପ୍ରହରୀ ଦର୍ଶନାର୍ଥେ ଉପସ୍ଥିତ ଥିଲେ । ସମସ୍ତଙ୍କ ପାଇଁ ଭୋଗ ର ସୁ ବ୍ୟବସ୍ଥା ଥିଲା ବହୁତ୍ ଦୂର ଦୁରାନ୍ତରୁ କୀର୍ତନ ମଣ୍ଡଳୀ ମାନେ ଭାଗ ନେଇ ଥିଲେ ମୁଖ୍ୟତଃ ରଞ୍ଜିତା ମହିଳା କୀର୍ତନ ଦଳ ଦେଖିବାକୁ ଶ୍ରଦ୍ଧାଳୁ ଙ୍କ ଭିଡ଼ ବହୁତ୍ ହୋଇଥିଲା । ଆୟୋଜକ କମିଟିର ସଭାପତି ଶିଶିର ପାଣିଗ୍ରାହୀ ଙ୍କ ଆନୁକୁଲ୍ୟରେ ସନ୍ତୁ ଶୃଙ୍ଖଳା ରେ ପୂର୍ଣ୍ଣାହୁତି ହୋଇଛି । ଏହି ବିଶ୍ୱ ଶାନ୍ତି ଯଜ୍ଞ କରିବାରେ ଜୀତେନ୍ଦ୍ର ଯୋଶୀ, ସୁଶାନ୍ତ ପାଣିଗ୍ରାହୀ, ପ୍ରମୋଦ ନାଏକ, ଅଜିତ ସାହୁ, ସଞ୍ଜୟ କୁମାର ଯୋଶୀ, ଗୋପାଳ ଦାସ , କର୍ତା ପୁଣ୍ଡରିକକ୍ଷ ଖମାରୀ, ପୁଷ୍ପାଞ୍ଜଳି ପଢ଼ି, କ୍ଷିରୋଦ ସାହୁ, ବିଷ୍ଣୁ ବିଶ୍ୱାଳ, ମଣି ସାହୁ, ଜିତେନ୍ଦ୍ର ପାଣିଗ୍ରାହୀ, ବବିତା ଯୋଶୀ, ଭାବିନି ମହାପାତ୍ର, ସୁଗନ୍ଧା ରାଣୀ ପଣ୍ଡା, ରଶ୍ମି ଯୋଶୀ , ଲବଣୀ ପଣ୍ଡା, ସଂଗୀତା ସାହୁ, ଅଂଜୁ ସାହୁ, ରଞ୍ଜିତ ଖର୍ସେଲ, ଦମୟନ୍ତୀ ସାହୁ, ପ୍ରେମ କୁମାରି ଶବର, କୁମୁଦିନୀ ଗହିର, କାଜଲ ବାଗ ଓ ବେଦୀ ସାହୁ ପ୍ରମୁଖ ସାହାଯ୍ୟ କରିଥିଲେ । ଗାୟତ୍ରୀ ନଗର ର ସମସ୍ତ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସାହାଯ୍ୟ କରିଥିବାରୁ ଆୟୋଜକ କମିଟିର ସଦସ୍ୟ ମାନେ ପଡ଼ା ବାସୀଙ୍କୁ ସାଧୁବାଦ୍ ଅର୍ପଣ କରିଛନ୍ତି ।

# ଜିଲ୍ଲାସ୍ତରୀୟ ଜରାୟୁ କର୍କଟ ଟୀକା କରଣର ଶୁଭାରମ୍ଭ

ଖୋର୍ଦ୍ଧା(ନିପ୍ର): ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଖୋର୍ଦ୍ଧା ଜିଲ୍ଲାରେ ଜିଲ୍ଲାସ୍ତରୀୟ ଜରାୟୁ କର୍କଟର ନିରାକରଣ ନିମିତ ଏଚ ପି ଭି ଟୀକା କରଣ ଅଭିଯାନ ଶୁଭାରମ୍ଭ କରିଛନ୍ତି । ଏହି ମହତ ଅଭିଯାନରେ ଜିଲ୍ଲାର ସମସ୍ତ ୧୪ ବର୍ଷ ବୟସର ବାଳିକାଙ୍କୁ ଗାଡାସିଲ-୪ ଟିକାର ଗୋଟିଏ ଡୋଜ ଦିଆଯିବ । ଜିଲ୍ଲାର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, କମୁନିଟି ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଉପଖଣ୍ଡ ସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ଟୀକା ପ୍ରଦାନ କରାଯିବ । ଏଥି ପାଇଁ ତିନି ମାସ ମଧ୍ୟରେ ୧୪୭୨୯ ଜଣଙ୍କୁ ଟୀକା ପ୍ରଦାନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି । ଏହି ଟୀକା ସମ୍ପୂର୍ଣ୍ଣ ଦେୟ ମୁକ୍ତ ଅଟେ । ଏହି ଟୀକା ଅଭିଯାନ ଫଳରେ ଦେଶର ମାତୃଶକ୍ତିକୁ ନିରୋଗ ରଖାଯାଇ ପାରିବ ଏବଂ ଚିକିତ୍ସା କ୍ଷେତ୍ରରେ ଏକ ବଡ଼ ଉପଲବ୍ଧ ହେବ । ଏହି କାର୍ଯ୍ୟ କ୍ରମରେ ସହକାରୀ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ କୁମାର ସାହୁ, ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ଶ୍ୟାମ ପ୍ରସନ୍ନ ମିତ୍ର, ଜିଲ୍ଲା ଚିକିତ୍ସା ଅଧିକାରୀ, ଜନସ୍ୱାସ୍ଥ୍ୟ, ଡାକ୍ତର ରଞ୍ଜନ ମିତ୍ର ପ୍ରମୁଖ ଯୋଗ ଦେଇ ଏହି ଟୀକା କରଣ ଅଭିଯାନକୁ ସଫଳ ରୂପାୟନ ଦେବାପାଇଁ ଉପାଦେୟ ପରାମର୍ଶ ଓ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟ କ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସହକାରୀ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ରବୀନ୍ଦ୍ର କୁମାର ପାରମାଣିକ ସମେତ ସମସ୍ତ ଆଶା କର୍ମୀ, ସମସ୍ତ ସ୍ୱାସ୍ଥ୍ୟ କର୍ମୀ ଯୋଗ ଦେଇଥିଲେ । ଶେଷରେ ଆଇ ସି ଏ ଦେବସ୍ମିତା ସାହୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।


## ଦ.ପୂ. ରେଳପଥ ନିଲାମ

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ଜି), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧, ଉଲ୍ଲେଖିତ ତାରିଖରେ ୧୨:୦୦ ଘଂଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । ଏସ୍. ଆଇ. ନମ୍ବର; ଟେଣ୍ଡର ନୋଟିସ୍ ନମ୍ବର: କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ ଏବଂ ବିଡ୍ ସିକ୍ୟୁରିଟି/ଇ.ଏମ୍.ଡି. ଯଥାକ୍ରମେ: (୧); ୧୧୪-ଇଏଲ୍ସି-ଜି-କେଜିପି-୨୫-୨୬-୫୭; ଭାକ୍ରାବାଦ ସ୍ଲେସନ୍ ?ରେ ପିଏଫ୍ ନମ୍ବର ୩/୪ ସଂଯୋଗ କରିବା ପାଇଁ ବିଦ୍ୟମାନ ୩.୦ ମିଟର ଚଉଡ଼ା ଏଫଓବିର ସମ୍ପ୍ରସାରଣ ପାଇଁ ବୈଦ୍ୟୁତିକ କାର୍ଯ୍ୟ; ୧୦,୮୭,୩୩୭.୭୨; ?୨୧,୮୦୦.୦୦; (ଲି); ୧୧୪-ଇଏଲ୍ସି-ଜି-କେଜିପି-୨୫-୨୬-୫୯; କାନ୍ଥୀ ଏବଂ ରାମନଗର (ବଙ୍ଗଳା) ରେଳ ଷ୍ଟେସନରେ ପ୍ଲାଟଫର୍ମ ସମ୍ପ୍ରସାରଣ ସମ୍ବନ୍ଧୀୟ ବୈଦ୍ୟୁତିକ କାର୍ଯ୍ୟ; ଟ.୫୧,୬୧,୨୪୬.୧୪; ଟ.୧,୦୩,୨୦୦.୦୦, ନିଲାମ ଦସ୍ତାବିଜ୍‌ର ମୂଲ୍ୟ: କୌଣସି (ସେଂଟ ନମ୍ବର ୧ ଏବଂ ୨ ପାଇଁ); ଖୋଲିବାର ତାରିଖ: ୨୭/୦୩/୨୦୨୬ (ସେଂଟ ନମ୍ବର ୧ ଏବଂ ୨ ପାଇଁ); ସମାପ୍ତି ଅବଧି: ଏଲ୍ଓଏ ଜାରି ହେବା ତାରିଖରୁ ସେଂଟ ନମ୍ବର (ସ) ପାଇଁ ୦୬ ମାସ ଏବଂ ସେଂଟ ନମ୍ବର (ସ) ପାଇଁ ୦୯ ମାସ; ଦାଖଲ ତାରିଖ: ୨୭/୦୩/୨୦୨୬ ଦିନ ୧୨:୦୦ ଘଂଟା ପର୍ଯ୍ୟନ୍ତ; ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଏବଂ ନିର୍ଦ୍ଦିଷ୍ଟକରଣ ପାଇଁ **www.ireps.gov.in** ୱେବସାଇଟ୍ ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଦ୍ରଷ୍ଟବ୍ୟ:** ସମ୍ଭାବ୍ୟ ବିଡର୍ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବରେ **www.irops.gov.in** ପରିଦର୍ଶନ କରିପାରିବେ । (PR-1280)


# ନୀହାରକନ୍ୟା ସାହିତ୍ୟ ସଂସଦର ୨୯ତମ ବାର୍ଷିକ ଉତ୍ସବ

ସୋର(ନିପ୍ର): କବିତାଟିଏ ଲେଖିବା ପରେ ତାହା ଆଉ କବିର ହୋଇ ରହେନାହିଁ । ନିଜସ୍ୱ ଗାରିମାରେ ତାହା ଝଲସି ଉଠେ, ତହାହିଁ କବିତାର ଅହମିକା ଓ ସାହିତ୍ୟର ସୌନ୍ଦର୍ଯ୍ୟ ବୋଲି ସୋର ଶିଙ୍ଗାଖୁଂଟା ନୂଆଗାଁ ନୀହାରକନ୍ୟା ସାହିତ୍ୟ ସଂସଦର ୨୯ ତମ ବାର୍ଷିକ ଉତ୍ସବରେ ବକ୍ତା ମାନେ ମତବ୍ୟକ୍ତ କରିଥିଲେ । ବିଶିଷ୍ଟ ସାରସ୍ୱତ ସାଧକ ଡ. ହରିଶ୍ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ଦେବଗିରି ପାଦଦେଶ ଭଳି ପ୍ରାକୃତିକ ପରିବେଶରେ ସାହିତ୍ୟର ପ୍ରକୃତ ଉତ୍ସ ଥାଏ, ଯାହା ଆଜିର ସମାବେଶ ତା’ର ପ୍ରମାଣ ଦେଇଛି ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଯୋଗଦେଇ କହିଲେ ଯେ ଦୁଃଖର ରଙ୍ଗ, ଲୁହର ସ୍ୱାଦ, ଯନ୍ତ୍ରଣାର ସ୍ଥାପତ୍ୟ ଓ ଆନନ୍ଦର କାରୁକାର୍ଯ୍ୟକୁ ବୁଝୁଥିବା ସାହିତ୍ୟେ କହେ ମଣିଷର କେବେବି ପରାଜୟ ନାହିଁ ଏବଂ ପ୍ରତ୍ୟେକ ସକାଳ ଗୋଟେ ଗୋଟେ ନୂଆ ସକାଳ । ବରେଣ୍ୟ ଅତିଥି ଭାବେ କବି ଶ୍ରୀଦେବ ଯୋଗଦେଇ କହିଲେ ଯେ ଓଡ଼ିଶାର ସାରସ୍ୱତ ସାଧକଙ୍କ ସମାବେଶ କହିଲେ ନୀହାରକନ୍ୟାକୁ ବୁଝାଏ । ସମ୍ମାନିତ ଅତିଥି ଗାଳ୍ପିକ ଗଂଗାଧର ବିଶ୍ୱାଳ, କବି କିଶୋର ପାଣିଗ୍ରାହୀ ଓ ଶଙ୍କର୍ଷଣ ବାରିକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାକୁ ପରିଚାଳନା କରିଥିଲେ ନୀହାରକନ୍ୟା ସାହିତ୍ୟ ସଂସଦର ସଂପାଦକ ସୁରଂଜନ ପାତ୍ର । ସରପଂଚ ଅନାଦି ଚରଣ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଚନ୍ଦ୍ରମୋହନ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜ୍ୟୋତି ରଂଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସଂସଦର ମୁଖପତ୍ର ‘ନୀହାର କନ୍ୟା’ ଶ୍ରୀ ପାତ୍ରଙ୍କ କବିତା ପୁସ୍ତକ ‘ମେଘ ଫୁଲ’ ଓ ସନ୍ତୋସିନୀ ଦାସଗିରିଙ୍କ ଗଳ୍ପ ସଂକଳନ ‘ଜୀବନର ମାନସାଙ୍କ’ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ବିଜୟ ମହାପାତ୍ର, ଦେବେନ୍ଦ୍ର ଚୌଧୁରୀ, ଆଦିତେଶ୍ୱର ମିଶ୍ର, ଉମାକାନ୍ତ ରାଉତ, ସୁଶାନ୍ତ କୁମାର ନାୟକ, ରମେଶ ଚନ୍ଦ୍ର ମିଶ୍ର, ରଂଜନା ପଣ୍ଡା, ସଂଜୟ ପଣ୍ଡା, ପ୍ରତିଭା ଖିଲାର, ରୀତାଞ୍ଜଳି ମହାରଣା, ବିଲ୍ୱ ରଂଜନ ପତି, ସ୍ନେହଲତା ଦାସ ଲେଙ୍କ ଓ ବଳବନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ପ୍ରଥମ ଅଧିବେଶରେ ରାଜ୍ୟସ୍ତରୀୟ କବିତାପାଠୋତ୍ସବକୁ ଔପନ୍ୟାସିକ ସୁନୀଲ ମିଶ୍ର ମୈତ୍ରେୟ । କବି ବିଜୟ ରାୟ ସଭାପତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କବି ହିମାଂଶୁ ପରିଡ଼ା ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ କବି ସୁବ୍ରତ ଦାସ ସମ୍ମାନିତ ଅତିଥି ଭରାବ କବୀ ସ୍ୱର୍ଣ୍ଣପ୍ରଭା ରଥ ଯୋଗଦେଇଥିଲେ । କବି ମିତା ପଟ୍ଟନାୟକ ଓ ଡ.ସଂଯୁକ୍ତା ପରିଡ଼ା ସଂଯୋଜନା କରିଥିବା ବେଳେ ପତିତପାବନ ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ । ଏଥିରେ ଓଡ଼ିଶାର ବିଭିନ୍ନ ଜିଲାରୁ ଲବ୍ଧ ପ୍ରତିଷ୍ଠିତ କବିମାନେ ଯୋଗଦେଇ କବିତାପାଠ କରିଥିଲେ ।

## ବିଦ୍ୟୁତ୍ ତାର ଲାଗି ଡ୍ରାଇଭର ଗୁରୁତର

ଧାମନଗର(ନିପ୍ର): ଧାମନଗର ଅଂଚଳ ରେ ଚୋରା ବାଲି ଚାଲାଣ ଦ୍ୱାରା ପ୍ରଶାସନ ର ମୁଣ୍ଡ ବ୍ୟଥା ର କାରଣ ହୋଇ ଥିବାବେଳେ ବିଦ୍ୟତ ତାର ଲାଗି କେଉଁଠି ବାଲି ଗାଡ଼ି ଡ୍ରାଇଭର ଆହାତ ହେଲେଣି ତ କେଉଁଠି ମୃତୁ ବରଣ କଲେଣି, ନିକଟରେ ଭଗବାନପୁର ପଂଚାୟତର ଜୈନିକ ଡ୍ରାଇଭର ର ବିଦ୍ୟୁତ୍ ତାର ଲାଗି ମୃତୁ ହୋଇ ଥିବା ବେଳେ ଶନିବାର ଦିନ ଫଳପୁର ପୃଷ୍ଟି ସାହୀ ଠାରେ ଓଡ଼ି, ୩୪ ଙ ୧୧୧୮ ନମ୍ବର୍ ଥିବା ଏକ ବାଲି ବୁଝେଇ ହାଇୱା ବାଲି ଢ଼ାଳି ବା ବେଳେ ୧୧ କେବି ବିଦ୍ୟୁତ୍ ତାର ଲାଗିବା ଦ୍ୱାରା ଡ୍ରାଇଭର ଗୁରୁତର ହୋଇ ଥିଲେ, ତାଂକୁ ତୁରନ୍ତ ୧୦୮ ଜରୁରୀ କାଳୀନଗାଡ଼ି ଦ୍ୱାରା ଧାମନଗର ଡ଼ାକ୍ତର ଖାନା ନେଇଥିଲେ, ସେଠାରେ ତାଙ୍କର ଅବସ୍ଥା ଅତି ଗୁରୁତର ହେବାରୁ ତାଂକୁ ଯାଜପୁର ଡ଼ାକ୍ତର ଖାନାକୁ ନିଆଯାଇଛି ।





# ଜିଲ୍ଲାସଦର ମହକୁମାର ଠାରେ ଜିଲ୍ଲାପାଳଙ୍କ ଜନଶୁଣାଣି

ଖୋର୍ଦ୍ଧା : ଆଜି ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ବିବେକାନନ୍ଦ ଶର୍ମାଙ୍କ ଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଅଛି କ୍ଷ ଉକ୍ତ ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଜ୍ୟୋତି ଶଙ୍କର ସାହୁ , ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ପ୍ରମୁଖ ଯୋଗଦେଇଥିଲେ କ୍ଷ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ କହିଲେ ଯେ ଜନ ଶୁଣାଣି କାର୍ଯ୍ୟକ୍ରମ ସୁଶାସନ ବ୍ୟବସ୍ଥାର ଏକ ପ୍ରମୁଖ ଅଙ୍ଗ, ଏଣୁ ପ୍ରତ୍ୟେକ ଅଧିକାରୀ ନିଜ କାର୍ଯ୍ୟାଳୟ ଅଧୀନ କୌଣସି ଅଭିଯୋଗର ସମାଧାନ କୁ ସ୍ଥଗିତ ନ ରଖି ସମାଧାନ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ କ୍ଷ ସମସ୍ତ ଅଭିଯୋଗ ଗୁଡ଼ିକୁ ସରକାର ଏବଂ ଜିଲ୍ଲା ପ୍ରଶାସନ ନିୟମାନୁସାରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ କ୍ଷ ଆଜିର ଅଭିଯୋଗ ଶୁଣାଣି ରେ ମୋଟ ୬୮ ଗୋଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୫୮ ଗୋଟି ଏବଂ ଗ୍ରାମୀଣ ସମସ୍ୟା ଜନିତ ୧୦ ଗୋଟି ଅଭିଯୋଗ ଆସିଥିଲା କ୍ଷ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ତତ୍କାଳ ୦୯ ଗୋଟି ଅଭିଯୋଗ ର ସମାଧାନ କରିଥିବାବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଆସିଷ୍ଟାଂଟ କଲେକ୍ଟର, ଅଭିଯୋଗ ଭୁବନେଶ୍ୱରୀ କଅଁର, ସମସ୍ତ ବି ଡି ଓ, ତହସିଲଦାର ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଂଟ ଅଧିକାରୀ ମାନେ ଯୋଗଦେଇଥିଲେ

## ଅବସର ଦିନ ୭ଜଣଙ୍କୁ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ

ପୁରୀ (ନି.ପ୍ର.)ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ୱାବଧାନରେ କାର୍ଯ୍ୟ କରୁଥିବା ସାତ ଜଣ କର୍ମଚାରୀଙ୍କୁ ଫେବୃଆରୀ ମାସରେ ଅବସର ନେଇଥିବାରୁ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ମାସର ଶେଷ ଦିବସରେ ସେମାନଙ୍କର ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ କରିଛନ୍ତି ! ଶ୍ରୀ ପାଢ଼ୀ କର୍ମଚାରୀଙ୍କୁ ଅବସରଦିନ ସେମାନଙ୍କର ପୂର୍ଣ୍ଣାଙ୍ଗ ପେନସନ ଦେବାପାଇଁ ସବୁବେଳେ ଚେଷ୍ଟିତ ! ଏହାଦ୍ୱାରା ଜିଲ୍ଲାର ସମସ୍ତ କର୍ମଚାରୀ ମାନଙ୍କ ମଧ୍ୟରେ ଆନନ୍ଦ ସୃଷ୍ଟି କରିବା ସହିତ ଶିକ୍ଷାଧିକାରୀଙ୍କ ଉଦ୍ୟମ ପ୍ରଶଂସନୀୟ ଅଟେ ! ଅବସର ଗ୍ରହଣ କରିଥିବା ଶିକ୍ଷକ ଓ କର୍ମଚାରୀ ମାନେ ହେଲେ ସୁରେନ୍ଦ୍ର କୁମାର ଦଳାଇ (ପ୍ରଧାନ ଶିକ୍ଷକ), ନାରାୟଣ କର (ହିନ୍ଦୀ ଶିକ୍ଷକ), ନିର୍ମଳ କୁମାରୀ ନାୟକ (ସହକାରୀ ଶିକ୍ଷକ), ଅଭିମନ୍ୟୁ ଜେନା (ଚତୁର୍ଥ ଶ୍ରେଣୀ କର୍ମଚାରୀ), ସହଦେବ ପରିଡା (ଚତୁର୍ଥ ଶ୍ରେଣୀ କର୍ମଚାରୀ), ପ୍ରଭାକର ନାୟକ (ଚତୃର୍ଥ ଶ୍ରେଣୀ କର୍ମଚାରୀ) ସୁଦର୍ଶନ ଲେଙ୍କା (ଚତୃର୍ଥ ଶ୍ରେଣୀ କର୍ମଚାରୀ) ।

## ପୋଲିସ କର୍ମଚାରୀଙ୍କ ପାଇଁ ସାଇବର ସୁରକ୍ଷା କର୍ମଶାଳା

ଝାରସୁଗୁଡ଼ା, (ନି.ପ୍ର.)ସମ୍ପ୍ରତି ବୃଦ୍ଧି ପାଉଥିବା ସାଇବର ଅପରାଧକୁ ରୋକିବା ଏବଂ ପୋଲିସର ତଦନ୍ତ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଝାରସୁଗୁଡ଼ା ପୋଲିସ ପକ୍ଷରୁ ଏକ ଦୁଇଦିନିଆ ସାଇବର ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପ୍ରେକ୍ଷାଳୟ ଠାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଏସପି ଶ୍ରୀ ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡୀ ଏବଂ ଅତିରିକ୍ତ ଏସପି ଶ୍ରୀମତୀ ମଧୁସ୍ମିତା ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଏହି



କର୍ମଶାଳାରେ ମୁଖ୍ୟ ପ୍ରଶିକ୍ଷକ ଭାବରେ ସାଇବର ଅପରାଧ ଏବଂ ଅପରେସନ୍ ? ବିଶେଷଜ୍ଞ ତଥା କାଉଂଟର ଟେରରିଜିମ୍ ? ଅପରେସନ୍ ?ରେ ଟେକ୍ନିକାଲ୍ ? ଇଂଟେଲିଜେନ୍ସରେ ପାରଦର୍ଶିତା ଲାଭ କରିଥିବା ଶ୍ରୀ ଇଶାନ ସିହ୍ନା ଯୋଗଦେଇଥିଲେ । ସେ ଉପସ୍ଥିତ ପୋଲିସ ଅଧିକାରୀମାନଙ୍କୁ ସାଇବର ପୋଲିସିଂକୁ କିପରି ଅଧିକ ପ୍ରଭାବଶାଳୀ କରାଯାଇପାରିବ ଏବଂ ଡିଜିଟାଲ ପ୍ରମାଣ ସଂଗ୍ରହ କରିବାରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ ।

# କୁଡୁମୀ ଅଧିକାର ମହାରାଲି

ବାରିପଦା(ନି.ପ୍ର.)କୁଡୁମୀ ମାନଙ୍କ ବିରୋଧ ରେ ୭୫ ବର୍ଷ ପୂର୍ବ ରୁ ହେଇଥିବା ଅନ୍ୟାୟ ବିରୋଧରେ ଶୀତଲ ଆହେଦାରଙ୍କ ନେତୃତ୍ୱରେ ରାଂଚିର ପ୍ରଭାତ ତାରା ମୈଦାନରେ ଲକ୍ଷାଧିକ ଲୋକଙ୍କ ମହାସମାଗମ ରେ କୁଡୁମୀ ଅଧିକାର ମହାରାଲି ଅନୁଷ୍ଠିତ ହେଇଯାଇଛି । ଏହି ରାଲି ରେ ଓଡିଶା, ବେଙ୍ଗଲ, ବିହାର ରୁ ସବୁ କୁଡୁମୀ ସମ୍ପ୍ରଦାୟ ର ଲୋକ ଯୋଗ ଦାନ କରିଥିଲେ । ଓଡିଶା ରୁ କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନୀ କୁମାର ମହାନ୍ତ ଙ୍କ ନେତୃତ୍ୱ ରେ ଓଡିଶା ରୁ ମଧ ହଜାର ହଜାର କୁଡୁମୀ ସମ୍ପ୍ରଦାୟ ର ଲୋକ ଏହି ରାଲି ରେ ଭାଗ ନେଇଥିଲେ । ଜୈମୁନୀ ମହାନ୍ତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ନିଜ ବକ୍ତବ୍ୟ ରେ କୁଡୁମୀ ଜାତିକୁ କିପରି ଅନୁସୂଚିତ ଜାତି ମାନ୍ୟତା ମିଳିବ ଓ କୁଡୁମାଲୀ ଭାଷାକୁ କିପରି ଅଷ୍ଟମ ପରିଚ୍ଛେଦ ମାନ୍ୟତା ମିଳିବ ସେ ବାବଦ ରେ ଆଲୋଚନା କରି ଆନ୍ଦୋଳନ କୁ କିପରି ଆହୁରି ତୀବ୍ର ରୂପ ରେଖା ଦିଆଯିବ ସେ କଥା କହିଥିଲେ । ଅନ୍ୟ ମାନଙ୍କ ମଧ ରେ ଓଡିଶା ରୁ କୁଡୁମୀ ସେନା ର ସାଇରାମ ମହାନ୍ତ, ବିଶ୍ୱନାଥ ମହାନ୍ତ,କାହ୍ନୁଚରଣ ମହାନ୍ତ, ରାଜେଶ ମହାନ୍ତ, ଭବାନୀ ମହାନ୍ତ,ଭାଗ୍ୟଧର ମହାନ୍ତ, କୁଡୁମୀ ଛାତ୍ର ସେନାର ସଭାପତି ବରୁଣ କୁମାର ମହାନ୍ତ, ପ୍ରିୟବ୍ରତ ମହାନ୍ତ, ତୁଷାର ମହାନ୍ତ, ପଙ୍କଜ ମହାନ୍ତ, ବିଜେନ ମହାନ୍ତ, ଚିକୁ ମହାନ୍ତ, ଶାନ୍ତନୁ ମହାନ୍ତ ଓ କୁଡୁମୀ ମହିଳା ସେନା ର ଗୀତାଞ୍ଜଳି ମହାନ୍ତ, ନମିତା ମହାନ୍ତ,ସସ୍ମିତା ମହାନ୍ତ, ସୁଜାତା ମହାନ୍ତଙ୍କ ନେତୃତ୍ୱ ରେ କୁଡୁମୀ ସେନାର ବହୁ ସଂଖ୍ୟାରେ ସଦସ୍ୟ ରାଲି ରେ ଯୋଗଦାନ କରିଥିଲେ ।



## ଶୋଭାରାମପୁରରେ ବାହା ବଙ୍ଗା ଉତ୍ସବ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ପୌରାଂଚଳ ଅନ୍ତର୍ଗତ ୱାର୍ଡ଼ ୨୦ ଠାରେ ମାରଂବୁରୁ ଜେହର ଗାଲ୍ ସେବା କମିଟି ଆନୁକୁଲ୍ୟରେ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ବାହା ବଙ୍ଗା ଉତ୍ସ୍ୱ ଅନୁଷ୍ଠିତ ହୋଇଛି । ପ୍ରକୃତି ସହଜଡ଼ିତ ଆଦିବାସୀ ସାନ୍ତାଳଙ୍କ ପବିତ୍ର ବାହା ବଂଗା ହେଉଛି ସୁଖ, ଶାନ୍ତି ଓ ସମୃଦ୍ଧିର ମହାପୂଜା । ଏହି ପୂଜା ରେ ବାଲେଶ୍ୱର ଓ ପୋଡ଼ଶି ଜିଲ୍ଲା ରୁ ବହୁ ସଂଖ୍ୟକ ସାନ୍ତାଳୀ ଲୋକ ମାନେ ସ୍ୱପରିବାର ସହ ଏହି ଉତ୍ସବ ରେ ଯୋଗଦାନ କରିଥାନ୍ତି ଏବଂ ସାନ୍ତାଳୀ ପାରମ୍ପରିକ ବାଦ୍ୟ ତାଳେ ତାଳେ ନାଚ ଗୀତରେ ଝୁମିଥାନ୍ତି । ଏହି ଉତ୍ସବରେ ୱାର୍ଡ଼ ନଂ ୨୦ କାଉନସିଲର ନିରୁପମା ଦାସ, କାଉନସିଲର ଙ୍କ ପ୍ରତିନିଧି ସୈଳେନ୍ଦ୍ର ଦାସ ଙ୍କ ସମେତ ଫାଗୁ ହେମ୍ବ୍ରମ, ଶ୍ରୀଧର ମାରାଣ୍ଡି, ରାମ ମାରାଣ୍ଡି, ବୈଦ୍ୟନାଥ ମାହାଲି, ପ୍ରଦୀପ ମାରାଣ୍ଡି, ବାବୁଲି ମାଝୀ, ରୁହିଆ ଟୁଡୁ, ଶିବରାମ ମୁର୍ମୁ, କାମଦେବ ସୋରେନ, ସୁଦାମ ସୋରେନ, ଡମାନ୍ କିସ୍କୁ, ସୁନାରାମ ମୁର୍ମୁ, ରାଜୁ ସୋରେନ, କାର୍ତିକ ସୋରେନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ୍ୟମଣ୍ଡିତ କରିଥିଲେ ।

## ବାଲ ଗଣେଶ କିଡ୍‌ଜୀ ପ୍ଲେ ସ୍କୁଲର ୧୫ତମ ବାର୍ଷିକ ଉତ୍ସବ

ବ୍ରହ୍ମପୁର(ନି.ପ୍ର.) : ବାଲ ଗଣେଶ କି ଡ୍ ଜୀ ପ୍ଲେ ସ୍କୁଲର ୧୫ ତମ ବାର୍ଷିକ ଉତ୍ସବ ଗଞ୍ଜାମ କଳା ପରିଷଦ ରେ ପାଳିତ ହୋଇଯାଇଛି । ଏଠାରେ ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସ୍କୁଲର ଅଧକ୍ଷା ନିର୍ମଳା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ରୂପେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଖ୍ୟାତନାମା ଉଦ୍ ଘୋଷକ ହୃଷୀ କେଶ




ପାଣିଗ୍ରାହୀ ,ସମ୍ମାନୀତ ଅତିଥି ଭାବେ ଶିଶୁ ରୋଗ ବିଶେଷଜ୍ଞ ଡ଼ା.ଅଶୋକ କୁମାର ନନ୍ଦ ଓ ବରିଷ୍ଠ ସାମ୍ବାଦିକ ତଥା ଗାୟକ ସୁଦୀପ କୁମାର୍ ସାହୁ ପ୍ରମୁଖ ଯୋଗ ଦେଇ ଶିଶୁ ମାନଙ୍କୁ ନିଜ ନିଜ ବକ୍ତବ୍ୟରେ ଉତ୍ସାହିତ କରିଥିଲେ । ସ୍କୁଲର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।ଶେଷରେ ଛାତ୍ରଛାତ୍ରୀ ମାନ ଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ନୃତ୍ୟ ଗୁରୁ ପ୍ରଦୀପ କୁମାର୍ ସେଠୀ, ଜୟନ୍ତୀ ନାୟକ ଓ ଶିବାନନ୍ଦ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ୪୮ ଜଣ ବାଳିକାଙ୍କୁ ଏଚ. ପି. ଭି ଟୀକା ପ୍ରଦାନ

ବୋରିଗୁମ୍ମା(ନି.ପ୍ର.): ଗତ ୨୮/୦୨/୨୦୨୬ ତାରିଖ ଦିନ ଭାରତ ର ଯଶସ୍ୱି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଜରାୟୁ କ୍ୟାନ୍ସର ର ପ୍ରତିଷେଧକ ଟୀକା (ଏଚ. ପି. ଭି) ଟୀକାକରଣ ର ଶୁଭାରମ୍ଭ କରିଥିଲେ । ଆଜି ସ୍ଥାନୀୟ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଏହି ଏଚ. ପି. ଭି ଟୀକାକରଣ ର ଶୁଭାରମ୍ଭ ହୋଇ ଯାଇଅଛି । ଏହି ଟୀକା ଜରାୟୁ କ୍ୟାନ୍ସର ର ପ୍ରତିଷେଧକ ରୂପେ କାର୍ଯ୍ୟ କରିବ । ଏହି ଟୀକାକରଣ କାର୍ଯ୍ୟକ୍ରମ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ସ୍ତ୍ରୀ ଓ ପ୍ରସୂତି ବିଭାଗ ର ଡାକ୍ତର ପ୍ରବୀଣ କୁମାର ଦାଶ ଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା । ସମୁଦାୟ ୪୮ ଜଣ ଚଉଦ ବର୍ଷର ବାଳିକା ମାନେ ଆଜି ଏହି ଏଚ. ପି. ଭି ଟୀକା ନେଇଥିଲେ । ଆଜିର ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀକାନ୍ତ କୁମାର ଶତପଥୀ, ବି.ପି. ମ୍ ସସ୍ମିତା ତ୍ରିପାଠୀ, ଦମୟନ୍ତୀ ମୁଦୁଲି, ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ଏବଂ ଶ୍ରୀନିବାସ ରାଓ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ର ର ମହିଳା ସ୍ୱାସ୍ଥ୍ୟ କର୍ମୀ ଗୀତାଞ୍ଜଳି ଚୌଧୁରୀ, ପଦ୍ମିନୀ ବାଘ, ରିନା ବେହେରା ଓ ସରୋଜିନୀ ଦାଶ ଟୀକାକରଣ ପ୍ରଦାନ କରିବାରେ ନିୟୋଜିତ ଥିଲେ । ଆଗାମୀ ଦିନରେ ଅନ୍ୟାନ୍ୟ ଉପଯୁକ୍ତ ୧୪ ବର୍ଷୀୟା ବାଳିକା ମାନଙ୍କୁ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପ୍ରଦାନ କରାଯିବ ବୋଲି ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀକାନ୍ତ ଶତପଥୀ ସୂଚନା ପ୍ରଦାନ କରିଛନ୍ତି ।



## ଓକିଲଙ୍କ ଘରୁ ଚୋରି

ଜଳେଶ୍ୱର (ନି ପ୍ର )ଆଜି ସକାଳ ପ୍ରାୟ ୯ଟା ସମୟରେ ଜଳେଶ୍ୱର ଥାନା ବାଘବାହଳି ଗ୍ରାମର ଓକିଲ ପ୍ରଶାନ୍ତ ପ୍ରଧାନ ଙ୍କ ଘରୁ ସୁନା ରୁପା ସହ ଟଙ୍କା ଚୋରି ହୋଇଛି. ସକାଳ ନ ଟା ସମୟ ରେ ଶ୍ରୀ ପ୍ରଧାନ ଜଳେଶ୍ୱର ସବ ରେଜେଷ୍ଟ୍ରି ଅଫିସ କୁ ଆସିଥିବା ବେଳେ ତାଙ୍କ ପତ୍ନୀ ଗ୍ରିଲରେ ତାଲା ମାରି କ୍ଷୀର ନବାକୁ ଆସିଥିଲେ. ତାଙ୍କ ପତ୍ନୀ ଘରେ ପହଂଚି ଦେଖିବାକୁ ପାଇଲେ ଘର କବାଟ ଖୋଲା ଅଛି ଓ ଆଲମିରା ଭାଙ୍ଗି ସମସ୍ତ ଜିନିଷ ଚୋରି ହୋଇଛି ବୋଲି ଜାଣିବାକୁ ପାଇଲେ. ଚୋର ମାନେ ଏକ କାର ରେ ଆସିଥବାର ପୋଲିସ ରେ ଅଭିଯୋଗ ହୋଇଛି. ପୋଲିସ ଘଟଣା ର ତଦନ୍ତ କରୁଛି ।

## ଗୀତା ପ୍ରେମୀ ତଥା ସମାଜ ସେବୀ ଶୁଲୋଚନା ପଣ୍ଡାଙ୍କର ଦ୍ୱାଦଶାହ ପାଳନ

ଝାରସୁଗୁଡ଼ା(ନି.ପ୍ର.)- ବନହରପାଲି ଅଂଚଳରେ ଥିବା ସାହାଜବାହାଲ କୁମ୍ଭାରବନ୍ଧ ଗ୍ରାମର ଶୁଲୋଚନା ପଣ୍ଡାଙ୍କ ଦ୍ୱାଦଶାହ ନିଜ ବାସଭବନରେ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜସ୍ୱ ବିପର୍ଯ୍ୟୟ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ,ବରଗଡ ସଂସଦ ପ୍ରଦୀପ ପୁରୋହିତ, ପୂର୍ବତନ ବିଧାୟକ ରେଙ୍ଗାଲି ନାଉରୀ ନାୟକ , ପୂର୍ବତନ ଝାରସୁଗୁଡା ବିଧାୟୀକା ଦିପାଳି ଦାସ , ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ




ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହିତ ସ୍ୱର୍ଗତ ପୁଣ୍ୟ ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲେ । ଶେଷରେଗଙ୍ଗା ଭୋଜିରେ ଯୋଗଦାନ ଦେଇଥିଲେ । ଶୁଲୋଚନ ପଣ୍ଡାଙ୍କର ପୁତ୍ର ରଘୁନନ୍ଦନ ପଣ୍ଡା ଝାରସୁଗୁଡ଼ା ବି.ଜେ.ପି. ଦଳର ସଭାପତି ଅଟନ୍ତି ।

## ପ୍ରସନ୍ନ ପଣ୍ଡା ଛକରୁ ତାଳପଟିଆ ଛକ ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ ଏବଂ ସୁରକ୍ଷା ପ୍ରଦାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ ପୌରାଧକ୍ଷା

ଝାରସୁଗୁଡା,(ନି.ପ୍ର.)ପ୍ରସନ୍ନ ପଣ୍ଡା ଛକରୁ ତାଳପଟିଆ ଛକ ପର୍ଯ୍ୟନ୍ତ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ଏବଂ ରାସ୍ତା ରେ ସୁରକ୍ଷା ପ୍ରଦାନ ପାଇଁ ଝାରସୁଗୁଡା ଜିଲ୍ଲାପାଳ ଙ୍କୁ ଝାରସୁଗୁଡା ପୌରଧକ୍ଷା ସୋମବାର ଦାବିପତ୍ର ପ୍ରଦାନ କରିଛନ୍ତି । ପୌରଧକ୍ଷା ତାଙ୍କ ଦାବୀପତ୍ର ରେ ଉଲ୍ଲେଖ କରିଛନ୍ତି ଯେ ବଡ଼ମାଲ ରୁ ପ୍ରସନ୍ନ ପଣ୍ଡା ଛକ ପର୍ଯ୍ୟନ୍ତ ବିଜୁ ଏକ୍ସପ୍ରେସ ୱେ ରେ ଜେ ଏସ ଡବ୍ଲୁ କମ୍ପାନୀ ଦ୍ୱାରା ଲଗାଯାଇଥିବା ଲାଇଟ ଯୋଗୁଁ ଭଲ ଆଲୋକିତ ହେଉଛି ।କିନ୍ତୁ ପ୍ରସନ୍ନ ପଣ୍ଡା ଛକରୁ ତାଳପଟିଆ ଛକ ପର୍ଯ୍ୟନ୍ତ ସମ୍ପ୍ରସାରଣ ହୋଇଥିବା ରାସ୍ତା ରେ ଆଲୋକ ର ବ୍ୟବସ୍ଥା ନ ଥିବାରୁ ରାତିରେ ଏହି ରାସ୍ତା ଟି ସମ୍ପୂର୍ଣ୍ଣ ଅନ୍ଧାରରେ ରହି ଯାଉଛି ।ଏହା ସହିତ ଆଲୋକୀକରଣର ଅଭାବ ଯୋଗୁଁ ଦୃଶ୍ୟମାନତା କମ୍ ଥିବାରୁ ବାରମ୍ବାର ସଡ଼କ ଦୁର୍ଘଟଣା ହେଉଥିବା ବେଳେ ଛୋଟ ଛୋଟ ଅପରାଧ ରୋକିବା ପାଇଁ ପୋଲିସ ପେଟ୍ରୋଲିଂରେ ଅସୁବିଧା ଏବଂ ଅସାମାଜିକ ସମାବେଶ ଭଳି ଅନେକ ଗମ୍ଭୀର ସମସ୍ୟା ସୃଷ୍ଟି ହେଉଛି । ଏହା ବ୍ୟତୀତ ଏହି ରାସ୍ତା ରେ ରାତି ରେ ଯାଉଥିବା ପଥଚାରୀ ଏବଂ ମହିଳାମାନଙ୍କ ପାଇଁ ରାସ୍ତା ଟି ସମ୍ପୂର୍ଣ ଭାବ ରେ ଅସୁରକ୍ଷିତ ରହୁଛି ।ତେଣୁ ଜନସାଧାରଣଙ୍କ ବୃହତର ସ୍ୱାର୍ଥ ପାଇଁ ପ୍ରସନ୍ନ ପଣ୍ଡା ଛକରୁ ତାଳପଟିଆ ଛକ ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ଡି ଏମ ଏଫ କିମ୍ବା ସ୍ଥାନୀୟ ଶିଳ୍ପଗୁଡ଼ିକଠାରୁ ପାଣ୍ଠି ମଞ୍ଜୁର କରି ଏହି ପ୍ରସନ୍ନ ପଣ୍ଡା ଛକ ଠାରୁ ତାଳପଟିଆ ପର୍ଯ୍ୟନ୍ତ ରାସ୍ତା ରେ ତୁରନ୍ତ ଆଲୋକୀକରଣ କରିବା ପାଇଁ ଝାରସୁଗୁଡା ପୌରଧକ୍ଷା ରାନୀ ହାତୀ ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ନବନିତ କୋର , ଗୀତାଞ୍ଜଳି ପଣ୍ଡା, ପଓ୍ୱନ୍ ଶର୍ମା, ସୁକୁନ ଲାକ୍ରା, ବବିତା ରଣବିଣ୍ଡା ପ୍ରଭୃତି କାଉନସିଲର ଗଣ ଉପସ୍ଥିତ ଥିଲେ ।

## ଅପଷ୍ଟିନ ଫାଇଲ୍‌ସ୍‌କୁ ନେଇ ବ୍ରହ୍ମପୁର ଏସପିଙ୍କ ନିକଟରେ ଜିଲ୍ଲା କଂଗ୍ରେସର ମାମଲା ଦାଖଲ




ବ୍ରହ୍ମପୁର(ନି.ପ୍ର.) : ଅପସ୍ଟିନ ଫାଇଲସ ବିରୁଦ୍ଧରେ ସାରା ଦେଶରେ ମାମଲା ରୁଜୁ ଜାରୀ ରହିଛି. ଏହି ଅବସରରେ ଏଆଇସିସି ଏବଂ ପିସିସି ସଭାପତି ଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମ ଜିଲ୍ଲା କଂଗ୍ରେସ (ପୂର୍ବ ) ପକ୍ଷରୁ ଶନିବାର ଦିନ ବ୍ରହ୍ମପୁର ଏଏପି ଙ୍କ ନିକଟରେ ଅପସ୍ଟିନ ବିରୁଦ୍ଧରେ ଏକ ମାମଲା ରୁଜୁ ହୋଇଛି । କେନ୍ଦ୍ର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏଆଇସିସି ଜାତୀୟ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଙ୍କ ଦୃଢ଼ ନେତୃତ୍ୱ ରେ ଦେଶକୁ ବଂଚାଇବା ପାଇଁ ଅପସ୍ଟିନ ଫାଇଲସ ରେ ନାମ ଥିବା ଦେଶର ପ୍ରଧାନମନ୍ତ୍ରୀ, ପେଟ୍ରୋଲିୟମ ମନ୍ତ୍ରୀ ଙ୍କ ସହିତ ଅନେକ ମନ୍ତ୍ରୀ ଙ୍କ ବିରୁଦ୍ଧରେ ଦେଶର ବିଭିନ୍ନ ସ୍ଥାନରେ କଂଗ୍ରେସ ପକ୍ଷରୁ ମାମଲା ରୁଜୁ କରାଯାଇଛି । ଏହି ଅବସରରେସଗଞ୍ଜାମ ଜିଲ୍ଲା କଂଗ୍ରେସ (ପୂର୍ବ ) ସଭାପତି ରଶ୍ମୀ ରଞ୍ଜନ ପଟ୍ଟନାୟକ ଙ୍କ ନେତୃତ୍ୱରେ ବ୍ରହ୍ମପୁର କଂଗ୍ରେସ କାର୍ଯ୍ୟାଳୟରୁ ସମସ୍ତ ନୂତନ ପଦାଧିକାରୀ ଙ୍କ ଗହଣରେ ଏସପି ଙ୍କ କାର୍ଯ୍ୟାଳୟ ପହଂଚି ଅପସ୍ଟିନ ଫାଇଲସ ରେ ସମ୍ପୃକ୍ତି ନେତାଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଥିଲେ. ଏହି ଅବସରରେ ପୂର୍ବତନ ମନ୍ତ୍ରୀ ରାଘବ ପରିଡା, ପୂର୍ବତନ ଗୋପାଳପୁର ବିଧାୟକ ତ୍ରିନାଥ ବେହେରା,ଉପସଭାପତି ବୃନ୍ଦାବନ ଖଟେଇ, ଅଶୋକ କୁମାର ପଟ୍ଟନାୟକ,ସାଧାରଣ ସମ୍ପାଦକ ଏ. ଗଣପତି ରାଓ, ଦତାତ୍ରେୟ ବେହେରା ଙ୍କ ସମେତ ଛତ୍ରପୁର ବ୍ଲକ ସଭାପତି ସୁଦାମ ପୁରୋହିତ , ଗଞ୍ଜାମ ବ୍ଲକ ରମେଶ ବେହେରା ରଙ୍ଗେଇଲୁଣ୍ଡା ବ୍ଲକ ସଭାପତି ଗୋକୁଳଚନ୍ଦ୍ର କର କୁକୁଡାଖଣ୍ଡି ବ୍ଲକ ସଭାପତି ସୁଶାନ୍ତ ପାଣି, ଚିକିଟି ବ୍ଲକ ସଭାପତି ନିଗମାନନ୍ଦ ପଣ୍ଡା,ପାତ୍ରପୁର ବ୍ଲକ ସଭାପତି ପ୍ରଶନ୍ନ କୁମାର ପ୍ରଧାନ,ରମ୍ଭା ଏନଏସି ସଭାପତି ଚକ୍ରପାଣି ବେହେରା ଏବଂ ଦିଗପହଣ୍ଡି ଏନଏସି ସଭାପତି ଦୀପକ ମିଶ୍ର ଙ୍କ ସମେତ ଏହି ସମସ୍ତ ବ୍ଲକ ସମ୍ପାଦକ ଓ ଅନ୍ୟାନ୍ୟ ପଦାଧିକାରୀ ଯୋଗ ଦେଇଥିଲେ. ମଧ୍ୟାହ୍ନ ରେ କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମ ପରିସରରେ ଆୟୋଜିତ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରେ ଗଞ୍ଜାମ ଜିଲ୍ଲା କଂଗ୍ରେସ (ପୂର୍ବ )ର ସମସ୍ତ ନବ ନିର୍ବାଚିତ କାର୍ଯ୍ୟକର୍ତା ଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା. ଏହି ଅବସରରେ ନୂତନ ଟିମ କୁ ନେଇ କଂଗ୍ରେସ ତାହାର ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରିବ ବୋଲି ଗଞ୍ଜାମ ଜିଲ୍ଲା କଂଗ୍ରେସ (ପୂର୍ବ ) ସଭାପତି ରଶ୍ମୀ ରଞ୍ଜନ ପଟ୍ଟନାୟକ ସୁଚନା ପ୍ରଦାନ କରିଥିଲେ ।

## ଜାତୀୟ ସ୍ତରୀୟ ଗୋଶାଳା କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ବାରିପଦା(ନି.ପ୍ର.) ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡିଆରେ ଫ୍ରେଣ୍ଡସ ୟୁନିୟନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସ୍ତରୀୟ ଗୋଶାଳା କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଂଟ ମହାସମାରୋହରେ ଉଦଯାପିତ ହୋଇଯାଇଛି ଓ ଫାଇନାଲ ମ୍ୟାଚରେ ପ୍ଲେ ବେକ ଚାଲେଞ୍ଜର ୧୩ ରନରେ ଦାନୀ - ୧୧ କୁ ପରାସ୍ତ କରି ଏ ବର୍ଷ ଚମ୍ପିୟାନ ହୋଇଛି ଓ ପ୍ଲେ ବେକ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୬ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଅଞ୍ଜନ କୁମାର ତାମରେକର ୪୧, ତାପସ କୁମାର ରାଉତ ୩୭ ଓ ଶଙ୍କର ସାହୁ ୨୫ ରନ କରିଥିଲେ ଓ ଉତରରେ ଦାନୀ ଦଳ ୧୧. ୪ ଓଭରରେ ସମସ୍ତ ଉଇକେଟ ହରାଇ ୧୩୬ ରନ କରିପାରିଥିଲେ ଓ ଦଳ ପକ୍ଷରୁ ସୌମ୍ୟରଞ୍ଜନ ଧଳ ୪୪ ଓ ପ୍ରବୀଣ କୁମାର ଘଣା ୩୦ ରନ କରିଥିବା ବେଳେ ବିପକ୍ଷ ଦଳର ଆଦିତ୍ୟ କୁମାର ବସା ୩ଟି ଏବଂ ସ୍ମିତ ସେଠି, ସଚିନ୍ଦ୍ର ନାଏକ ଓ ଅଞ୍ଜନ କୁମାର ତାମରେକର ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ ଓ ଗଦାଧର ନାୟକ ଓ ଲକ୍ଷ୍ମୀଧର ସିଂ ଖେଳ ପରିଚାଳନା କରିଥିବା ବେଳେ କରନ ଖାନ ସ୍କୋରିଂରେ ସହାୟତା କରିଥିଲେ ଓ ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ ଓ ମ୍ୟାନ ଅଫ ଦି ମ୍ୟାଚ ଭାବେ ଅଞ୍ଜନ ତାମରେକରଙ୍କୁ ସାଇକଲ, ଶ୍ରେଷ୍ଠ ବ୍ୟାଟ୍ସମେନ ଓ ମ୍ୟାନ ଅଫ ଦି ସିରିଜ ଭାବେ ରିତୁନ ମହାନ୍ତିଙ୍କୁ ୱାସିଙ୍ଗ ମେସିନ ଓ ହିରୋ ବାଇକ, ଶ୍ରେଷ୍ଠ ବୋଲର ଭାବେ ସ୍ମିତ ସେଠିଙ୍କୁ ଫ୍ରିଜ, ଶ୍ରେଷ୍ଠ ଫିଲଡର ଭାବେ ଆଦିତ୍ୟ ବସାଙ୍କୁ ସ୍ମାର୍ଟ ଘଡି ସହ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା ଓ ଚମ୍ପିୟାନ ଦଳକୁ ୨. ୫ ଲକ୍ଷ ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୨ ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା ଓ କମିଟିର ସଭାପତି ସୌମ୍ୟ ରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଯୋଗ ଦେଇ ପୁରସ୍କାର ବିତରଣ କରିବା ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ଅତିଥି ଭାବେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, କ୍ରୀଡ଼ାବିତ ପରେଶ ମହାନ୍ତ, କ୍ରୀଡା ସଂଗଠକ ଗିରିଶ ଚନ୍ଦ୍ର ଦାସ, ସ୍ଥାନୀୟ କାଉନସିଲର ବିବେକାନନ୍ଦ ନାୟକ, ସମାଜସେବୀ ଅମର ସେଠି, ଯୁବ କଣ୍ଠଶିଳ୍ପୀ ସୌରଭ ଭଟଦ୍ୱାଜ, ପୂର୍ବତନ କ୍ରିକେଟ ଖେଳାଳି ଲଳାଟେନ୍ଦୁ ବେହେରା, ବିକ୍ରମ ମହାନ୍ତି ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ପଙ୍କଜ ମହାକୁଡ଼ ମଂଚ ପରିଚାଳନା କରିଥିଲେ ଓ ଆୟୋଜନ କମିଟିର ସମସ୍ତ କର୍ମକର୍ତା ଓ ସଦସ୍ୟ ଟୁର୍ଣ୍ଣାମେଂଟକୁ ସଫଳ କରିଥିବାରୁ ସଭାପତି ଶ୍ରୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ଓ ପ୍ରକାଶ ଥାଉକି ଏହି ଟୁର୍ଣ୍ଣାମେଂଟରେ ଜାତୀୟ ସ୍ତରୀୟ ଟେନିସ ବଲ ଖେଳାଳି ଅଂକୁର ସିଂହ, ଜଗତ ସରକାର, ସରୋଜ ପାରମାଣିକ ଓ ଶିବମ କୁମାର ମଧ ଅଂଶଗ୍ରହଣ କରିଥିଲେ ।

# ଆଜି 'ସ୍ଥାୟୀ ଏବଂ ସୁଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି' ଶୀର୍ଷକ ବଜେଟ୍ ପରବର୍ତ୍ତୀ ୱେବିନାରକୁ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୩ ମାର୍ଚ୍ଚ ୨୦୨୬ ସକାଳ ୧୧:୧୫ରେ ଭିଡିଓ କନ୍ଫରେନ୍ସିଂ ମାଧ୍ୟମରେ "ସ୍ଥାୟୀ ଏବଂ ସୁଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି" ବିଷୟବସ୍ତୁ ଉପରେ ଆୟୋଜିତ ବଜେଟ୍ ପରବର୍ତ୍ତୀ ୱେବିନାରକୁ ସମ୍ବୋଧିତ କରିବେ । ଏହି ବିଷୟବସ୍ତୁ ଅନ୍ତର୍ଗତ, ବିଭିନ୍ନ କ୍ଷେତ୍ରକୁ ସାମିଲ କରି ଚାରୋଟି ଅଲଗା ୱେବିନାର ଅଧିବେଶନ ଆୟୋଜନ କରାଯାଉଛି । ସେଥିରେ (୧) ଉତ୍ପାଦନ, ଶିଳ୍ପ ଉନ୍ନୟନ ଏବଂ ରଣନୈତିକ କ୍ଷେତ୍ର (୨) ଲଘୁ ଏବଂ ମଧ୍ୟମ ଉଦ୍ୟୋଗ, ଆର୍ଥିକ ଏବଂ ବଜାର ପ୍ରବେଶ (୩) ସହର ଅର୍ଥନୈତିକ କ୍ଷେତ୍ର ଏବଂ (୪) ଭିତିଭୂମି, ଲଜିଷ୍ଟିକ୍ସ ଏବଂ ମାଲ ପରିବହନ ଅନ୍ତର୍ଭୁକ୍ତ । ବଜେଟ୍ ପରବର୍ତ୍ତୀ ୱେବିନାରରେ ଶିଳ୍ପ ସ୍ତର ବିସ୍ତାର, ପ୍ରଯୁକ୍ତିବିଦ୍ୟା ନେତୃତ୍ୱକୁ ଗଭୀର କରିବା ଏବଂ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡିକର ମୂଳଦୁଆକୁ ସୁଦୃଢ଼ କରିବା ପାଇଁ



ଭବିଷ୍ୟତ ସଂସ୍କାର ପ୍ରୟାସ ଉପରେ ଆଲୋକପାତ କରାଯିବ । ଆଲୋଚନାରେ ଏହି ପ୍ରାଥମିକତାଗୁଡିକୁ ପ୍ରଭାବଶାଳୀ କାର୍ଯ୍ୟରେ ପରିଣତ କରିବା ଉପରେ ଧ୍ୟାନ ଦିଆଯିବ । ଏଥିପାଇଁ ଉଦ୍ୟୋଗ ଜଗତର ଅଂଶଗ୍ରହଣକାରୀଙ୍କ କ୍ଷେତ୍ରୀୟ ଅନୁଭବ ଦ୍ୱାରା ମାର୍ଗଦର୍ଶନ ହାସଲ କରାଯିବ, ଯାହା ଅଧିକ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନରେ ସହାୟକ ହେବ ।

# ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଜାରି: ଭୁବନେଶ୍ୱର-ଦୁବାଇ ବିମାନ ସେବା ବାତିଲ




ଭୁବନେଶ୍ୱର: ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଜାରି ରହିଛି । ଏହି କାରଣରୁ ଭାରତରେ ଅନେକ ଘରୋଇ ବିମାନ ଉଡାଣକୁ ରଦ୍ଦ କରାଯାଇଛି । ସେଥିମଧ୍ୟରେ ଭୁବନେଶ୍ୱର-ଦୁବାଇ ବିମାନ ବାତିଲ୍ କରାଯାଇଛି । ଏନେଇ ସୂଚନା ଦେଲେ ଭୁବନେଶ୍ୱର ବିମାନ ବନ୍ଦର ନିର୍ଦ୍ଦେଶକ । ଭୁବନେଶ୍ୱରରୁ ଦୁବାଇକୁ ସୋମବାର, ବୁଧବାର ଓ ଶୁକ୍ରବାର ସିଧାସଳଖ ବିମାନ ଉଡାଣ ଭରୁଥିବାବେଳେ, ଆଜି ଦୁବାଇକୁ ଉଡ଼ିବାକୁ ଥିବା ବିମାନ ବାତିଲ୍ । ବୁଧବାର ଦୁବାଇକୁ ବିମାନ ଉଡ଼ିବ କି ନାହିଁ କାଲିର ସ୍ଥିତି ଦେଖି ନିଷ୍ପତି' ନିଆଯିବ । କାଲି ଅପଡେଟ୍ ମିଳବା ପରେ ଦୁବାଇ ବିମାନକୁ ନେଇ ନିଷ୍ପତି ନିଆଯିବ ବୋଲି କୁହାଯାଇଛି । ସୋମବାର ଦୁବାଇକୁ ବିମାନ ଯିବାର ସିଡ୍ୟୁଲ ଥିବାବେଳେ, ରବିବାର ଏହାକୁ ବାତିଲ କରିଦିଆଯାଇଛି । ଏୟାର ସ୍ପେସ୍ ନଥିବାରୁ ମଧ୍ୟପୂର୍ବ ଅଂଚଳ ପାଇଁ ବିମାନ ସେବା ବନ୍ଦ ରହିଛି । ଦୁବାଇ, ଆବୁ ଧାବି, ମାସକଟର୍ ପାଇଁ ଏୟାର ସ୍ପେସ୍ ନାହିଁ । ଗତ ଶୁକ୍ରବାର ଦିନ ଦୁବାଇକୁ ଭୁବନେଶ୍ୱରରୁ ଶେଷ ବିମାନ ଉଡାଣ ଭରିଥିଲା ।



# ଭାରତ-କାନାଡା ବାଣିଜ୍ୟ ୨୦୩୦ ସୁଦ୍ଧା ୫୦ ବିଲିୟନ ଡଲାରରେ ପହଂଚିବ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ଭାରତ ଏବଂ କାନାଡା ୨୦୩୦ ସୁଦ୍ଧା ବାଣିଜ୍ୟ ୫୦ ବିଲିୟନ ଡଲାରରେ ପହଂଚିବ ।ଉଭୟ ଦେଶ ଖୁବ୍ ଶୀଘ୍ର ବ୍ୟାପକ ଆର୍ଥିକ ସହଭାଗୀତା ଚୁକ୍ତିନାମା ସମାପ୍ତ କରିବାକୁ ମଧ ସହମତ ହୋଇଛନ୍ତି ।ଦୁଇ ଦେଶ ମଧ୍ୟରେ ବେସାମରିକ ପରମାଣୁ ଶକ୍ତି ପାଇଁ ଦୀର୍ଘକାଳୀନ ୟୁରାନିୟମ୍ ଯୋଗାଣ ପାଇଁ ଏକ ଐତିହାସିକ ଚୁକ୍ତି ହୋଇଛି ।ଦେଶରେ ଭାରତ-କାନାଡା ପଲ୍ସ ପ୍ରୋଟିନ୍ ସେଂଟର ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା କରାଯିବ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ସୋମବାର ଦିଲ୍ଲୀର ହାଇଦ୍ରାବାଦ ହାଉସରେ ଦ୍ୱିପାକ୍ଷିକ ପ୍ରତିନିଧିମଣ୍ଡଳସ୍ତରୀୟ ଆଲୋଚନା କରିଥିଲେ । ଆଲୋଚନା ପରେ, ଉଭୟ ନେତାଙ୍କ ଉପସ୍ଥିତିରେ ପ୍ରତିରକ୍ଷା, ଶିକ୍ଷା, କୃଷି ଏବଂ ନବସୃଜନ ଭଳି କ୍ଷେତ୍ରରେ ସହଯୋଗ ପାଇଁ ଚୁକ୍ତିନାମା ଆଦାନପ୍ରଦାନ କରାଯାଇଥିଲା । ପ୍ରଧାନମନ୍ତ୍ରୀ



ମୋଦୀ ତାଙ୍କ ପ୍ରେସ୍ ବିବୃତିରେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ତ୍ୱରାନ୍ୱିତ କରିବା ପାଇଁ ପରିଦର୍ଶକ ନେତାଙ୍କୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ ଆଗାମୀ ବାଣିଜ୍ୟ ଚୁକ୍ତିନାମା ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଏବଂ ନିବେଶକୁ ବୃଦ୍ଧି କରିବ । ଅତ୍ୟାବଶ୍ୟକୀୟ ଖଣିଜ ପଦାର୍ଥ ଉପରେ ଚୁକ୍ତିନାମା ଯୋଗାଣକୁ ମଜବୁତ କରିବ । ଉଭୟ ଦେଶର ଷ୍ଟାର୍ଟଅପ୍ ଏବଂ ବ୍ୟବସାୟ ମହାକାଶ କ୍ଷେତ୍ରରେ ସଂଯୋଗ ହେବ ।ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତ ଏବଂ କାନାଡା ନବୀକରଣୀୟ ଶକ୍ତି ଏବଂ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ସହଯୋଗକୁ ପ୍ରୋତ୍ସାହିତ କରିବେ ଏବଂ ଏହି ବର୍ଷ ଭାରତରେ ଏକ ସମ୍ପର୍କିତ ସମ୍ମିଳନୀ ଅନୁଷ୍ଠିତ ହେବ । ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ପାଇଁ, ଦୁଇ ଦେଶ ଭାରତ-କାନାଡା ପ୍ରତିରକ୍ଷା ଆଲୋଚନା ସ୍ଥାପନ କରିବାକୁ ମଧ ନିଷ୍ପତି ନେଇଛନ୍ତି । ସେ ଏହା ମଧ କହିଛନ୍ତି ଯେ କାନାଡା ବିଶ୍ୱ ଜୈବ ଇନ୍ଧନ ଏବଂ ସୌର ଶକ୍ତି ଆଲାଏନ୍ସରେ ଯୋଗ ଦେବାକୁ ନିଷ୍ପତି ନେଇଛି ।ପ୍ରଧାନମନ୍ତ୍ରୀ ଆତଙ୍କବାଦ ଏବଂ ଉଗ୍ରବାଦକୁ ମାନବତା ପାଇଁ ଏକ ସାଧାରଣ ଚ୍ୟାଲେଞ୍ଜ ଭାବରେ ବର୍ଣ୍ଣନା କରିଥିଲେ ଏବଂ ବିଶ୍ୱ ଶାନ୍ତି ଏବଂ ସ୍ଥିରତା ପାଇଁ ସେମାନଙ୍କ ବିରୁଦ୍ଧରେ ଦୁଇ ଦେଶ ମଧ୍ୟରେ ସହଯୋଗ ଜରୁରୀ ବୋଲି ଗୁରୁତ୍ୱାରୋପ କରିଥିଲେ । ପଶ୍ଚିମ ଏସିଆର ବର୍ତ୍ତମାନର ପରିସ୍ଥିତି ଉପରେ ଗଭୀର ଚିନ୍ତା ପ୍ରକାଶ କରି ପ୍ରଧାନମନ୍ତ୍ରୀ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ସମସ୍ତ ବିବାଦର ସମାଧାନକୁ ସମର୍ଥନ କରିଥିଲେ । ସେ ଏହା ମଧ କହିଛନ୍ତି ଯେ ଭାରତ ବର୍ତ୍ତମାନର ପରିସ୍ଥିତିରେ ସମସ୍ତ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମସ୍ତ ଦେଶ ସହିତ କାମ ଜାରି ରଖିବ ।

# ଷ୍ଟଡି ଇନ୍ ଇଣ୍ଡିଆ ଏଡୁ-ଡିପ୍ଲୋମାଟିକ କନକ୍ଲେଭ

## ଭାରତକୁ ବିଶ୍ୱର ଜ୍ଞାନ ସେତୁ ଭାବେ ଗଢ଼ିବା : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ : ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଆସିଥିବା ବୈପ୍ଲବିକ ପରିବର୍ତ୍ତନ ଏବଂ ଭାରତକୁ ଏକ ବିଶ୍ୱସ୍ତରୀୟ ଶିକ୍ଷା କେନ୍ଦ୍ର ଭାବେ ଗଢ଼ିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି । ବିଶ୍ୱ ଅର୍ଥନୀତିର ବର୍ତ୍ତମାନର ଅସ୍ଥିରତା ମଧ୍ୟରେ ଭାରତ ଏକ 'ଉଜ୍ଜ୍ୱଳ କେନ୍ଦ୍ର' ଭାବେ ଉଭା ହୋଇଛି, ଯାହା ଶିକ୍ଷାଦାନ, ଗବେଷଣା ଏବଂ ନବସୃଜନ ପାଇଁ ସାରା ବିଶ୍ୱକୁ ଏକ ସୁରକ୍ଷିତ ଓ ପ୍ରଗତିଶୀଳ ସ୍ଥାନ ପ୍ରଦାନ କରୁଛି । 'ଷ୍ଟଡି ଇନ୍ ଇଣ୍ଡିଆ' ଏଡୁ-ଡିପ୍ଲୋମାଟିକ କନକ୍ଲେଭରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ଏହା କହିଛନ୍ତି । ଜାତୀୟ ଶିକ୍ଷା ନୀତି ୨୦୨୦ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିଛି । ଏହି ନୀତି ଶିକ୍ଷାକୁ କେବଳ ଡିଗ୍ରୀ ହାସଲ ମଧ୍ୟରେ ସୀମିତ ନ ରଖି ଏହାକୁ କର୍ମନିପୁଣ ଏବଂ ବହୁମୁଖୀ କରିଛି । ଭାରତ ଆଜି ଶିକ୍ଷା କ୍ଷେତ୍ରରେ ଗୁଣବତା, ନବସୃଜନ ଏବଂ ସୁଲଭତା ଉପରେ ଧ୍ୟାନ ଦେଉଛି, ଯାହା ବିଶ୍ୱର ଯେକୌଣସି ଶିକ୍ଷାର୍ଥୀ



ପାଇଁ ଏକ ଆକର୍ଷଣୀୟ ବିକଳ୍ପ । 'ଷ୍ଟଡି ଇନ୍ ଇଣ୍ଡିଆ' ପଦକ୍ଷେପ ମାଧ୍ୟମରେ ଭାରତ ନିଜର ଶୈକ୍ଷିକ ସୀମାକୁ ବ୍ୟାପକ କରୁଛି । ଆମେ ବିଦେଶୀ ଛାତ୍ରଛାତ୍ରୀ ଏବଂ ଗବେଷକମାନଙ୍କ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରୁଛୁ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଭାରତର ଜ୍ଞାନ ଭଣ୍ଡାର, ଯୁବ ଶକ୍ତି ଏବଂ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହେଉଛି ଆମର ସବୁଠାରୁ ବଡ଼ ଶକ୍ତି । ଆମେ ଶିକ୍ଷାର ଆନ୍ତର୍ଜାତୀୟକରଣ ଦିଗରେ ଦ୍ରୁତ ପଦକ୍ଷେପ ନେଉଛୁ, ଯାହା ଦ୍ୱାରା ବିଶ୍ୱର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନଗୁଡ଼ିକ ଭାରତ ସହ ସହଭାଗୀ ହୋଇପାରିବେ । ଏଆଇ, ବାୟୋଟେକ୍, ସେମିକଣ୍ଡକ୍ଟର ଠାରୁ ଆରମ୍ଭ କରି ସ୍ଥାୟୀ ଶକ୍ତି ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଭାରତ ଆଜି ଏକ ବିଶ୍ୱସ୍ତ ସହଭାଗୀ ଭାବେ ଉଭା ହୋଇଛି । ଭାରତ ଏକ 'ଗ୍ଲୋବାଲ ସାଉଥ୍' ମଡେଲ ଉପରେ କାର୍ଯ୍ୟ କରୁଛି, ଯାହା ସହଯୋଗ ଓ ଜ୍ଞାନର ଆଦାନପ୍ରଦାନ ଉପରେ ଆଧାରିତ । ଭାରତର ଏହି ଦ୍ରୁତ ଅଭିବୃଦ୍ଧିଶୀଳ ଏବଂ ନବସୃଜନ-ଭିତିକ ଶିକ୍ଷା ଯାତ୍ରାରେ ସହଭାଗୀ ହେବାକୁ ଆମନ୍ତ୍ରଣ କରିଛନ୍ତି । ସେ ଆହୁରି କହିଛନ୍ତି ଯେ ଆମେ ଏପରି ଏକ ଶିକ୍ଷା ବ୍ୟବସ୍ଥା ଗଠନ କରିବା, ଯାହା କେବଳ ବ୍ୟକ୍ତିବିଶେଷ ନୁହେଁ ବରଂ ସମଗ୍ର ବିଶ୍ୱର କଲ୍ୟାଣ ପାଇଁ କାର୍ଯ୍ୟ କରିବ । ସମସ୍ତଙ୍କ ପାଇଁ ଶିକ୍ଷା ଏବଂ ସମସ୍ତଙ୍କ ସହଯୋଗରେ ବିକାଶ ହିଁ ଭାରତର ମୂଳ ମନ୍ତ୍ର । ଏହି କନକ୍ଲେଭ ଭାରତର ଶୈକ୍ଷିକ କୂଟନୀତିକୁ ଏକ ନୂତନ ଦିଶା ପ୍ରଦାନ କରିବ ବୋଲି କେନ୍ଦ୍ରମନ୍ତ୍ରୀ ବ୍ୟକ୍ତ କରିଛନ୍ତି । ଏହି କ୍ଲନକେଭରେ ବିଶ୍ୱର ୫୦ରୁ ଅଧିକ ଦେଶର ରାଷ୍ଟ୍ରଦୂତ, ହାଇକମିଶନର ଏବଂ କୂଟନୀତିଜ୍ଞ ଯୋଗ ଦେଇଥିଲେ ।

# ରାସ୍ତାର ଭିତିପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ




ବୁଗୁଡ଼ା : ଓଡ଼ିଶା ସରକାର ଗ୍ରାମ୍ୟ ଉନ୍ନୟନ ବିଭାଗ ଗ୍ରାମ୍ୟ ରାସ୍ତାର ଉନ୍ନତିକରଣ ଯୋଜନା ଆନୁକୂଲ୍ୟରେ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବୁଗୁଡ଼ା ସିନେମା ହଲ ଛକ ଓ ଗୋଳାବନ୍ଧ ଠାକୁରାଣୀଙ୍କ ମନ୍ଦିର ଠାରେ ଦୁଇଟି ଗ୍ରାମ୍ୟ ରାସ୍ତାର ଉନ୍ନତିକରଣ ସକାଶେ ସୋମବାର ଦିନ ଓଡ଼ିଶାର ସରକାରଙ୍କ ମୁଖ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ,ଅଣୁ ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ପୂଜା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ପରେ ମନ୍ତ୍ରୀ ବୁଗୁଡ଼ା ସିନେମା ହଲ ଛକରେ ବୁଗୁଡ଼ା ପୂର୍ତ୍ତ ବିଭାଗ ରାସ୍ତାଠାରୁ ଗୋଳାବନ୍ଧ, ସଙ୍କୁରୁ ଦେଇ ଭୋଗଡା ପର୍ଯ୍ୟନ୍ତ ପ୍ରାୟ ୧୨ କୋଟି ଟଙ୍କା ବିନିଯୋଗରେ ରାସ୍ତା ଉନ୍ନତିକରଣ ପାଇଁ ଭିତିପ୍ରସ୍ତର ସ୍ଥାପନ କରିଥିଲେ ।ସେହିପରି ମନ୍ତ୍ରୀ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଗୋଳାବନ୍ଧ ଠାକୁରାଣୀ ମନ୍ଦିର ଠାରେ ଗୋଳାବନ୍ଧ ଠାରୁ ଠଣାପଲ୍ଲୀ ପର୍ଯ୍ୟନ୍ତ ଗ୍ରାମ୍ୟ ରାସ୍ତାର ଉନ୍ନତିକରଣ ନେଇ ୪ କୋଟି ୧୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ରାସ୍ତାର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବୁଗୁଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ୍ ?ଡିଓ ସଞ୍ଜୀବ ପାତ୍ର, ନଗର ଭାଜପା ସଭାପତି କେଦାରନାଥ ମହାରଣା, ଠିକାଦାର ନୀଳମାଧବ ସାହୁ, ରବୀନ୍ଦ୍ର ନାଥ ପଣ୍ଡା, ସୁବ୍ରତ ପାତ୍ରଙ୍କ ସମେତ ସୁଶାନ୍ତ କୁମାର ଡାକୁଆ, ଡି ଶେଷଦେବ ପାତ୍ର, ବିଚିତ୍ର କୁମାର ପାଣିଗ୍ରାହୀ, ଗଙ୍ଗାଧର ବିଷୋୟୀ, ସନ୍ତୋଷ କୁମାର ବିଶ୍ୱାଳ, ଯୁ ଯଜ୍ଞ ନାରାୟଣ ପାତ୍ର, ବସନ୍ତ କୁମାର ଦଳେଇ, ଭାଜପା କର୍ମକର୍ତ୍ତାଗଣ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଏନଏବିଏମ ପରିସରରେ 'ମାୟା ସାହିତ୍ୟ' ପକ୍ଷରୁ ସାହିତ୍ୟିକ ଆଲୋଚନାଚକ୍ର

## ସମାଜ ଗଠନରେ ସାହିତ୍ୟର ଭୂମିକା ଅପରିହାର୍ଯ୍ୟ : ଅଖିଳ କୁମାର ମିଶ୍ର

ଭୁବନେଶ୍ୱର : ଆଜି ଭୁବନେଶ୍ୱର ସ୍ଥିତ ଏନଏବିଏମ ସମ୍ମିଳନୀ କକ୍ଷରେ 'ମାୟା ସାହିତ୍ୟ' ଆନୁକୂଲ୍ୟରେ ଏକ ଭବ୍ୟ ସାହିତ୍ୟିକ ଆସର ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ଓଡ଼ିଶା ଏବଂ ଝାଡ଼ଖଣ୍ଡ ପ୍ରାନ୍ତ ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ବିଶିଷ୍ଟ କବି ତଥା ବରିଷ୍ଠ ସାହିତ୍ୟିକ ହର ପ୍ରସାଦ ଦାସ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ । ଏହା ସହ ରାଜ୍ୟର ବହୁ ମାନ୍ୟଗଣ୍ୟ କବି,




ସାହିତ୍ୟିକ ତଥା ବୁଦ୍ଧିଜୀବୀମାନେ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ । ଶ୍ରୀ ମିଶ୍ର କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କହିଥିଲେ ଯେ, ସମାଜ ଗଠନରେ ସାହିତ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାହିତ୍ୟ ମାଧ୍ୟମରେ ହିଁ ଆମର ଭାଷା, ସଂସ୍କୃତି ଓ ଚିନ୍ତାଧାରାର ସଂରକ୍ଷଣ ସମ୍ଭବ ହୋଇଥାଏ, ତେଣୁ ଆଜିର ଯୁବ ପିଢ଼ିଙ୍କୁ ସାହିତ୍ୟ ପ୍ରତି ଅଧିକ ଆକୃଷ୍ଟ କରିବା ଆବଶ୍ୟକ । ବିଶିଷ୍ଟ ସାହିତ୍ୟିକ ଶ୍ରୀ ହର ପ୍ରସାଦ ଦାସ ବିଶ୍ୱ ସାହିତ୍ୟ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟର ସ୍ଥିତି ଓ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଓଡ଼ିଆ ସାହିତ୍ୟର ମୂଳଦୁଆ ଅତି ସୁଦୃଢ଼ ଏବଂ ସମାଜକୁ ସଠିକ୍ ଦିଗରେ ଆଗେଇ ନେବାରେ ଏହାର ଭୂମିକା ଅପରିସୀମ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମାୟା ସାହିତ୍ୟର ନିର୍ଦ୍ଦେଶକ ପ୍ରମୋଦ ପ୍ରଧାନ ସ୍ୱାଗତ ଭାଷଣ ରଖିଥିବା ବେଳେ ଶେଷରେ କବି ଅମରେନ୍ଦ୍ର ମାଧବ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମ୍ମିଳନୀରେ ବିଶିଷ୍ଟ କବି ଓ ଅନୁବାଦକ କମଳ ପ୍ରସାଦ ମହାପାତ୍ର,ବିଶିଷ୍ଟ କବି ଓ ସଂପାଦକ ସଂଗ୍ରାମ ଜେନା,କବି ଓ ଅନୁବାଦକ ସୂର୍ଯ୍ୟ ମିଶ୍ର, କବି ରକ୍ଷକ ନାୟକ, ସଂପାଦୀକା ମଧୁଲିତା ପରିଡା,କବି ଅକ୍ଷୟ କୁମାର ବେହେରା, କବି ସୁଧିର ମଉଡମଣୀ, ଗାଳ୍ପିକ ଅମରେଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ ନିଜ ନିଜର ମତ ଓ ଅଭିଜ୍ଞତା ବାଂଟିଥିଲେ ।

# ଜାନୁଆରୀ-୨୦୨୬ ଶିକ୍ଷାବର୍ଷ ପାଇଁ ଇଗ୍ନୋର ନାମଲେଖା ଅବଧି ୧୫ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି

ଭୁବନେଶ୍ୱର : ଶିକ୍ଷାର୍ଥୀମାନଙ୍କ ସୁବିଧା ଓ ବିଭିନ୍ନ ବର୍ଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ଜାନୁଆରୀ-୨୦୨୬ ଶିକ୍ଷାବର୍ଷ ପାଇଁ ନାମଲେଖା ଅବଧିକୁ ଚଳିତ ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ ବଢ଼ାଇଛି । ସାର୍ଟିଫିକେଟ୍ ଓ ସେମିଷ୍ଟାର-ଆଧାରିତ ପାଠ୍ୟକ୍ରମଗୁଡ଼ିକ ଏହି ବୃଦ୍ଧିର ଅଧୀନ ନୁହେଁ । ଆଗ୍ରହୀ ପ୍ରାର୍ଥୀମାନେ ବିଭିନ୍ନ ସ୍ନାତକ ଓ ସ୍ନାତକୋତର ପାଠ୍ୟକ୍ରମରେ ଭର୍ତ୍ତି ପାଇଁ ଇଗ୍ନୋର ଆଧିକାରିକ ୱେବସାଇଟ www.ignou.ac.in ମାଧ୍ୟମରେ ଅଧିକ ବିବରଣୀ ଜାଣିପାରିବେ । ଅନଲାଇନ୍ ନାମଲେଖା ପାଇଁ ସିଧାସଳଖ ଲିଙ୍କ ହେଲା: https://ignouadmission.samarth.edu.in ଅଣ୍ଡର ଗ୍ରାଜୁଏଟ ପ୍ରୋଗ୍ରାମ ରେ ଭର୍ତ୍ତି ହେଉଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖା ଓ ପୁନଃ ପଞ୍ଜୀକରଣ ଶୁଳ୍କରେ ୫୦ ପ୍ରତିଶତ ରିହାତି ଦିଆଯାଇଛି । କିନ୍ତୁ ଯେଉଁ ଛାତ୍ରଛାତ୍ରୀମାନେ ଅନ୍ୟ କୌଣସି ସୂତ୍ରରୁ ଶୁଳ୍କ ରିହାତି ପାଉଛନ୍ତି, ସେମାନେ ଏହି ସୁବିଧା ପାଇବାକୁ ଯୋଗ୍ୟ ହେବେ ନାହିଁ । ଅଧିକ ସୂଚନା ପାଇଁ ଆଶାୟୀ ପ୍ରାର୍ଥୀମାନେ ଇଗ୍ନୋ ଆଂଚଳିକ କେନ୍ଦ୍ର, ଭୁବନେଶ୍ୱର ସହିତ ଯୋଗାଯୋଗ କରିପାରିବେ । ଏଥିପାଇଁ ଟେଲିଫୋନ ନମ୍ବର ୦୬୭୪-୨୩୦୧୩୪୮ କିମ୍ବା ୨୯୭୧୦୭୧ ଏବଂ ଇ-ମେଲ୍ rcbhubaneswar@ignou.ac.in କିମ୍ବା admissionrc21@ignou.ac.in ଜରିଆରେ ସହାୟତା ପାଇଁ ଯୋଗାଯୋଗ କରିବାକୁ ଆଂଚଳିକ ନିର୍ଦ୍ଦେଶକ ଡ଼. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି ।

# ଆଫଗାନିସ୍ତାନ ବିପକ୍ଷରେ ପ୍ରଥମ ଦିନିକିଆ ସିରିଜ ଖେଳିବ ଭାରତ




ନୂଆଦିଲ୍ଲୀ: ଟି୨୦ ବିଶ୍ୱକପ ୨୦୨୬ ଅବସରରେ ଭାରତୀୟ କ୍ରିକେଟ କଂଟ୍ରୋଲ ବୋର୍ଡ ଏକ ବଡ ଘୋଷଣା କରିଛି । ଆଇପିଏଲ ୨୦୨୬ ପରେ ଭାରତୀୟ ଟିମ ପ୍ରଥମ ଥର ପାଇଁ ଆଫଗାନିସ୍ତାନ ବିପକ୍ଷରେ ଦିନିକିଆ ସିରିଜ ଖେଳିବ । ଉଭୟ ଦେଶ ମଧ୍ୟରେ ଗୋଟିଏ ଟେଷ୍ଟ ଓ ୩ଟି ଦିନିକିଆ ମ୍ୟାଚ ଖେଳାଯିବ । ବିସିସିଆଇର ଏହାର କାର୍ଯ୍ୟସୂଚୀ ଘୋଷଣା କରିଛି । ୬ରୁ ୧୦ ଜୁନ ମଧ୍ୟରେ ନ୍ୟୁ ଚଣ୍ଡୀଗଡରେ ଏକମାତ୍ର ଟେଷ୍ଟ ମ୍ୟାଚ ଖେଳାଯିବ । ଏହା ପରେ ୩ଟି ଦିନିକିଆ ମ୍ୟାଚ ଆୟୋଜିତ ହେବ । ୨୦୧୮ରେ ଉଭୟ ଦେଶ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ ଖେଳା ଯାଇଥିଲା । ଯାହାକି ଆଫଗାନିସ୍ତାନର ପ୍ରଥମ ଆନ୍ତର୍ଜାତୀୟ ଟେଷ୍ଟ ଥିଲା । ପ୍ରଥମ ଦିନିକିଆ ଜୁନ ୧୪ରେ ଧର୍ମଶାଳାରେ ଖେଳାଯିବ । ଦ୍ୱିତୀୟ ଓ ତୃତୀୟ ଦିନିକିଆ ଯଥାକ୍ରମେ ୧୭ ଓ ୨୦ରେ ଆୟୋଜିତ ହେବ । ଏହି ୨ଟି ମ୍ୟାଚ ଲକ୍ଷ୍ନୌ ଓ ଚେନ୍ନାଇରେ ଖେଳାଯିବ । ଭାରତୀୟ ପ୍ରଶଂସକଙ୍କ ପାଇଁ ଏହି ସିରିଜ ବେଶ ଖାସ ରହିବ । ୨ ଅଭିଜ୍ଞ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଏହି ସିରିଜରେ ଖେଳିବେ । ଆଇପିଏଲ ୨୦୨୬ ପରେ ଟିମ ଚୟନ କରାଯିବ ।

# ଜାହୀର ଖାଁଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଲା ବିସିସିଆଇ

ନୂଆଦିଲ୍ଲୀ: ଟିମ ଇଣ୍ଡିଆ ଚଳିତ ଟି୨୦ ବିଶ୍ୱକପରେ ଭଲ ପ୍ରଦର୍ଶନ ଜାରୀ ରଖିଛି । ତେବେ ଦଳର ପେସ ବୋଲରଙ୍କ ଫର୍ମ ଏବଂ ଫିଟନେସ ସର୍ବଦା ଏକ ସମସ୍ୟା ହୋଇ ରହି ଆସିଛି । ଏବେ ଏହାର ସମାଧାନ ପାଇଁ ବିସିସିଆଇ ଭାରତୀୟ କ୍ରିକେଟ ଦଳର ପୂର୍ବତନ ପେସ ବୋଲର ଜାହୀର ଖାଁଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଛି । ବେଙ୍ଗାଲୁର ସେଂଟର ଅଫ ଏକ୍ସିଲେନ୍ସରେ ବିସିସିଆଇ ପେସ ବୋଲରଙ୍କ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ କରୁଛି । ଟ୍ରୟ କୂଲୀ ଅବସର ନେବା ପରେ ଏବେ ପ୍ରଶିକ୍ଷଣ ଦେବା ପାଇଁ କେହି ନାହାନ୍ତି । ବିସିସିଆଇ ଜାହୀରଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛି । ସିଓଇର ମୁଖ୍ୟ ଭିଭିଏସ ଲକ୍ଷ୍ମଣଙ୍କ ସହ ମିଶି ଜାହୀର କାମ କରିବେ । ଜାହୀର ଜଣେ ଅଭିଜ୍ଞ ବୋଲର




ହୋଇଥିବାରୁ ତାଙ୍କ ପ୍ରଶିକ୍ଷଣ ଯୁବ ପେସରଙ୍କୁ ସହାୟତା ପ୍ରଦାନ କରିବ ବୋଲି ଆଶା କରାଯାଉଛି । ୪୭ ବର୍ଷୀୟ ଜାହୀର ୯୨ ଟେଷ୍ଟରେ ୩୧୧ ଓ ୨୦୦ ଦିନିକିଆରେ ୨୮୨ ୱିକେଟ ନେଇଛନ୍ତି । ସେ ୧୭ ଟି୨୦ ମ୍ୟାଚରେ ୨୦ ୱିକେଟ ହାସଲ କରିଛନ୍ତି । ସେହିପରି ଆଇପିଲରେ ସେ ୧୦୨ ୱିକେଟ ନେଇଛନ୍ତି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**